

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୫ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 15 DECEMBER 2020
Vol.No. 30 ■ No. 317 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାଙ୍କଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କୃଷକ ବିରୋଧୀ ଆଇନ ରଦ୍ଦ କରିବା ଦାବିରେ ରାଜ୍ୟ ତମାମ ଆନ୍ଦୋଳନ



ଭୁବନେଶ୍ୱର,୧୪।୧୨ (ନି.ପ୍ର): ସଂଯୁକ୍ତ କିଷାନ ମୋର୍ଚ୍ଚାର ଡାକରାରେ ଏବଂ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ସମନ୍ୱୟରେ ଆହୁତ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଧାରଣା କାର୍ଯ୍ୟକ୍ରମ ସାରା ରାଜ୍ୟରେ ସଂଗଠିତ ହୋଇଯାଇଛି । ରାଜଧାନୀ ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତ ତରଫରୁ ଆୟୋଜିତ ଏହି ଧାରଣାକୁ ସମର୍ଥନ କରି ଟ୍ରେଡ୍ ୟୁନିୟନ ନେତୃବୃନ୍ଦ ଏବଂ ମହିଳା ଯୁବ-ଛାତ୍ର ସଂଗଠନର ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ ଏବଂ ବକ୍ତବ୍ୟ ରଖିଥିଲେ । କୃଷକ ସଂଘର୍ଷ ସମନ୍ୱୟ ସମିତି ତରଫରୁ ଦୃଢ ଭାବେ କୁହାଯାଇଛି ଯେ ଦିଲ୍ଲୀର ହାଡଭଙ୍ଗା ଶୀତରେ ୧୮ ଦିନ ଧରି ଦିଲ୍ଲୀ ଚଲ୍ଲୋ କୃଷକ ଆନ୍ଦୋଳନ ଜାରି ରହିଛି । ଜନ ସମର୍ଥନ ଏବଂ ଜନମତ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କୃଷକମାନଙ୍କ ସପକ୍ଷରେ ଅଭୂତ ପୂର୍ବ ଜନ ସମର୍ଥନକୁ ମୋଦି ସରକାର ସ୍ୱୀକାର କରି ଅବିଳମ୍ବେ କିଷାନ ବିରୋଧୀ ଆଇନ ଗୁଡିକୁ ରଦ୍ଦ କରାଯାଉ । କୃଷକ, କୃଷି ଶ୍ରମିକ ଏବଂ ଭାଗଚାଷୀମାନଙ୍କୁ ଜିବୀକାରୁ ଉଚ୍ଛେଦ କରିବା ପାଇଁ ଆସିଥିବା କଂଟ୍ରାକ୍ଟ ଫାର୍ମିଂ ଆଇନ୍ ସଂପୂର୍ଣ୍ଣ ଭାବେ କୃଷକ ବିରୋଧି ବୋଲି କୁହାଯାଇଛି । ଏ ପି ଏମ୍ ସି ଆଇନ ଏବଂ ସରକାରୀ ମଣ୍ଡି ବ୍ୟବସ୍ଥାକୁ ଅକାମୀ କରି ଆସିଥିବା ପ୍ରାଇଭେଟ୍ ମଣ୍ଡି ଆଇନ୍ କୃଷକମାନଙ୍କର ଆୟ ଏବଂ ଜିବୀକାକୁ ସର୍ବନାଶ କରିବ । ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ସଂଶୋଧନ ଫଳରେ ମହଜୁଦକାରୀ ଏବଂ କଳାବଜାରୀ କରୁଥିବା ବୃହତ ବ୍ୟବସାୟୀମାନେ କୃତ୍ରିମ ଅଭାବ ସୃଷ୍ଟିକରି ଲଗାମହୀନ ଭାବେ ଦରବୃଦ୍ଧି କରୁଛନ୍ତି । ଯାହାକି ଆଳୁ, ଡାଲି, ତେଲ, ପିଆଜ ଇତ୍ୟାଦିରେ ଖାଉଟିଙ୍କ ଉପରେ ଦରବୃଦ୍ଧି ଜନିତ ଯନ୍ତ୍ରଣାର ବୋଝକୁ ଲଦି ଦିଆଯାଇଛି । ନୂତନ ବିଦ୍ୟୁତ୍ ବିଲ୍ ନାମରେ ବିଦ୍ୟୁତ୍ ସେବାର ଉତ୍ପାଦନ, ସଂଗ୍ରହ ଏବଂ ବିତରଣ ଇତ୍ୟାଦି ସବୁ କ୍ଷେତ୍ରକୁ ଘରୋଇକରଣ କରିବା ପାଇଁ କେନ୍ଦ୍ର ସରକାର ମସୁଧା କରୁଛନ୍ତି ।

▶▶ପୃଷ୍ଠା ୭

## ଲିଙ୍ଗରାଜ ମନ୍ଦିର ସ୍ୱତନ୍ତ୍ର ଅଧ୍ୟାଦେଶକୁ କ୍ୟାବିନେଟ୍ ମଂଜୁରୀ

### - ପୁରୀ ଶ୍ରୀମନ୍ଦିର ଭଳି ଲିଙ୍ଗରାଜ ମନ୍ଦିର ପାଇଁ ହେବ ଆଇନ
### - ଗଠନ ହେବ ୧୫ ଜଣିଆ ପରିଚାଳନା କମିଟି, ନିଯୁକ୍ତ ହେବେ ପ୍ରଶାସକ



ଭୁବନେଶ୍ୱର,୧୪।୧୨ (ନି.ପ୍ର): ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଅନୁରୂପ ଶ୍ରୀଲିଙ୍ଗରାଜ ମନ୍ଦିର ଲାଗି ଅଧ୍ୟାଦେଶକୁ ଓଡ଼ିଶା କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏଥିସହ ଯାଜପୁର ଓ ପୁରୀ ମେଡିକାଲ କଲେଜ ନିର୍ମାଣ ପାଇଁ ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। କ୍ୟାବିନେଟ୍ ବୈଠକରେ ଆଇନ ଓ ପୂର୍ତ୍ତ ବିଭାଗ ସଂପୃକ୍ତ ଦୁଇଟି ପ୍ରମୁଖ ନିଷ୍ପତି ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ପରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ମୁଖ୍ୟ ସଚିବ ଅସିତ୍ କୁମାର ତ୍ରିପାଠୀ

▶▶ପୃଷ୍ଠା ୭

## ପରୀ ହତ୍ୟା ଘଟଣାରେ ଶିଶୁ ସୁରକ୍ଷା ଆୟୋଗଙ୍କୁ ଘେରିଲା ବିଜେପି ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୧୪।୧୨ (ନି.ପ୍ର): ପରୀ ହତ୍ୟା ଘଟଣାରେ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ହତ୍ୟାକାଣ୍ଡକୁ ବଳି ଆଖ୍ୟା ଦେଇଥିଲେ । ହତ୍ୟା ଘଟଣାରୁ ଦୃଷ୍ଟି ହଟାଇବା ପାଇଁ ବଳି ଦେବା ଭଳି କୁପ୍ରଥାକୁ ପ୍ରଚାର କରିବା ଏବଂ ଶାସକ ଦଳକୁ ସୁରକ୍ଷା ଦେବା ବିରୁଦ୍ଧରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ଶିଶୁ ସୁରକ୍ଷା ଆୟୋଗ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଧକ୍ଷାଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିଛନ୍ତି । ଗତ ୪ ମାସ ତଳେ ନୟାଗଡରେ ୫ ବର୍ଷର ଶିଶୁ ପରୀକୁ କିଛି ଦୁର୍ବୃତ ଅପହରଣ କରି ହତ୍ୟା କରିଥଲେ । ପରିବାର ସଦସ୍ୟ ବାରମ୍ବାର ପୋଲିସ ପାଖରେ ଅଭିଯୋଗ କରିଥିଲେ ବି ପୋଲିସ ଶାସକ ଦଳ ଚାପରେ ଏଯାବତ୍ ମୁଖ୍ୟ ଆସାମୀ ବାବୁଲି ନାଏକଙ୍କୁ ଗିରଫ କରିପାରିଲା ନାହିଁ । ମନ୍ତ୍ରୀ ଅରୁଣ ସାହୁଙ୍କ ଛତ୍ରଛାୟା ତଳେ ମୁଖ୍ୟ ଅଭିଯୁକ୍ତ ପରୀକୁ ହତ୍ୟା କରି ତା'ର ଅଙ୍ଗ ତସ୍କରି କରିଛି । ଏନସିଆରବି ରିପୋର୍ଟ ଅନୁଯାୟୀ ରାଜ୍ୟରେ ଗତ ୨ବର୍ଷ ମଧ୍ୟରେ ୫୩୨୩ ଜଣ ଶିଶୁ ନିଖୋଜ ହୋଇଛନ୍ତି । ଏତେ ମାତ୍ରାରେ ଶିଶୁ କୁଆଡେ ଯାଉଛନ୍ତି, କିଏ ସେମାନଙ୍କୁ ଅପହରଣ କରୁଛି, ସେମାନଙ୍କୁ ହତ୍ୟା କରାଯାଇ ଅଙ୍ଗ ତସ୍କରି କରାଯାଉଛି କି ଏଭଳି ଅନେକ ପ୍ରଶ୍ନ ଓଡିଶାବାସୀଙ୍କ ମନରେ ଉଠିଥିବା ସମୟରେ ଶିଶୁ ସୁରକ୍ଷା ଆୟୋଗ ଏବଂ ପୋଲିସ ପ୍ରଶାସନ ଏ ଦିଗରେ କୌଣସି ତଦନ୍ତ ନକରି ଦୋଷୀଙ୍କୁ ଦଣ୍ଡ ନଦେବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ରାଜ୍ୟରେ ପ୍ରତିଦିନ ୭ରୁ ଉର୍ଦ୍ଧ୍ୱ ଶିଶୁ ନିଖୋଜ ହେଉଛନ୍ତି । ପରୀ ପରେ ଯାଜପୁର ମଧୁସୁଦନ ଗାଁର ୨ ବର୍ଷର ଝିଅ ପିହୁ, ନୟାଗଡ ରଣପୁର ଥାନା ବଧିପାଟଣା ଗାଁର ୩ ବର୍ଷର ଝିଅ ସ୍ୱାତୀ, ଏବଂ ଜଳେଶ୍ୱରର ୭ ବର୍ଷର ଝିଅ ବିଷ୍ଣୁପ୍ରିୟା ଏବେ ନିଖୋଜ ଅଛି । ପରୀ ହତ୍ୟା ଘଟଣାରେ ଶାସକ ଦଳ ମନ୍ତ୍ରୀ ଅରୁଣ ସାହୁଙ୍କ

▶▶ପୃଷ୍ଠା ୭

## ଇନ୍‌ଫୋସିଟି ନାବାଳିକା ଗଣଦୁର୍ଷ୍କର୍ମ ମାମଲାରେ ୪ ଗିରଫ

ଭୁବନେଶ୍ୱର,୧୪।୧୨ (ନି.ପ୍ର): ଭୁବନେଶ୍ୱର ଇନ୍‌ଫୋସିଟି ନାବାଳିକା ଗଣଦୁର୍ଷ୍କର୍ମ ମାମଲାରେ ୪ ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଂଚ । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ଗଣମାଧ୍ୟମ ସଂସ୍ଥାର କର୍ମଚାରୀ ଓ ୨ ଜଣ ସିକ୍ୟୁରିଟି ରହିଛନ୍ତି। ଅଭିଯୁକ୍ତମାନେ ହେଲେ ଅନିରୁଦ୍ଧ ପଣ୍ଡା, କୃଷ୍ଣ ବେହେରା, ସିକ୍ୟୁରିଟି ଗାର୍ଡ଼ ସାମଲ ଓ ବିଜୟ ରାଉତ। ଆଜି ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇପାରେ। ଗତକାଲି ରାତିରେ ପୁରୀ ଗୋପ ଅଂଚଳରୁ କ୍ରାଇମବ୍ରାଂଚ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ପଚରାଉଚରା କରାଯାଇ ସମସ୍ତ ବୟାନକୁ ରେକର୍ଡ କରାଯାଇଛି। ଏହାସହ ଅଭିଯୁକ୍ତଙ୍କ ପଲିଗ୍ରାଫି ପରୀକ୍ଷା ମଧ କରାଯାଇଛି। ପୂର୍ବରୁ ନାବାଳିକାଙ୍କ ମାଆ ଏହି ଘଟଣାରେ ପୋଲିସ କର୍ମଚାରୀ ଓ ତାଙ୍କର ଦୁଇ ସହଯୋଗୀ ସଂପୃକ୍ତ ଥିବା ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତକୁ ନେଇ ହାଇକୋର୍ଟ ପୂର୍ବରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆସନ୍ତା ୧୬ ତାରିଖ ସୁଦ୍ଧା କଣ ପଦକ୍ଷେପ ନିଆଯାଇଛି ଜଣାଇବାକୁ କହିଥିଲେ କୋର୍ଟ।

## ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୪।୧୨ (ନି.ପ୍ର): ବିଧାନସଭାର ପ୍ରକୋଷ୍ଠ ୫୩ରେ ସୋମବାର ଦିନ ବନବିଭାଗ ସଂକ୍ରାନ୍ତୀୟ ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା । ଉକ୍ତ ବୈଠକରେ ବିଧାନସଭା ସଭ୍ୟ ଶ୍ରୀକାନ୍ତ ସାହୁ, ଧ୍ରୁବଚରଣ ସାହୁ, ଅଙ୍ଗଦ କହଁର, ମୁକେଶ ମହାଲିଙ୍ଗ, ସନାତନ ବିଜୁଳିଙ୍କ ସମେତ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ ।

## ପୁରୀ ଓ ଯାଜପୁରରେ ପ୍ରତିଷ୍ଠା ହେବ ମେଡିକାଲ କଲେଜ




ଭୁବନେଶ୍ୱର,୧୪।୧୨ (ନି.ପ୍ର): ପୁରୀଠାରେ ନୂତନ ଭେଷଜ ମହାବିଦ୍ୟାଳୟ ନିମନ୍ତେ ଏକ ୬୫୦ ଶଯ୍ୟାବିଶିଷ୍ଟ ଟିଚିଂ ହସ୍‌ପିଟାଲ୍ ନିର୍ମାଣ ଏବଂ ଯାଜପୁରରେ ୧୦୦ ଆସନବିଶିଷ୍ଟ ଏକ ନୂତନ ଭେଷଜ ମହାବିଦ୍ୟାଳୟ ଓ ୫୦୦ ଶଯ୍ୟାବିଶିଷ୍ଟ ଟିଚିଂ ହସ୍‌ପିଟାଲ୍ ନିର୍ମାଣ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ରେ ନିଷ୍ପତି ହୋଇଛି । ପୁରୀ ଠାରେ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍‌ପିଟାଲ୍ ନିର୍ମାଣ ପାଇଁ ୨୨୪ କୋଟି ୫୫ ଲକ୍ଷ ୬୯ହଜାର ଖର୍ଚ୍ଚ ଆକଳନ କରାଯାଇଛି। ସେହିପରି ଯାଜପୁରରେ ୧୦୦ ସିଟ ବିଶିଷ୍ଟ ମେଡିକାଲ କଲେଜ ଓ ୫୦୦ ଶଯ୍ୟା ବିଶିଷ୍ଟ ହସପିଟାଲ ନିର୍ମାଣ କରାଯିବ । ୪୨୬ କୋଟି ୫୧ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟ ହେବ । ଆସନ୍ତା ୩ ବର୍ଷରେ ଏହି ଦୁଇଟି ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଏଲଏଣ୍ଡଟି ଏହି ଦୁଇଟି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବ ।

## ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୪।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଏକ ସୁସ୍ଥ ପରିବେଶ ଓ ସମୃଦ୍ଧ ଭବିଷ୍ୟତ ନିମନ୍ତେ ସମସ୍ତଙ୍କୁ ଦୈନନ୍ଦିନ ଜୀବନରେ ବିଚାରବନ୍ତ ଭାବେ ଶକ୍ତିର ବ୍ୟବହାର ସହ ଶୂନ୍ୟ ଅପବ୍ୟୟକୁ ସୁନିଶ୍ଚିତ କରିବା ଏବଂ ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

## ଆରଟିଆଇ କର୍ମୀଙ୍କ ନବୀନ ନିବାସ ଘେରାଉ ଉଦ୍ୟମ




ଭୁବନେଶ୍ୱର,୧୪।୧୨ (ନି.ପ୍ର): କେନ୍ଦ୍ରାପଡ଼ାର ସୂଚନା ଅଧିକାରକର୍ମୀ ରଞ୍ଜନ କୁମାର ଦାସ ହତ୍ୟା ଘଟଣା ପ୍ରତିବାଦରେ ସୂଚନା ଅଧିକାର କର୍ମୀମାନେ ସୋମବାର ଦିନ ନବୀନ ନିବାସ ଘେରାଉ ଉଦ୍ୟମ କରିଛନ୍ତି। ମାଷ୍ଟର କ୍ୟାଂଟିନ ଛକରୁ ବାହାରି ନବୀନ ନିବାସ ଘେରାଉ କରିବାକୁ ଯିବାବେଳେ ଶତାଧିକ ଆରଟିଆଇ କର୍ମୀଙ୍କୁ ପୋଲିସ୍ ଅଟକାଇଥିଲା। ଶତାଧିକ କର୍ମୀ ମାଷ୍ଟର କ୍ୟାଂଟିନରୁ ଏକ ବିରାଟ ପଟୁଆରାରେ ବାହାରି ରାଜମହଲ ଛକଦେଇ ଶିଶୁଭବନ ଛକରେ ପହଂଚିଥିଲେ। ଶିଶୁଭବନ ଛକରୁ ନବୀନ ନିବାସ ଆଡ଼କୁ ଅଗ୍ରସର ହେଉଥିବା ବେଳେ ସେଠାରେ ଥିବା ପୋଲିସ୍ କର୍ମୀମାନଙ୍କୁ ଅଟକାଇଥିଲା । ଫଳରେ ଆନ୍ଦୋଳନକାରୀ ଏବଂ ପୋଲିସ ମୁହାଁମୁହିଁ ହୋଇଥିଲେ। ପୋଲିସ ଶତାଧିକ ସୂଚନାଧିକାର କର୍ମୀମାନଙ୍କୁ ଗିରଫ କରି ପୋଲିସ୍ ବାରାକକୁ ନେଇଯାଇଥିଲେ। ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ପ୍ରରୋଚନାରେ ପୋଲିସ ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସ ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦେଇଥିବା ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ।ଘଟଣାର ସିବିଆଇ ତଦନ୍ତ ଏବଂ ଅତନୁ ସବ୍ୟସାଚୀ ନାୟକଙ୍କୁ ବହିଷ୍କାର କରିବା ପାଇଁ ସେମାନେ ଦାବି କରିଛନ୍ତି।

▶▶ପୃଷ୍ଠା ୭

## ଜେଲ ଫେରନ୍ତା ବାଂଲାଦେଶୀଠାରୁ ବ୍ରାଉନସୁଗାର ଜବତ୍



ବାଲେଶ୍ୱର,୧୪।୧୨ (ନି.ପ୍ର): ବାଲେଶ୍ୱର ମୁଖ୍ୟ କାରଗାର ପରିସର ବାରେକରୁ ସାଢ଼େ ୪ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ସହ ଚୌଦ୍ୱାର ଜେଲରୁ ମୁକୁଳିଥିବା ବାଂଲଦେଶୀ ଯୁବକକୁ ସହଦେବଖୁଣ୍ଟା ଥାନା ପୁଲିସ ଗିରଫ କରିବା ଘଟଣା ଏବେ ସହର ସମେତ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ୨୦୦୭ ମସିହାରୁ ଛିନ୍ତାଇ ଓ ରାହାଜାନୀ ମାମଲାରେ ଚୌଦ୍ୱାର ଜେଲରେ ଦୀର୍ଘ ବର୍ଷ ସଜା କାଟି ନିକଟ ଅତୀତରେ ମୁକୁଳି ଥିବା ବାଂଲାଦେଶୀ ଶେଖ୍ ବାବୁଖାନ ୪ମାସଧରି ବାଲେଶ୍ୱର ଜେଲ ବାରେକରେ ରହୁଥିଲା। କରୋନା କଟକଣା ଭିସା ଓ ପାସପୋର୍ଟ ମିଳିବାରେ ବିଳମ୍ବ ହେବା କାରଣରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ତାକୁ ପୁଲିସ ନଜର ବନ୍ଦିରେ ଜେଲ ବାରେକରେ ରଖାଯାଇଥିଲା। ତେବେ ୨୪ ଘଣ୍ଟାଧରି ପୁଲିସ ହେପାଜାତରେ ରହୁଥିବା ଶେଖ୍ ବାବୁ ଖାନ୍ ପାଖରୁ ୪୫ ଗ୍ରାମ ବ୍ରାଉନସୁଗାର ଓ ୨୪ ହଜାର ଟଙ୍କା ଜବତ୍ ହେବା ସମସ୍ତଙ୍କୁ ଚକିତ କରିଛି।

▶▶ପୃଷ୍ଠା ୭

## ମୋଡାଲିଟି ନିର୍ଦ୍ଧାରଣ କରି ସରକାରଙ୍କୁ ଜଣାଇଲା ଦେବୋତ୍ତର କମିଶନ : ଖୋଲିପାରେ ମନ୍ଦିର

ଭୁବନେଶ୍ୱର,୧୪।୧୨ (ନି.ପ୍ର): ହାଇକୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ଦେବୋତର ବିଭାଗ ଅଧୀନରେ ଥିବା ୧୮ହଜାର ମନ୍ଦିର ଖୋଲିବା ନେଇ ମୋଡାଲିଟି ନିର୍ଦ୍ଧାରଣ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି ଦେବୋତର କମିଶନ। ଏକକାଳୀନ ଭକ୍ତ ପ୍ରବେଶ ବାରଣ ରହିଛି। ▶▶ପୃଷ୍ଠା ୭

## ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ : ଗୁରୁତର ତେଲେଙ୍ଗାସାହି ଯୁବକ



ବାଲେଶ୍ୱର,୧୪।୧୨ (ନି.ପ୍ର): ପୂର୍ବ ଶତ୍ରୁତାକୁ ନେଇ ସୋମବାର ଦିନ ସଂଘବଦ୍ଧ ଆକ୍ରମଣରେ ଗୁରୁତର ଆହତ ତେଲେଙ୍ଗା ସାହିର ଜନୈକ ଯୁବକଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ଯୁବକ ଜଣକ ହେଲେ ବାଲେଶ୍ୱର ସହରର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ତେଲେଙ୍ଗାସାହିର ଲକ୍ଷ୍ମଣ ପାତ୍ରଙ୍କ ପୁତ୍ର ଦିବ୍ୟଜିତ୍ ପାତ୍ର (୨୬)। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ସେ ବାଲେଶ୍ୱର ରେଳଷ୍ଟେସନ ପାଖକୁ ଆସୁଥିବା ବେଳେ ଶିଶୁ ଉଦ୍ୟାନ ନିକଟରେ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ସେଠାରେ ଲୁଚି ରହିଥିବା ୧୦ରୁ ଅଧିକ ଯୁବକ ଦିବ୍ୟଜିତ୍‌ଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ତେଲେଙ୍ଗା କଟୁରୀ ଓ ଭୁଜାଲି ମାଡ଼ରେ ଚିତ୍କାର କରିବା ସହ ଚେତାଶୂନ୍ୟ ହୋଇ ସେ ତଳେ ପଡ଼ି ଯାଇଥିବା ବେଳେ ଆକ୍ରମଣକାରୀ ଯୁବକମାନେ ସେଠାରୁ ଉଭାନ ଯାଇଥିଲେ। ଖବର ପାଇ ପରିବାର ଲୋକେ ଓ ସହଦେବଖୁଣ୍ଟା ଥାନା ପୁଲିସ ଶିଶୁ ଉଦ୍ୟାନ ନିକଟରେ ପହଞ୍ଚି ଚେତାଶୂନ୍ୟ ଦିବ୍ୟଜିତ୍‌ଙ୍କୁ ରକ୍ତ ଜୁଡ୍ଡୁବୁଡୁ ଅବସ୍ଥାରେ ଉଦ୍ଧାର ସହ ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସା ଆରମ୍ଭ ହେବାର କିଛି ସମୟ ମଧ୍ୟରେ ତାଙ୍କର ଅବସ୍ଥା କ୍ରମଶଃ ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ପୂର୍ବରୁ ଡିଜେ ବେପାର କରୁଥିବା ଦିବ୍ୟଜିତ୍ କରୋନା କଟକଣା ଲାଗିବା ପରେ ବାହାର ରାଜ୍ୟରୁ ଏକ ବାଜାଦଳ ଆଣି ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଡ଼ାରେ ପଠାଇ ବେଶ୍ ଚଳିଯାଉଥିଲେ। ଏଥି ସହିତ ବେଳେ ବେଳେ ରିଜର୍ଭେସନ ରେଲୱେ ଟିକେଟ୍ ଲୋକଙ୍କୁ ଚଢ଼ା ମୂଲ୍ୟରେ ବିକ୍ରି କରି କିଛି କିଛି ଆୟ କରୁଥିଲେ। ତେବେ ରେଳ ଟିକେଟ୍ କାଟିବାକୁ ନେଇ ଭାସ୍କରଗଞ୍ଜ ଯୁବକଙ୍କ ସହ ତାଙ୍କର ଗତ କିଛିଦିନ ପୂର୍ବରୁ ଗଣ୍ଡଗୋଳ ହୋଇଥିବା ବେଳେ ସେହିମାନେ ପୂର୍ବ ଶତ୍ରୁତାରୁ ତାଙ୍କୁ ଆକ୍ରମଣ କରିଥାଇ ପାରନ୍ତି ବୋଲି ତାଙ୍କ ମାଆ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ଏକ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛନ୍ତି।

## ରାଜ୍ୟରେ ଧର୍ମାନୁଷ୍ଠାନ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୪।୧୨ (ନି.ପ୍ର): ରାଜ୍ୟରେ ଧର୍ମାନୁଷ୍ଠାନ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଗତ ୯ ମାସ ପରେ ରାଜ୍ୟର ସମସ୍ତ ମନ୍ଦିର ଗୁଡ଼ିକ ସର୍ବସାଧାରଣଙ୍କ ପାଇଁ ଖୋଲିବାକୁ ଯାଉଛି। ଏ ନେଇ ନେଇ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଟ୍ୱିଟ କରି କରି ସୂଚନା ଦେଇଛନ୍ତି ଯେ - ନିଜ ନିଜ ଅଂଚଳରେ ଥିବା ମନ୍ଦିର ଓ ଅନ୍ୟ ଧର୍ମାନୁଷ୍ଠାନଗୁଡ଼ିକୁ ଖୋଲିବାକୁ ଜିଲ୍ଲାପାଳମାନଙ୍କୁ ଆଗରୁ କ୍ଷମତା ଦିଆଯାଇଥିଲା । ସମସ୍ତ ଅଂଶଧାରକଙ୍କ ସହ ଆଲୋଚନା କରିବା ଓ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର ନିର୍ଦ୍ଧାରିତ କରିବା ପରେ ମନ୍ଦିର ଖୋଲିବା ପାଇଁ ଜିଲ୍ଲାପାଳମାନଙ୍କୁ କ୍ଷମତା ପ୍ରଦାନ କରା ଯାଇଥିଲା । ଏବେ ଧାର୍ମିକ ଅନୁଷ୍ଠାନ ଖୋଲିବା ପ୍ରକ୍ରିୟା ପ୍ରକ୍ରିୟାଧୀନ ରହିଛି ବୋଲି ସେ କହିଛନ୍ତି ।

# ଚିକିତ୍ସାରେ ଅର୍ଥ ସାଜିଛି ପ୍ରତିବନ୍ଧକ : ଚାରି ବର୍ଷ ଶିଶୁର ସାହାରା ପାଲଟିଛି ଆଶାବାଡି

ମାଲକାନଗିରି,୧୪।୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଭେଙ୍କଟାପଲମ ପଂଚାୟତ ଏମ୍.ପି ଭି:- ୧୨୮ ଗ୍ରାମର ୪ ବର୍ଷର ଶିଶୁ କେବଳ କିଛି ଆର୍ଥିକ ଅଭାବରୁ ଚିକିତ୍ସିତ ହେବାରୁ ବଂଚିତ ହୋଇରହିଛି ଏପରିକି ସେ ଚଳ ପ୍ରଚଳ ପାଇଁ ସାହାରା ନେଇଛି ଆସା ବାଡିର । ସୂଚନା ଅନୁଯାୟୀ କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍.ପି ଭି :- ୧୨୮ ଗ୍ରାମର ଜଗଦୀଶ ବାଛାଡ଼ଙ୍କ ପୁଅ ଋଷିକାନ୍ତ ବାଛାଡ଼ ବୟସ ମାତ୍ର ୪ ବର୍ଷ । ପିଲାଟି ୨ ବର୍ଷ ବୟସରେ ଖେଳୁଥିବା ବେଳେ ଦୁର୍ଭାଗ୍ୟ ବଶତଃ ଘର ବାରଣ୍ଡାରୁ ପଡିଯିବାରୁ ତାର ବାମ ଗୋଡ଼ଟି ଭାଙ୍ଗିଯାଇଥିଲା । ପରେ ପରିବାର ଲୋକେ ବହୁ ଚେଷ୍ଟା କରିଥିଲେ ପିଲାଟିର ଚିକିତ୍ସା କରେଇବା ପାଇଁ ହେଲେ ଅର୍ଥ ଅଭାବରୁ ଚିକିତ୍ସା ହୋଇପାରି ନ ଥିଲା । ପିଲାଟି ବର୍ତମାନ ଏମ୍.ପି.ଭି:-୨୯ ଗ୍ରାମରେ ତାର ଅଜା ମଥୁର ମଣ୍ଡଳଙ୍କ ଘରେ ରହୁଛି । ଡାକ୍ତରଙ୍କ କହିବା ଅନୁଯାୟୀ ବିନା ଅସ୍ତ୍ରୋପଚାରରେ ପିଲାଟି ସମ୍ପୂର୍ଣ୍ଣ ଭାବରେ ଭଲ ହୋଇ ପାରିବ ନାହିଁ ଏବଂ ପିଲାଟିର ଚିକିତ୍ସା ପାଇଁ ବହୁ ଟଙ୍କା ଖର୍ଚ୍ଚ ମଧ ହେବ । ତେବେ ସେଥିପାଇଁ ପରିବାର ଲୋକେ ସ୍ୱଳ୍ପ କିଛି ଟଙ୍କା ଯୋଗାଡ଼ କରିପାରିଛନ୍ତି କିନ୍ତୁ ସେତିକିରେ ପିଲାଟିର ସମ୍ପୂର୍ଣ୍ଣ ଚିକିତ୍ସା ସମ୍ଭବ ନୁହେଁ । ଯାହାଫଳରେ ସେମାନେ ଏବେ ଜିଲ୍ଲା ପ୍ରଶାସନ ନିକଟରେ କିଛି ଆର୍ଥିକ ସହାୟତା ଯୋଗାଇଦେବାକୁ ଗୁହାରି କରିଛନ୍ତି । ତେବେ ଏନେଇ ଆମେ କାଲିମେଳା ତହସିଲଦାର ଆଲୋକ କୁମାର ଅନୁଗୁଳିଆ ଙ୍କୁ ଯୋଗାଯୋଗ କରିବାରୁ ସେ ତୁରନ୍ତ ଋଷିକାନ୍ତଙ୍କ ସମସ୍ତ ଚିକିତ୍ସା ବ୍ୟବସ୍ଥା କରାଇବା ସହ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଛନ୍ତି ।

# ଭାରସାମ୍ୟ ହରାଇ ଘର ଉପରେ ମାଡିଗଲା ଟ୍ରକ : ତିନି ଗୁରୁତର

କେନ୍ଦୁଝର,୧୪।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଟାଉନ ଥାନା ଅନ୍ତର୍ଗତ ସଠିଘର ସାହି ଛକରେ ଦୁର୍ଘଟଣା ଗତକାଲି ବିଳମ୍ବିତ ରାତ୍ରୀରେ ଏକ ଦୁର୍ଘଟଣା ଘଟିଛି । ଗୋଟିଏ ଆଇରନ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ ଗୋଟିଏ ଘର ଉପରେ ଚଢି ଯିବା କାରଣରୁ ଗୋଟିଏ ପରିବାରର ତିନିଜଣ ଗୁରୁତର ହୋଇଛନ୍ତି । ମିଳିଥିବା ସୂଚନା ନୁସାରେ, ଗତକାଲି ବିଳମ୍ବିତ ରାତିରେ ସଠିଘର ସାହି ଛକରେ ଏକ ଆଇରନ ବୋଝେଇ ଟ୍ରକ ଯାଉଥିବା ବେଳେ ଭାରସାମ୍ୟ ହରାଇଥିଲା । ଫଳରେ ରାସ୍ତାକଡ଼ରେ ଥିବା ଗୋଟିଏ ଘର ଉପରେ ଚଢି ଯାଇଥିଲା । ଟ୍ରକଟି ଚଢିଯିବା ଫଳରେ ଗୋଟିଏ ପରିବାରର ତିନି ଜଣ ଗୁରୁତର ହୋଇଛନ୍ତି । ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଅଗ୍ନିଶମ ବିଭାଗର କର୍ମଚାରୀ ସେମାନଙ୍କୁ ଉଦ୍ଧାର କରିଥିଲେ । ତିନି ଜଣଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ସେମାନଙ୍କ ଅବସ୍ଥା ଭଲ ଥିବା ଜଣାପଡିଛି । ଦୁର୍ଘଟଣା ଯୋଗୁଁ ସ୍ଥାନୀୟ ଅଂଚଳରେ କିଛି ସମୟ ଉତେଜନା ପ୍ରକାଶ ପାଇଥିଲା । ଟାଉନ ପୋଲିସ ଖବର ପାଇ ସ୍ଥିତି ନିୟନ୍ତ୍ରଣ କରିଥିବା ବେଳେ ତଦନ୍ତ ଆରମ୍ଭ କରିଛି ।

## ଆନ୍ତଃ ଜିଲ୍ଲା ଟି-୨୦ କ୍ରିକେଟ ମ୍ୟାଚରେ ଖେଳିବେ କେନ୍ଦ୍ରାପଡାର ଟିମ୍

କେନ୍ଦ୍ରାପଡ଼ା,୧୪।୧୨ (ନି.ପ୍ର): ଓଡିଶା କ୍ରିକେଟ ଆସୋସିଏସନ ର କଟକ ଠାରେ ହେବାକୁ ଥିବା ଆନ୍ତଃ ଜିଲ୍ଲା ସିନିୟର ଟି-୨୦ ଲିଗ୍ କ୍ରିକେଟ ପ୍ରତିଯୋଗିତା ରେ ଭାଗ ନେବାକୁ କେନ୍ଦ୍ରାପଡା ର ୨୦ ଜଣିଆ ଟିମ୍ ମନୋନିତ ହୋଇଛନ୍ତି । ଏହି ଟିମ୍ ଚଳିତ ୧୪ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ କଟକରେ ହେଉଥିବା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ । ରଶ୍ମି ରଞ୍ଜନ ବାରିକଙ୍କ ନେତୃତ୍ୱରେ ଏହି ୨୦ ଜଣିଆ ଟିମ୍ ସହ ମ୍ୟାନେଜର ପ୍ରଫୁଲ୍ଲ କୁମାର ମଲିକ କଟକ ଯାତ୍ରା କରିଛନ୍ତି । କ୍ୟାପଟେନ୍ ରଶ୍ମି ରଞ୍ଜନ ବାରିକ, ଗୌରଭ ଚୌଧୁରୀ, ଅମିତ୍ ସାହୁ, ଅମିୟ ଦାସ, ସୌଭାଗ୍ୟ ମହାନ୍ତି, ବିଶ୍ୱ ଭୂଷଣ ବିହାରୀ, ସ୍ୱରାଜ ଚୌଧୁରୀ, ମନୋଜ କଶ୍ୟପ, ଦିପ୍ତି ଭୂଷଣ ବିହାରୀ, ଅମଲ ଅଲ୍ଲୀ, ଆଶିଷ ନାୟକ, ରାଜେଶ ପାତ୍ର, ପ୍ରଦିପ୍ତ ଖଟୁଆ, ବିକାଶ ପରିଡା ଓ ମୁରାରୀ ଲାଲ ନାୟକ ଏହି ଦଳରେ ସ୍ଥାନ ପାଇଥିବା ଜିଲ୍ଲା କ୍ରିକେଟ ଆସୋସିଏସନ ର ସଭାପତି ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଓ ସଂପାଦକ ଶୁଭାଶିଷ ସେନାପତି ସୂଚନା ଦେଇଛନ୍ତି ।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ବାର୍ଷିକ ନେତ ଉଡାଣ ଉତ୍ସବର ପ୍ରସ୍ତୁତି ବୈଠକ

ଭଦ୍ରକ, ୧୪ ଡିସେମ୍ବର (ହି.ସ.) - ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ପ୍ରତିବର୍ଷ ପରି ଚଳିତ ବର୍ଷ ବାର୍ଷିକ ନେତ ଉଡାଣ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଜୟ କୁମାର ବାରିକଙ୍କ ବାସ ଭବନରେ ପରିଚାଳନା ସମିତିର ମୁଖ୍ୟ ପଣ୍ଡିତ ଭାଗିରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଚଳିତ ବର୍ଷ ଜାନୁଆରୀ ପହିଲାରେ ଇଛାପୁର ନିକଟସ୍ଥ କୁଣ୍ଡିବାଗ ଶ୍ରୀଜଗନ୍ନାଥ ମନ୍ଦିରରେ ଏକ ଦିନିକିଆ ମହୋତ୍ସବ କୋଭିଡ଼ ନିୟମ ଅନୁସାରେ ପାଳନ କରାଯିବାକୁ ସ୍ଥିର କରାଯାଇଛି । କରୋନା କଟକଣା ଜାରି ଥିବାରୁ ମହୋତ୍ସବକୁ ଅଧିକ ବ୍ୟାପକ ନ କରି କେବଳ ଶ୍ରୀଜଗନ୍ନାଥଙ୍କ ଷୋଡଶ ଉପଚାର ପୂଜା, ବିଶ୍ୱଶାନ୍ତି ଯଜ୍ଞ ଆଦି ସୀମିତ ସଂଖ୍ୟକ ସେବକଙ୍କୁ ନେଇ ନେତ ଉଡାଣ ଉତ୍ସବ ପାଳନ କରାଯିବ । ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ମୁଖପତ୍ର 'ନୀଳକନ୍ଦର' ଏହି ଦିନ ଉନ୍ମୋଚନ କରାଯିବାକୁ ସ୍ଥିର କରାଯାଇଛି । ଅଳ୍ପ ସଂଖ୍ୟକ ବକ୍ତା ଏଥିରେ ସଂଲଗ୍ନ ହେବେ ।

# ଦୀର୍ଘବର୍ଷ ହେବ ଶେଷ ହେଉନି ବଉଳଝୋଳି ସେତୁ

## ଦୁର୍ଘଟଣାର ଶିକାର ହେଉଛନ୍ତି ବାଟୋଇ

ଗଂଜାମ ,୧୪।୧୨ (ନି.ପ୍ର): ସରକାର ଜନସାଧାରଣଙ୍କ ହିତରେ କୋଟି କୋଟି ଟଙ୍କା ପାଣି ପରି ଖର୍ଚ୍ଚ କରି ଉନ୍ନୟନ ମୂଳକ କାର୍ଯ୍ୟ ଚଳାଉଚନ୍ତି ଓ କିନ୍ତୁ ତୃଣମୂଳ ସ୍ତରରେ ତାହା ଠିକାଦାର ଓ ଯନ୍ତ୍ରୀ ମାନଙ୍କ ମନମୁଖୀ କାର୍ଯ୍ୟ କାରଣରୁ ଜନତାଙ୍କ ହିତରେ ଆସୁନଥିବା ଦେଖିବାକୁ ମିଳୁଛି । କୁକୁଡାଖଣ୍ଡି ବ୍ଲକ ବଉଳଝୋଳି ଗ୍ରାମ ନିକଟରେ ଥିବା ଋଷିକୂଲ୍ୟା କେନାଲ ଉପରେ ପୂର୍ବରୁ ଗୋଟିଏ ସେତୁ ଥିବାବେଳେ ତାହା ଭଗ୍ନ ଅବସ୍ଥାରେ ପଡ଼ି ରହିଥିଲା ଓ ପରବର୍ତୀ ସମୟରେ ୨ କୋଟି ଟଙ୍କା ବ୍ୟୟରେ ଉକ୍ତ ସେତୁ ପାର୍ଶ୍ୱରେ ଏକ ନୂତନ ସେତୁ ନିର୍ମାଣ ପାଇଁ ଏକ ଠିକା କମ୍ପାନୀକୁ କାର୍ଯ୍ୟାଦେଶ ମିଳିଥିଲା ଓ କିନ୍ତୁ ବର୍ଷବର୍ଷ ବିତି ଯାଇଥିଲେ ମଧ କୌଣସି ପ୍ରକାରେ ଘରୋଇ କମ୍ପାନୀ କାର୍ଯ୍ୟ ଶେଷ କରିବାର ନା ଧରୁନି । ନୀତି ନିୟମକୁ ଜଳାଞ୍ଜଳି ଦେଇ ମନଇଚ୍ଛା ନିମ୍ନ ମାନର ସିମେଂଟ ଓ ଖାଡ଼ି ବ୍ୟବହାର କରି ସେତୁ ନିର୍ମାଣ କରିଚି ଯାହାଫଳରେ କାର୍ଯ୍ୟ ନ ସରୁଣୁ ବିଭିନ୍ନ ସ୍ଥାନରେ ଫାଟ ଜଳଜଳ ଦିଶୁଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ସେତୁ ଦୁଇ ପାର୍ଶ୍ୱ ପିଚୁ ନପଡ଼ିଥିବା କାରଣରୁ ଗୁଡ଼ି ପଥର ରାସ୍ତା ଉପରେ ଏଣେତେଣେ ପଡ଼ି ରହିଛି , ଯେଉଁଥିପାଇଁ ଉକ୍ତ ରାସ୍ତାରେ ବାଟ ଚାଲିଯିବା ମଧ ସମ୍ଭବ ପର ହେଉନାହିଁ ଓ ଅନେକ ସମୟରେ ବାଟୋଇ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଉଚ୍ଚ ପଦସ୍ତ ଅଧିକାରୀ ମାନଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ପ୍ରକାର ସୁଫଳ ମିଳିନଥିବା ଅଭିଯୋଗ ହୋଇଛି । କେନାଲ ଉପରେ ସେତୁ ନିର୍ମାଣ ଚାଲିଥିବା କାରଣରୁ ଆବଶ୍ୟକୀୟ ଜଳ ନିଷ୍କାସନ ସମ୍ଭବ ପର ହେଉନାହିଁ । ଦୁଇ ପାର୍ଶ୍ୱରେ ଜଳ ଜମିରହିବା ଫଳରେ କ୍ଷେତକୁ ପାଣି ଜୀବା ସମ୍ଭବ ପର ହେଉନାହିଁ ଏବଂ ସେଥିରୁ ଦୁର୍ଗନ୍ଧ ବାହାରି ମହାମାରୀ ଭଳି ରୋଗ ବ୍ୟାପିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଅଂଚଳ ବାସୀ ଏ ବାବଦରେ ଏକ ଲିଖିତ ଅଭିଯୋଗ ଦୁର୍ନୀତି କଟକ ନିବାରଣ କାର୍ଯ୍ୟାଳୟ ସମେତ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରେରଣ କରିଛନ୍ତି ଏବଂ ତୁରନ୍ତ ଏହି ସମସ୍ୟାର ସମାଧାନ ନହେଲେ ଚାଷୀକୁଳ ରାଜରାସ୍ତାକୁ ଓଲହାଇବ ବୋଲି ଚେତାବାନି ମଧ ଦେଇଛନ୍ତି ।

## ଘରପୋଡି ସମ୍ପତ୍ତି ନଷ୍ଟ

ପୁରୀ,୧୪।୧୨ (ନି.ପ୍ର): ବ୍ରହ୍ମଗିରିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡରେ ଜଣେ ଗୁରୁତର ହୋଇଛି । ତାଙ୍କୁ ଚିକିତ୍ସା ପାଇଁ ପୁରୀ ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି । ଖବରରୁ ଜଣାପଡ଼ିଛି ଯେ, ବ୍ରହ୍ମଗିରିରେ ମଢ଼ପଦା ଗାଁରେ କୁମ୍ଭାର ଭାଟିରୁ ଏକ ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା । ଗାଁର ମୁକୁନ୍ଦ ମୁଦୁଲିଙ୍କ ଭାଟିରେ ଏହି କାଣ୍ଡ ଘଟିଥିବା ସୂଚନା ମିଳିଛି । ମୁକୁନ୍ଦଙ୍କର ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି । ଖବର ପାଇ ଅଗ୍ନିଶମ ବିଭାଗ ପହଂଚି ନିଆଁକୁ ଆୟତ୍ତ କରିଥିଲେ ।

## ମାଟିଲଗ୍ନା ସାହିତ୍ୟ ସଂସଦ କୋରାପୁଟ ଜିଲା ଶାଖାର ଶୀତକାଳୀନ ସାରସ୍ୱତ ସମାରୋହ

ଜୟପୁର ,୧୪।୧୨ (ନି.ପ୍ର): ମାଟିଲଗ୍ନା ସାହିତ୍ୟ ସଂସଦ କୋରାପୁଟ ଜିଲା ଶାଖାର ଶୀତକାଳୀନ ସାରସ୍ୱତ ସମାରୋହ ପାରାବେଡା ସ୍ଥିତ ବିଜୟ ନାରାୟଣ ସଭାକକ୍ଷରେ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ଯଜ୍ଞେଶ୍ୱର ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦୁର୍ନୀତି ନିବାରଣ ବିଭାଗ ଜୟପୁରର ସ୍ୱତନ୍ତ୍ର ବିଚାର ପତି ଶ୍ରୀକାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ. ମାଲକାନଗିରି ତଥା ମାଟିଲଗ୍ନା ସାହିତ୍ୟ ସଂସଦ ଓଡିଶା ଶାଖାର ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ଏବଂ ସମ୍ମାନିତ ଅତିଥି ଭାବେ ମାଟିଲଗ୍ନା ସାହିତ୍ୟ ସଂସଦ ଲକ୍ଷ୍ମୀପୁର ବ୍ଲକ ଶାଖାର ସଭାପତି ମହାଦେବ ଶତପଥୀ ଯୋଗଦେଇ ଭାଷା ସାହିତ୍ୟର ପ୍ରଚାର ପ୍ରସାରରେ ମଟିଲଗ୍ନା ସାହିତ୍ୟ ସସଂଦ ଭୂମିକା ବିଷୟରେ ଆଲୋକପାତ କରିଥିଲେ । କାଯ୍ୟକ୍ରମ ପ୍ରାରମ୍ଭରେ ସଂପାଦକ ସୁଯ୍ୟ ନାରାୟଣ ସାବତ ସ୍ୱାଗତ ଭାଷଣ ଓ ଅତିଥି ଆମନ୍ତ୍ରଣ କରିଥିବା ବେଳେ ମାଟିଲଗ୍ନା ଜୟପୁର ବ୍ଲକର ସଭାପତି ତପସ୍ୱିନୀ କୁମାରୀ ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ପ୍ରମୋଦ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । କାଯ୍ୟକ୍ରମରେ ଦ୍ୱିତୀୟ ଚରଣରେ ଅନୁଷ୍ଠାନର ଉପ ସଭାପତି ନାରାୟଣ ପାତ୍ର ଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବର ଆୟୋଜିତ ହୋଇଥିଲା । ଉକ୍ତ କାଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାଟିଲଗ୍ନା ରାଜ୍ୟ ମହିଳା ମ ପରିଚାଳିକା ଶୋଭାଗିନୀ ନନ୍ଦ ଏବଂ ସଂଯୋଜକ ଭାବେ କବି ଅଶୋକ ମହାରଣା ଏବଂ ଜିଲା ସଂଯୋଜକ ଘାସି ରାମ ମହାପାତ୍ର, ଯୋଗଦାନ କରି କବିତା ଗୁଡିକ ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ମାଟିଲଗ୍ନା ବୋରିଗୁମ୍ମା ବ୍ଲକ ସଭାପତି ସୁଧାଂଶୁ ଶେଖର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାଯ୍ୟକାରିଣି ସଭ୍ୟ ଅନନ୍ତ ବିଜୟ ଧୀବର ଧନ୍ୟବାଦ ଅର୍ପଣ କରିଥିଲେ । କଣ୍ଠଶୀଳ୍ପି ପୁଷ୍ପାଦେବୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ।

## ରେଳବାଇ ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ଦ୍ୱାରା କ୍ରୀଡ଼ା ଆୟୋଜନ

ସମ୍ବଲପୁର,୧୪।୧୨ (ନି.ପ୍ର): ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁର ଦ୍ୱାରା କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଉଅଛି । ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ଇଷା ମଲ୍ଲିକଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟାମାନେ ଏହି କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ । ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଖେଳ ଯଥା ରିଲେ ରେସ୍, ଟଗ ଅଫ ୱାର, ଲେମନ ସ୍ପୁନ ରେସ୍, ପିଠୁ ଆଦି ଖେଳ ଖେଳାଯାଇଥିଲା । ଏହି ଅବସରରେ ମହିଳା କଲ୍ୟାର ସଂଗଠନ ସମ୍ବଲପୁର ଅଧକ୍ଷା ଇଷା ମଲ୍ଲିକ କହିଲେ ଯେ, ସୁସ୍ଥ ଓ ସକ୍ରୀୟ ଜୀବନ ବଜାୟ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ କ୍ରୀଡ଼ା ଅତ୍ୟନ୍ତ ଜରୁରୀ ଅଟେ ।

## ବାଇକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ଗୁରୁତର ୩ଜଣ ଆହତ

ହରିଚନ୍ଦନପୁର,୧୪।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ଗେହ୍ଲାଚାପଲ୍ ଗ୍ରାମ ଛକ ନିକଟରେ ବାଇକକୁ ମୁହାଁମୁହିଁ ଧକ୍କା ଦେଲା ବାଇକ୍ ଜଣେ ଗୁରୁତର ଥିବା ବେଳେ ଅନ୍ୟ ୩ଜଣ ଆହାତ ହୋଇଛନ୍ତି । ଖବର ଅନୁଯାୟୀ ରବିବାର ଅପରାହ୍ନ ୪ଟା ସମୟରେ ବିଲ୍ଲା ଆଖୁପାଳସାହିର ଦୁଃଖିରାମ ସୋରେନ ତାଙ୍କ ପୁତୁରା ମାନସିଂ ସୋରେନ ବାଇକ୍ ଯୋଗେ ବୁଢ଼ିପଦା ସମ୍ପର୍କିୟ ଘରୁ ଫେରୁଥିଲେ ? । ସେହି ସମୟରେ ରେବଣାପଲାଶପାଳ ଗ୍ରାମର ସଶିକାନ୍ତ ନାଏକ ଓ ସୁମନ ଦେହୁରୀ ଏକ ବାଇକ୍ ଯୋଗେ ହରିଚନ୍ଦନପୁର ଠାରୁ ଘରକୁ ଫେରୁଥିଲେ । ଗେହ୍ଲାଚାପଲ ଗ୍ରାମ ଛକ ନିକଟରେ କୌଣସି କାରଣରୁ ଦୁଇଟି ବାଇକ୍ ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ଉଭୟ ବାଇକରେ ଥିବା ଉକ୍ତ ୪ଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣା ଘଟିବାର ଦେଖି ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ ଯୋଗେ ଜଣାଇଥିଲେ । ଖବର ପାଇଁ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଦୁଃଖିରାମଙ୍କ ବାମ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ସହ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ବାୟା ମଠରେ ଶ୍ରୀଲ ରାମଦାସ ବାବାଜୀଙ୍କ ସ୍ମରଣ ଉତ୍ସବ

କେନ୍ଦ୍ରାପଡ଼ା,୧୪।୧୨ (ନି.ପ୍ର): ପରମସନ୍ଥ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଗୁରୁଦେବ ଶ୍ରୀଲ ରାମଦାସ ବାବାଜୀଙ୍କ ୬୭ତମ ସ୍ମରଣ ଉତ୍ସବ କେନ୍ଦ୍ରାପଡା ର ମହିପାଳ ସ୍ଥିତ ନୃସିହ ଟିକିରି ମଠରେ ପାଳନ କରାଯାଇଛି । ଚଳିତ ମାସ ୩ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ କୋଭିଡ-୧୯ ନିୟମ ମୁତାବକ ନିରାଡମ୍ବର ଭାବରେ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟହ ଗୋପାଳ ସହସ୍ର ନାମ ପାଠ, ଶ୍ରୀମଦ ଭାଗବତ ପାରାୟଣ, ରାମଚରିତ ମାନସ ପାରାୟଣ, ଭଜନ ସନ୍ଧ୍ୟା ଓ ସଂନ୍ଧ୍ୟା ସମୟରେ ମଠାଧିଶ ହୃଶିକେଶ ଦାସ ମହାରାଜଙ୍କ ଦ୍ୱାରା ସତ୍‌ସଙ୍ଗ ପ୍ରବଚନ କରାଯାଇ ଥିଲା । ରବିବାର ପ୍ରାତଃ ସମୟରେ ୧୦୮ କଳସ ଯାତ୍ରା ସହ ଅଭିଷେକ କରାଯାଇ ୪ ମହନ୍ତଙ୍କ ପୂଜା ଆରାଧନା ସହ ଉତ୍ସବ ପାଳନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଶାଖା ସଂଘ ସଭାପତି ଗୁଣନିଧି ଜଗତି, ସଂପାଦକ ପ୍ରହ୍ଲାଦ ପୃଷ୍ଟି, ସହ ସଂପାଦକ ବଂଶୀଧର ମହାନ୍ତି, ବିଶ୍ୱନାଥ ପଟ୍ଟନାୟକ, ରାଜ କିଶୋର ରାଉତରାୟ, ବ୍ରହ୍ମାନନ୍ଦ ସାହୁ, ରତ୍ନାକର ସାହୁ, ନୃସିଂହ ଚରଣ ତ୍ରିପାଠୀ, ନିରଞ୍ଜନ ନାୟକ, ରମାକାନ୍ତ ପଣ୍ଡାଙ୍କ ସମେତ ମଠର ଅନ୍ତେବାସୀ ମାନେ ସହଯୋଗ କରିଥିଲେ ।

## ରାଷ୍ଟ୍ରୀୟ ମହିଳା ଶକ୍ତି ଭଦ୍ରକରେ ଉଦ୍‌ଘାଟିତ

ଭଦ୍ରକ, ୧୪ ଡିସେମ୍ବର (ହି.ସ.) - ନାରୀ ହିଁ ସକଳ ଶକ୍ତିର ଆଧାର । ନାରୀ ଜାଗିଲେ ଦେଶ ଜାଗିବ । ଦେଶ ଜାଗିଲେ ସମାଜର ପରିବର୍ତନ ହେବ । ଯୁଗେ ଯୁଗେ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆ ଯାଇଛି । ନାରୀ ହିଁ ସମାଜର ମାନଦଣ୍ଡ । ସେଥିପାଇଁ ପ୍ରାନ୍ତୀୟ ସ୍ତରରେ ଗୁଲାପ ଜୀ, ଜୟ ସବାନ, ନରସିଂହ ଜି ପଟେଲ, ଅନିତା ସିଂ ଜୀ, ବଜରଙ୍ଗ ଦାସ ଗୁରୁଜୀଙ୍କ ପ୍ରଚେଷ୍ଟାରେ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏକ ମହିଳା ଶକ୍ତି ସଂଗଠନ କରି ମହିଳମାନଙ୍କୁ ସଶକ୍ତିକରଣ ଓ ସଚେତନତା କରାଯିବା ପାଇଁ ସଂଗଠନ ପ୍ରସ୍ତୁତି କରାଯାଉଛି । ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଇ ବିଧବା ମା' ମାନଙ୍କର ସର୍ବବିଧ ଉନ୍ନତି ପାଇଁ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ କଳିଙ୍ଗରତ୍ନ ପଣ୍ଡିତ ଦୈତ୍ୟାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇ ମହିଳା ଶକ୍ତିର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ମହିଳା ଶକ୍ତିର ରାଜ୍ୟ ଅଧକ୍ଷ ପ୍ରଭାତ୍ କୁମାର ବାରିକ୍, ରାଜ୍ୟ ପ୍ରମୁଖ ତଥା ମାର୍ଗ ଦର୍ଶକ ଶରତ ଚନ୍ଦ୍ର ବେହେରା, ବାଲେଶ୍ୱର ଜିଲ୍ଲା ଅଧକ୍ଷ ବାପି ପଣ୍ଡା, ରାଜ୍ୟ ସଚିବ ଅନୁକମ୍ପା ପାତ୍ର, ଭଦ୍ରକ ଜିଲ୍ଲା ଅଧକ୍ଷା ଗୀତାଞ୍ଜଳୀ ଜେନା, ଉପାଧକ୍ଷା ମେଘମାଳା ପଣ୍ଡା, ଯୁବ ଅଧକ୍ଷ ଅପୂର୍ବ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ମହିଳା ଶକ୍ତି ଉପରେ ଆଲୋଚନା କରିବା ସହ ବିଧବାମାନଙ୍କୁ କିପରି ୬ଟି ଲାଭକାରୀ ଯୋଜନା ଦିଆ ଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବିଧବା ମାନଙ୍କୁ ଆଜୀବନ ପେନ୍‌ସନ, ବିଦ୍ୟୁତ୍ ବିଲ, ପାଣି ବିଲ୍, ପିଲାଙ୍କୁ ମାଗଣାରେ ଶିକ୍ଷା, ବସ୍ ଓ ଟ୍ରେନ୍‌ରେ ଯାତାୟତ ପାଇଁ ପାସ୍, ମାଗଣାରେ ଘର ଯୋଗାଣ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିବା ସହ ଭଦ୍ରକ ଜିଲ୍ଲା ଓ ବ୍ଲକରେ ନବ ନିଯୁକ୍ତ କର୍ମକର୍ତାଙ୍କ କର୍ମ ଦକ୍ଷତା ଉପରେ ଆଲୋଚନା କରିଥିଲେ । ଭଦ୍ରକରେ ବିଧିବଦ୍ଧ ଭାବେ ମହିଳା ଶକ୍ତି ଗଠିତ ହେବା ଜିଲ୍ଲା ପାଇଁ ଏକ ସୌଭାଗ୍ୟର ପଦକ୍ଷେପ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ମାନେ ମତ ରଖିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ସ୍ୱାଇଁ, ରଞ୍ଜନ କୁମାର ପଣ୍ଡା, ସୁବାସ ଚନ୍ଦ୍ର ଦାସ, ବୈକୁଣ୍ଠ ନାଥ ମଲ୍ଲିକ, ଶକୁନ୍ତଳା ଧଳ, ତନୁଶ୍ରୀ ପଣ୍ଡା, ମିନାକ୍ଷୀ ମହାପାତ୍ର, ସ୍ନିଗ୍ଧା ବାରିକ୍, ଦ୍ରୌପଦୀ ବେହେରା, ରାଜଶ୍ରୀ ନାୟକ, ବନିତା ରାଣୀ ଦାସ, ମୋନାଲିସା ନାୟକ, ଗୀତାଞ୍ଜଳୀ ନାୟକ, ପ୍ରଭାକର ସ୍ୱାଇଁ, ହରିହର ନାୟକ, ଦୀପକ କୁମାର କୁଣ୍ଡୁ ପ୍ରମୁଖ ଉପସ୍ଥିତ ରହି ମହିଳା ଶକ୍ତି ଉପରେ ନିଜ ନିଜର ମନ୍ତବ୍ୟ ରଖିଥିଲେ । ଶେଷରେ ସର୍ମିଷ୍ଠା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଗତସିଂହପୁର ଜିଲ୍ଲାରେ ୨ ନୂଆ କରୋନା ପଜିଟିଭ୍ ଚିହ୍ନଟ

ଜଗତସିଂହପୁର,୧୪।୧୨ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ଆଜି ଆଉ ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୮୯୭୮ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ଏହି ୨ ଆକ୍ରାନ୍ତଙ୍କ ମଧ୍ୟରେ ବାଲିକୁଦା ବ୍ଲକରୁ କେହି ନାହାନ୍ତି, ବିରିଡ଼ି ବ୍ଲକରୁ ୧ ଜ, ଏରସମା ବ୍ଲକରୁ ୧ ଜଣ,ନାଉଗାଁ ବ୍ଲକରୁ କେହି ନାହାନ୍ତି , ତିର୍ତ୍ତୋଲ ବ୍ଲକରୁ ୨ଜଣ, ରଘୁନାଥପୁର ବ୍ଲକରୁ କେହି ନାହାନ୍ତି ,ଜଗତସିଂହପୁର ରୁ କେହି ନାହାନ୍ତି ,ପାରାଦ୍ୱୀପ ପୌରାଂଚଳରୁ କେହି ନାହାନ୍ତି , କୁଜଙ୍ଗ ବ୍ଲକରୁ କେହି ନାହାନ୍ତି , ଅନ୍ୟ ଜିଲ୍ଲାରେ କେହି ନାହାଁନ୍ତି ।

## କୋଟଗଡରେ ୨ ଲକ୍ଷ ଟଙ୍କା ଜୀବନ ଜ୍ୟୋତି ବୀମା ରାଶୀ ପ୍ରଦାନ କଲା ଏସବିଆଇ

କନ୍ଧମାଳ,୧୪।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡରେ ଜଣେ ହୀତାଧିକାରୀଙ୍କ ଦେହାନ୍ତପରେ ପରିବାରକୁ ଜୀବନ ଜ୍ୟୋତୀ ବୀମା ଯୋଜନାର ୨ ଲକ୍ଷ ଟଙ୍କାର ବୀମା ରାଶୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କୋଟଗଡ ଶାଖା ପକ୍ଷରୁ ପ୍ରଦାନ କରାଯାଇଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୋଟଗଡ ବିଡିଓ କୈଳାସଚନ୍ଦ୍ର ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉପସ୍ଥିତ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଖାତାଧାରୀଙ୍କୁ ମିଳୁଥିବା ବିଭିନ୍ନ ସାମାଜିକ ବୀମା ସୁରକ୍ଷା ଯୋଜନା ଗୁଡିକ ବାବଦରେ ବୁଝାଇଥିଲେ । କୋଟଗଡ ବ୍ଲକ ଅନ୍ତର୍ଗତ ସୁଚେରୀଗୁଡା ଗ୍ରାମର ସପ୍ତେଶ୍ୱର ପ୍ରଧାନ ଗତ ବର୍ଷ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ତାଙ୍କର ବ୍ୟାଙ୍କ ଖାତା ଜରିଆରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ । ତାଙ୍କର ଦେହାନ୍ତରେ ତାଙ୍କ ପତ୍ନୀଙ୍କୁ ଏହି ବୀମା ସହାୟତାର ୨ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏସବିଆଇ କୋଟଗଡ ଶାଖାର ପରିଚାଳକ ପଦ୍ମଲୋଚନ ଶଡଙ୍ଗୀ କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ଲୋକଙ୍କୁ ସେମାନଙ୍କର ବ୍ୟାଙ୍କ ଖାତା ଜରିରେ ନିଜକୁ ଏହି ସବୁ ଯୋଜନାରେ ସାମିଲ କରାଇବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଡାଟ୍ରମ୍ ଅନୁଷ୍ଠାନର ବ୍ୟସାୟ ସଂଯୋଜକ ଅନିଲ କୁମାର ପଟ୍ଟନାୟକ ଯୋଗ ଦେଇ ଲୋକଙ୍କୁ ବୀମା ସୁବିଧା ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ସେପ୍ଟେମ୍ବର ୨୦୨୦ ରେ ସାମାଜିକ ସୁରକ୍ଷା ଯୋଜନାରେ ଅଧିକ ଲୋକଙ୍କୁ ସାମିଲ କରିଥିବାରୁ ଥିପେଲୋସ ବଡସେଠ୍‌ଙ୍କ ସମେତ ଝିଲିବାଦୀ ନାୟକ ଏବଂ ନେବାଳ ବଡନାୟକଙ୍କୁ ଅକ୍ଟୋବର ମାସରେ ସେମାନେ ଅଦିକ ଲୋକଙ୍କୁ ଏଥିରେ ସାମିଲ କରିଥିବାରୁ ସେମାନଙ୍କୁ ସମ୍ମନିତ କରାଯାଇଥିଲା ।

## ଶୁକଦେବ ବ୍ରହ୍ମଚାରୀ ୟୁପି ସ୍କୁଲରେ ମୋ ସ୍କୁଲ ଅଭିଯାନ ବୈଠକ

କେନ୍ଦ୍ରାପଡ଼ା,୧୪।୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଗାଙ୍ଗପଡା ପଂଚାୟତର ଶୁକଦେବ ବ୍ରହ୍ମଚାରୀ ୟୁପି ସ୍କୁଲରେ ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଧନେଶ୍ୱର ପାତ୍ରଙ୍କ ଆବାହକ ପରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ସରକାରଙ୍କ ମୋ ସ୍କୁଲ ଅଭିଯାନ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସର ରେ ଏକ କମିଟି ଗଠନ କରାଯାଇ ନୂତନ କର୍ମକର୍ତା ଚୟନ କରାଯାଇଛି । ସଭାପତି ତ୍ରିଲୋଚନ ପାତ୍ର ଓ ସଭ୍ୟ ଭାବରେ ରଶ୍ମି ରଞ୍ଜନ ରାଉତ, ଗୁରଦତ ରାଉତ, ମମତା ବେହେରା, ନିର୍ମଳ ବେହେରା, ଦିପକ ପାତ୍ର, ରଶ୍ମି ରଞ୍ଜନ ପାତ୍ର, ଚନ୍ଦନ ସାହୁ, ପ୍ରମୁଖ ମନୋନିତ ହୋଇଥିଲେ । ସହକାରୀ ଶିକ୍ଷକ ବିଜୟ କୁମାର ନାୟକ ବୈଠକ ପରିଚାଳନା ରେ ସହାୟତା କରିଥିଲେ ।

## କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ୧୯ ରେ ହେବ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା,୧୪।୧୨ (ନି.ପ୍ର): କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ପୁରୁଣା ବସଷ୍ଟାଣ୍ଡ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଡାକ୍ତର ବିରେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ରାଜିବ ଲୋଚନ ପଣ୍ଡା, ପ୍ରଶାନ୍ତ ନାୟକ, ଶୁଭାଶିଷ ଜେନା, ଗଙ୍ଗାଧର ଦଳାଇ, ମାତୃଦତ ମହାନ୍ତି, ବିରେନ ଦାସ ଙ୍କ ସମେତ ସଦସ୍ୟ ମାନେ ଉପସ୍ଥିତ ରହି ଚଳିତ ମାସ ୧୯ ତାରିଖରେ ରକ୍ତଦାନ ଶିବିର ପାଇଁ କାର୍ଯ୍ୟକ୍ରମ ସ୍ଥିର କରିଥିଲେ । କରୋନା ମହାମାରୀ ଯୋଗୁଁ ରକ୍ତର ଅଭାବ ଦେଖାଦେଇ ଥିବାରୁ ଶିବିର ଆବଶ୍ୟକତା ପଡିଛି । ଗରାପୁର ସ୍ଥିତ ସୌଭାଗ୍ୟ ମଣ୍ଡପ ଠାରେ ଏହି ଶିବିର ଅନୁଷ୍ଠିତ ହେବ । କଟକର ବାରବାଟୀ ସାଇକ୍ଲିଷ୍ଟ ଆଣ୍ଡ ଆଡଭେନଚର କ୍ଲବର ସଦସ୍ୟମାନେ ସାଇକେଲରେ ଆସି ରକ୍ତଦାନ କରିବେ ବୋଲି ଜଣାପଡିଛି ।

# ସ୍ୱାସ୍ଥ୍ୟ ଓ ପୋଷଣ ସମ୍ବନ୍ଧୀୟ ତାଲିମ୍ କାର୍ଯ୍ୟକ୍ରମ

କନ୍ଧମାଳ,୧୪।୧୨ (ନି.ପ୍ର): ରାଜ୍ୟ ସ୍ତରୀୟ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁକୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ନିୟମିତ ଅନ୍ତରାଳରେ ଗ୍ରାମ୍ୟ ସ୍ତରୀୟ ସେବା ପ୍ରଦାନକାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ୍‌ର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଆନ୍ତର୍ଜାତୀୟ ସଂସ୍ଥା କ୍ରାଏ, କୋଲକାତାର ମିଳିତ ସହଯୋଗରେ ଫିରିଙ୍ଗିଆ ବ୍ଲକ୍‌ର ପାହିରାଜୁ, ବାଲନ୍ଦାପଡା, ଲୁଇସିଂ ଓ କୁଏରମାଣ୍ଡୁ ପଂଚାୟତର ଆଶା, ଅଙ୍ଗନୱାଡି କର୍ମୀ ଓ ପଂଚାୟତ ପ୍ରତିନିଧି ମାନଙ୍କୁ ନେଇ ଦିନିକିଆ ତାଲିମ୍ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଅଛି । କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ ହେଉଛି ଗ୍ରାମାଂଚଳରେ ସରକାରଙ୍କ ଯୋଜନା ମାଧ୍ୟମରେ ଆଗଧାଡିର ସେବାପ୍ରଦାନକାରିଙ୍କ ମାଧ୍ୟମରେ ପହଂଚାଯାଉଥିବା ସେବା ଗୁଡିକ କିପରି ସଠିକ୍ ହିତାଧିକାରିଙ୍କ ପାଖରେ ସଠିକ୍ ସମୟରେ ପହଂଚାଯାଇପାରିବ ଓ ପଂଚାୟତ ପ୍ରତିନିଧି ମାନଙ୍କ ମଧ୍ୟରେ କିପରି ଏହାକୁ ସୁନିର୍ଶ୍ଚିତ କରାଯିବ ତାହାକୁ ଜଣାଇବା । କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୩୪ ଜଣ ଅଙ୍ଗନୱାଡି କର୍ମୀ, ୨୩ ଜଣ ଆଶା କର୍ମୀ ଓ ୪୫ ଜଣ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କୁ ତାଲିମ୍ ଦିଆଯାଇଥିବା ବେଳେ ପ୍ରତି ରାଜସ୍ୱ ଗ୍ରାମରେ ଗାଁ କଲ୍ୟାଣ ସମିତି କୁ ଆସୁଥିବା ଖୋଲାପାଣ୍ଠିର କିପରି ଏକ ବାର୍ଷିକ ଯୋଜନା ପ୍ରସ୍ତୁତ କରି ଗାଁ ର ସ୍ୱାସ୍ଥ୍ୟ, ପୃଷ୍ଟି ଓ ପରିମଳକୁ ଗୁରୁତ୍ୱଦେଇ ସଠିକ୍ ଦିଗରେ ପାଣ୍ଠିର ସୁବିନିଯୋଗ ହୋଇପାରିବ ତାହା ଜଣାଇ ଦିଆଯାଇଥିଲା । କାର୍ଯ୍ୟକ୍ରମ ଗୁଡିକ ଫିରିଙ୍ଗିଆ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମଞ୍ଜୁଳା ପ୍ରଧାନ ଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ମହିଳା ପରିଦର୍ଶିକା କେଶନୀ ପ୍ରଧାନ ଓ ଅପର୍ଣା ଦିଗାଲ ଉପସ୍ଥିତ ରହି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ମାଧ୍ୟମରେ ଦିଆଯାଉଥିବା ସେବାଗୁଡିକୁ ଆଲୋଚନା ମାଧ୍ୟମରେ ଜଣାଇଥିଲେ । ସରପଂଚ ସବିତା କହଁର, ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣକାରୀମାନେ କିପରି ପ୍ରକୃତ ହିତାଧିକାରୀ ଚୟନ କରି ସଠିକ୍ ସେବା ପ୍ରଦାନକୁ ସୁନିର୍ଶ୍ଚିତ କରିପାରିବେ ତାହା ସମସ୍ତଙ୍କୁ ଉପଦେଶ ଦେଇଥିଲେ । ତାଲିମ୍ ରେ ସ୍ୱାତୀ ତରଫରୁ ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର ପରିଚାଳନା କରିଥିବା ବେଳେ ଉମେଶ କୁମାର ମିଶ୍ର, ନିହାରିକା ବେହେରା, ମୁକ୍ତା ନାୟକ, ମାଣିକ ବେହେରା, ସନ୍ତୋଷ କହଁର ଓ ବିବିସ୍ମିତା ଦେହୁରୀ ସହଯୋଗ କରିଥିଲେ ।

## ସୁସ୍ଥ ହୃଦୟ ପାଇଁ ଅର୍ଦ୍ଧ ମତ୍ସ୍ୟେନ୍ଦ୍ରାସନ



ପ୍ରଥମେ ଦୁଇ ପାଦକୁ ଲମ୍ବାଇ ବସନ୍ତୁ । ବାମ ପାଦ ମୋଡ଼ି ତାର ଗୋଇଠିକୁ ଜନନେନ୍ଦ୍ରିୟ ମଧ୍ୟଭାଗରେ ରଖନ୍ତୁ । ଡାହାଣ ପାଦ ବାମ ପାଦର ଜଙ୍ଘ ପାଖରେ ଭୂମି ଉପରେ ସିଧା ଭାବେ ରଖନ୍ତୁ । ଡାହାଣ ଆଣ୍ଠୁ ପଛକୁ ମୋଡ଼ନ୍ତୁ । ଯେପରି ଆଣ୍ଠୁ ବାମ ହାତ କାଖ ତଳେ ରହିବ । ବାମ ହାତରେ ବାମ ଗୋଡ଼ର ଆଣ୍ଠୁକୁ ଧରନ୍ତୁ। ଶରୀରକୁ ଯେତେ ସମ୍ଭବ ଡାହାଣକୁ ମୋଡ଼ି ରଖନ୍ତୁ । ଡାହାଣ ହାତ ପଛ ଆଡ଼କୁ ଧୀରେଧୀରେ ବୁଲାଇ ଡାହାଣ ଗୋଡ଼ର ଗୋଇଠିକୁ ଧରନ୍ତୁ । ମୁହଁ ଡାହାଣକୁ ରଖନ୍ତୁ । ସିଧା ହୋଇ ବସନ୍ତୁ । ଏଇ ଅବସ୍ଥାରେ ୫/୧୦ ସେକେଣ୍ଡ ବସିବା ପରେ ବିଶ୍ରାମ କରି ପୁଣି ବିପରୀତ ଦିଗରେ ଏହି ଆସନଟିକୁ କରନ୍ତୁ । ମେରୁଦଣ୍ଡ ସିଧାରଖି ଓ ଶ୍ୱାସ କ୍ରିୟା ସ୍ୱାଭାବିକ କରନ୍ତୁ । ମୁଖମଣ୍ଡଳ ପୂର୍ବ ଦିଗକୁ ରହିବ । ନିୟମିତ ଆସନ କରିବା ଦ୍ୱାରା ମେରୁଦଣ୍ଡ ସିଧା ଓ ମଜଭୁତ ରହିବ । କୁଣ୍ଡଳିନୀକୁ ଶକ୍ତି ଜାଗ୍ରତ ହୁଏ । ଫୁସଫୁସ ଓ ହୃଦୟ ସବଳ ହୁଏ । ଯକୃତ ଦୋଷ ଦୂରହୁଏ । ରକ୍ତ ସଞ୍ଚାଳନ ଠିକ୍ ହୁଏ ।

# ଜିମ୍ ଯାଉଥିଲେ ବିନ୍ସ ଖାଆନ୍ତୁ

ଗ୍ରୀନ୍ସ ବିନ୍ସକୁ ଷ୍ଟ୍ରିଙ୍ଗ ବିନ୍ସ କୁହାଯାଏ । ଏଥିରେ ଫାଇବର, ଭିଟାମିନ, ଖଣିଜ ଏବଂ ଖୁବ କମ କାର୍ବୋହାଇଡ୍ରେଟ୍ସ ରହିଛି । ଖାଲି ସେତିକି ନୁହେଁ ଏଥିରେ ମଧ୍ୟ ପ୍ରୋଟିନ, କ୍ୟାଲିସିୟମ, ପାଇବର, ଆଇରନ ଏବଂ ଆହୁରି ମଧ୍ୟ ବହୁ ଆବଶ୍ୟକୀୟ ପୋଷାକ ତ[illegible] ରହିଛି । ବିନ୍ସରେ ମଧ୍ୟ ଆଁ[illegible]ଅକ୍ସିଡା[illegible]ର ଅଧିକ ମାତ୍ରା ରହିଛି, ଯାହା ହୃଦ ସମ୍ବନ୍ଧୀୟ ରୋଗର ଆଶଙ୍କାକୁ କମ କରିଥାଏ ।

**ମସଲ୍ସକୁ ମଜଭୁତ କରେ:**
ଏଥିରେ ରହିଥିବା ପ୍ରୋଟିନ, କାର୍ବୋହାଇଡ୍ରେଟ୍ସ ଏବଂ ଆଇରନ ଭଳି ପୋଷକ ତତ୍ତ୍ୱ ମସଲ୍ସକୁ ବଢ଼ାଇବା ସହିତ ମଜଭୁତ କରିଥାଏ । ଯେଉଁମାନେ ଜିମ ଯାଉଛନ୍ତି ସେମାନଙ୍କ ପାଇଁ ବିନ୍ସ ଏକଦମ ଭଲ ।

**ହାଡ ମଜଭୁତ୍ କରେ:**
ବିନ୍ସରେ କ୍ୟାଲସିୟମ ପ୍ରଚୁର ମାତ୍ରାରେ ରହିଥିବାରୁ ଏହା ହାଡ଼କ୍ଷୟ ହେବାକୁ ଦିଏନାହିଁ । ତାଛଡ଼ା ବିନ୍ସରେ ରହିଥିବା ଭିଟାମିନ ଏ, କେ ଓ ସିଲିକନ ମଧ୍ୟ ହାଡ଼ ପାଇଁ ବହୁତ ଭଲ ।

**ଡାଇବେଟିସ ଆଶଙ୍କା କମ କରେ:**
ସବୁଜ ବିନ୍ସରେ ଏଭଳି କିଛି ତତ୍ତ୍ୱ ରହିଛି ଯାହା ଡାଇବେଟିସକୁ ବଢ଼ିବାକୁ ଦିଏ ନାହିଁ ଏଥିରେ ପର୍ଯ୍ୟାପ୍ତ ମାତ୍ରାରେ ଡାଏଟ୍ରି ଫାଇବର୍ସ ଏବଂ କାର୍ବୋ ହାଇଡ୍ରୋଟ୍ସ ମିଳୁଥିବାରୁ ଡାଇବେଟିସ ରୋଗୀଙ୍କ ପାଇଁ ଏହାଠାରୁ ଭଲ ପରିବା ଆଉ କିଛି ନୁହେଁ ।

**କ୍ୟାନ୍ସରରୁ ରକ୍ଷା କରେ:**
ସବୁଜ ବିନ ଖାଇଲେ ଗୋଟିଏ ଫାଇଦା କୋଲୋନ କ୍ୟାନ୍ସରର ଆଶଙ୍କା କମ ରହିଥାଏ ।



**ପେଟ ପାଇଁ ମଧ୍ୟ ଭଲ:**
ନିୟମିତ ବିନ୍ସ ଖାଇବା ଦ୍ୱାରା ପେଟ ସୁସ୍ଥ ରହିଥାଏ । ଏହା ପାଚନ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରି ଗ୍ୟାସ୍, କବଜ ଏବଂ ପେଟ ସମ୍ବନ୍ଧୀୟ ରୋଗରୁ ମୁକ୍ତି ଦେଇଥାଏ ।

## ଡଗ୍ ଥେରାପି

ବିଭିନ୍ନ ପ୍ରକାର ଥେରାପି ସମ୍ବନ୍ଧରେ ଆପଣ ଜାଣିଥିବେ । ହେଲେ କେବେ 'ଡଗ୍ ଥେରାପି' ସମ୍ବନ୍ଧରେ ଶୁଣିଛନ୍ତି କି ? ବର୍ଷରୁ କମ ବୟସ୍କ ଶିଶୁମାନଙ୍କ ନିକଟରେ ଦେଖା ଯାଉଥିବା 'ଏଡିଏଚଡି' **Attention Deficit Hyperactivity Disorser** ନାମକ ରୋଗର ନିରାକରଣ ପାଇଁ ଏହି ଥେରାପି ବ୍ୟବହାର କରାଯାଇ ପାରିବ । ଉପଯୁକ୍ତ ଯତ୍ନ ଏବଂ ଧ୍ୟାନ ଅଭାବରୁ ଶିଶୁମାନଙ୍କ ନିକଟରେ ଏହି ରୋଗ ଦେଖାଯାଏ । ଏହା ଏକ ପ୍ରକାର ମାନସିକ ରୋଗ । ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ବିଶେଷଜ୍ଞମାନେ ଏହି ଥେରାପିର ଉଦ୍ଭାବନ କରିଛନ୍ତି । ହଗ୍ ଥେରାପି ପାଇଁ ଏକ ସ୍ୱତନ୍ତ୍ର ପ୍ରଜାତିର କୁକୁରକୁ ତାଲିମ ଦିଆ ଯାଇଥାଏ । ହସ୍ପିଟାଲରେ କିମ୍ବା ଘରେ ଏଡିଏଚଡି ରୋଗାଗ୍ରସ୍ତ ଶିଶୁମାନଙ୍କ ଉପଚାର ପାଇଁ ଶିଶୁମାନଙ୍କୁ ଏହି କୁକୁର ସହ ରହିବାକୁ ପଡ଼ିଥାଏ । ତାଲିମପ୍ରାପ୍ତ କୁକୁର ସହ ରହିବା ଦ୍ୱାରା ଶିଶୁର ମାନସିକ ସ୍ଥିତି ସ୍ୱାଭାବିକ ହୋଇ ପାରିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି । ୧୨ ସପ୍ତାହ ଧରି ଏହି ଥେରାପି ନେବା ଦ୍ୱାରା ଏହି ରୋଗର ସମ୍ପୂର୍ଣ୍ଣ ଉପଚାର ହୋଇପାରିବ ।



## ଗୋଡ଼ର ମାଂସପେଶୀ ଆରାମ ପାଇବ

ପାଦ, ଗୋଡ଼ ଏବଂ ଜଂଘ ମଣିଷର ଛିଡ଼ାହେବା ତଥା ଚାଲିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ବଳାଗଣ୍ଠି ଆଣ୍ଠୁ ଏବଂ ଜଂଘ ଅସ୍ଥିର ଯୋଡେଇ ସ୍ଥାନ ସହିତ ମାଂସପେଶୀଗୁଡ଼ିକ ଉପରେ ଖୁବ୍ ଚାପ ପଡ଼େ । ତେଣୁ ଶରୀର ନିମ୍ନ ଭାଗରେ ଥିବା ଏହି ଗଣ୍ଠି ଓ ମାଂସ ପେଶୀ ସୁସ୍ଥ ରହିବା ଜରୁରୀ । ଏଥିପାଇଁ ବୀରାସନ ନାମକ ଏକ ଆସନ କରିବା ଲାଗି ପରାମର୍ଶ ଦିଆଯାଏ । ତେବେ ସମସ୍ତଙ୍କ ପାଇଁ ଏହା କରିବା ସହଜ ନୁହେଁ । ଏହି ସରଳ ଉପାୟ କରିପାରିଲେ ଗୋଡର ମାଂସପେଶୀ ସୁଦୃଢ଼ ରହିବ । ଏହା ମଧ୍ୟ ଅନେକ ସମୟରେ ପେଣ୍ଡାରେ ହେଉଥିବା ଯନ୍ତ୍ରଣା କମାଇଥାଏ । ଟାଣ ଫୋମ ବା ସ୍ପଞ୍ଜର ଦୁଇଟି ୮-୪-୪ ଇଞ୍ଚ ଇଟା ନିଅନ୍ତୁ । ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ବସି ପଡ଼ନ୍ତୁ । ଇଟା ଦୁଇଟି ପଛପଟେ ଗୋଟିକ ଉପରେ ଗୋଟିଏ ପରି ରହୁଥିବା ଆଣ୍ଠେଇବା ସହିତ ପାଦ ଇଟାର ଦୁଇ ପାର୍ଶ୍ୱରେ ଲମ୍ବାଇଦେବେ ଏବଂ ଆଣ୍ଠୁ ଉପର ସଳଖ ଭାବେ ୯୦ ଡିଗ୍ରୀ ହୋଇ ରହୁଥିବା ଜରୁରୀ ।

- ନିତମ୍ବ ଇଟା ଉପରେ ରହୁଥିବ ।
- ଏବେ ଆଣ୍ଠୁ ଭାଙ୍ଗି ଇଟା ଉପରେ ନିତମ୍ବ ରଖି ବସିପଡ଼ିବେ ।




- ଆଣ୍ଠୁ ଦୁଇଟି ପାଖାପାଖି ରହୁଥିବ ।
- ଧୀର ଶ୍ୱାସକ୍ରିୟା ସହ ତିନିମିନିଟ ଏହି ଅବସ୍ଥାରେ ରହିବା ପରେ ଧୀରେଧୀରେ ଉଠିବେ ଏବଂ ପୁଣି ଦୁଇଗୋଡ଼ ଆଗକୁ ଲମ୍ବାଇ ଆଣିବେ । କିଛି ସମୟ ବିଶ୍ରାମ କରିବା ପରେ ଏହାରପୁନରାବୃତ୍ତି କରନ୍ତୁ ।

## ବ୍ୟାନ୍

- ଉତ୍ତର କୋରିଆରେ ଆପଣ ଯେକୌଣସି ରଙ୍ଗର ଜିନ୍ସ ପିନ୍ଧିପାରନ୍ତି, କିନ୍ତୁ ବ୍ଲୁ ଜିନ୍ସ ସମ୍ପୂର୍ଣ୍ଣ ମନା। କାରଣ ଯେହେତୁ କୋରିଆ ଏବଂ ଆମେରିକା ମଧ୍ୟରେ ଅହି ନକୁଳର ସମ୍ପର୍କ ଏବଂ ବ୍ଲୁ ଜିନ୍ସ ଯେହେତୁ ଆମେରିକାନଙ୍କ ଫେଭରିଟ ଏଇଥିପାଇଁ କୋରିଆରେ ବ୍ଲୁ ଜିନ୍ସ ମନା।
- ଜାପାନରେ ନାଇଟ ଲାଇଫ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ହେଲେ ରାତିରେ ଡ୍ୟାନ୍ସ ମନା। ୧୯୪୮ ମସିହାରୁ ଜାପାନର ନାଇଟ କ୍ଲବରେ ଡ୍ୟାନ୍ସ ସମ୍ପୂର୍ଣ୍ଣ ବ୍ୟାନ୍।
- କିଣ୍ଡର ଜୟ କିମ୍ବା କିଣ୍ଡର ସରପ୍ରାଇଜ ଏଗ୍ ପିଲାମାନଙ୍କୁ ଭାରି ପସନ୍ଦ। କିନ୍ତୁ ଆମେରିକାରେ କିଣ୍ଡର ଜୟ ସମ୍ପୂର୍ଣ୍ଣ ବ୍ୟାନ୍। ଯଦି ଆମେରିକାରେ କାହାଠାରୁ କିଣ୍ଡର ଏଗ୍ ମିଳେ ତ ତାଙ୍କଠାରୁ ଜରିମାନା ବାବଦକୁ ୨,୫୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାର ଏକଲକ୍ଷ ୬୬ହଜାର ଟଙ୍କା ଆଦାୟ କରାଯାଏ। ଏହି ଚକୋଲେଟ୍‌ଟି ଏଗରେ ସରପ୍ରାଇଜ ଟୟ ରହିଥାଏ। ଏହା ପିଲାମାନଙ୍କ ତଣ୍ଟିରେ ଲାଗିଯିବା ଭୟରେ ଏହା ଉପରେ ବ୍ୟାନ ଲଗାଯାଇଛି।

## ସ୍ମୃତିଶକ୍ତି ଓ ନିଦର ନିବିଡ଼ତା

ଆନ୍ତର୍ଜାତୀୟ ନ୍ୟୁରୋସାଇକୋଲାଜିକାଲ ସୋସାଇଟିର ଗବେଷକ ଦଳଙ୍କ ଅନୁସନ୍ଧାନ ଅନୁସାରେ ପ୍ରତ୍ୟେକ ବର୍ଗ ଓ ବୟସର ଲୋକ ଦୈନିକ ୭-୮ ଘଣ୍ଟା ଶୋଇବା ନିତାନ୍ତ ଜରୁରୀ । ଭଲଭାବେ ନିଦ ନ ହେଲେ ତହିଁ ଆରଦିନ ଆମ କାର୍ଯ୍ୟଶୈଳୀ ଉପରେ ଏହାର କୁପ୍ରଭଭାବ ପଡ଼ିଥାଏ। ଏହା ସହ ଆମ ସ୍ମୃତିଶକ୍ତି ମଧ୍ୟ ଦୁର୍ବଳ ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଅନିଦ୍ରା ରହିଲେ ବିଭିନ୍ନ ଶାରୀରିକ ସମସ୍ୟା ଉପୁଜେ। ଏହା କାରଣରୁ ଅବସାଦ ଭାବ ସହ ଚିଡ଼ଚିଡ଼ା ମଧ୍ୟ ଲାଗେ ।



## ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ୍ୟ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ। ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ହାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ୍ୟ କରିପାରିଥାନ୍ତି ।



## ଶିଶୁଙ୍କୁ ଜ୍ୱର

ଶିଶୁ ଶୋଇବାକୁ ଯଦି କଷ୍ଟସାଧ ମଣୁଥାଏ, ଯଦି ଠିକ୍ ଭାବେ ଖାଦ୍ୟ ଖାଉ ନଥାଏ କିମ୍ବା ଖେଳକୁଦ କରୁନଥାଏ, ଏସବୁ ଲକ୍ଷଣ ଜରର ପ୍ରତୀକ ବୋଲି ଆମକୁ ଜାଣିବାକୁ ହେବ । ଶିଶୁମାନଙ୍କ କ୍ଷେତ୍ରରେ ଜର ଅନେକ ସମୟରେ ପରିଲକ୍ଷିତ ହୋଇଥାଏ । ସାଧାରଣତଃ ଶିଶୁମାନଙ୍କ ଶରୀରରେ ସାଧାରଣ ତାପମାତ୍ରା ଥାଏ । ଜରର ସଙ୍କେତ କେତେକ ରୋଗ ସଂକ୍ରମଣ ଦେଇ ଶିଶୁର ଶରୀର ମଧ୍ୟକୁ ଯାଏ । ଆମେ ଶିଶୁର କପାଳରେ ହାତ ରଖି ଜରର ପରିମାଣ ଜାଣି ପାରିଥାଉ । ଶିଶୁର ଦେହରେ ଯଦି ୯୭ ଡିଗ୍ରୀର ତାପମାତ୍ରା ରହୁଥାଏ ତେବେ ଏହା ସାଧାରଣ ବୋଲି ଆମକୁ ଜାଣିବାକୁ ହେବ କିନ୍ତୁ ଶିଶୁର ଦେହରେ ଯଦି ୧୦୦.୪ ଡିଗ୍ରୀର ତାପମାତ୍ରା ଥାଏ ତେବେ ଶିଶୁକୁ ଜର ହୋଇଛି ବୋଲି ଜଣାଯାଏ । ଜର ହେବା ଫଳରେ ଶିଶୁର ଶରୀର ଦୁର୍ବଳ, କାନରେ ରୋଗ ସଂକ୍ରମଣ ଓ ଅନେକ ସାଂଘାତିକ ଅବସ୍ଥାରେ ମସ୍ତିଷ୍କ ଆବରକ ଝିଲ୍ଲୀର ପ୍ରବାହ ଓ ରକ୍ତରେ ବୀଜାଣୁ ରୋଗ ସଂକ୍ରମଣ ହୋଇଥାଏ।



ଶିଶୁ ଶୋଇବାକୁ ଯଦି କଷ୍ଟସାଧ ମଣୁଥାଏ, ଯଦି ଠିକ୍ ଭାବେ ଖାଦ୍ୟ ଖାଉ ନଥା, କିମ୍ବା ଖେଳକୁଦ କରୁନଥାଏ, ଏସବୁ ଲକ୍ଷଣ ଜରର ପ୍ରତୀକ ବୋଲି ଆମକୁ ଜାଣିବାକୁ ହେବ । ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରି କମିବା ଯାଏ ନିୟମିତ ଔଷଧ ଦିଆଯିବା ଉଚିତ୍ । ଆପଣ ମଧ୍ୟ ଶିଶୁ ପ୍ରତି ଅଧିକ ଯତ୍ନଶୀଳ ହେଲେ ଶିଶୁ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିପାରିବ । ଶିଶୁକୁ ଜର ହେଉଥିଲେ ତିନିମାସ ଯାଏ ଡାକ୍ତରଙ୍କ ନିକଟରେ ଶିଶୁଟିର ଚିକିତ୍ସା କରାଗଲେ ଭଲ ।



## ଥଣ୍ଡା ତେଲ କ୍ଷତିକାରକ

ମୁଣ୍ଡବ୍ୟଥା ବା ଅବସାଦର ଶିକାର ହେବା ମାତ୍ରେ ସେଥିରୁ ତୁରନ୍ତ ଉପଶମ ପାଇବା ପାଇଁ ମୁଣ୍ଡରେ ଥଣ୍ଡା ତେଲକୁ ମାଲିସ କରିଥାନ୍ତି । ପ୍ରକୃତରେ ଏହା ଅନେକ ଉପଶମ ମଧ୍ୟ ଦେଇଥାଏ । କିନ୍ତୁ ମସ୍ତିଷ୍କ ପାଇଁ ଏହା ବହୁ କ୍ଷତିକାରକ ବୋଲି ଏକ ଗବେଷଣାରୁ ଜଣାଯାଇଛି । ବୈଜ୍ଞାନିକଙ୍କ ମତରେ ଥଣ୍ଡା ତେଲର ମାତ୍ରା ଯେତେ ଅଧିକ ତାହା ସେତିକି ମସ୍ତିଷ୍କ ପାଇଁ କ୍ଷତିକାରକ ହେବ । ଏହି ତେଲରେ ୫ଗ୍ରାମର କର୍ପୂର ମିଶିକରି ରହିଥାଏ । ଯାହା ମସ୍ତିଷ୍କକୁ ତୁରନ୍ତ ଶୀତଳ କରିଦେଇଥାଏ କିନ୍ତୁ ଏହା ପରବର୍ତ୍ତୀ ସମୟରେ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଏହି ଗବେଷଣାରୁ ଜଣାଯାଇଛି ମହିଳାମାନେ ମୁଣ୍ଡ ବିନ୍ଧାର ଶିକାର ହେବା ମାତ୍ରେ ସେମାନେ ବଜାରରେ ଉପଲବ୍ଧ ପେନକ୍ଲିୟର ଖାଇଥାନ୍ତି ତେବେ ସେଥିରୁ ତାଙ୍କୁ କୌଣସି ଉପକାର ମିଳିନଥାଏ କିନ୍ତୁ ଥଣ୍ଡା ତେଲର ବ୍ୟବହାର କରିବା ଫଳରେ ତାଙ୍କୁ ତୁରନ୍ତ ଉପଶମ ମିଳିଥାଏ । ଯାହା ସମ୍ପୂର୍ଣ୍ଣ ରୂପେ କ୍ଷତିକାରକ ହୋଇଥାଏ ।




## ଭିଟାମିନ୍ -ଇ'ର ଚମତ୍କାରିତା

ଭିଟାମିନ୍-ଇ' କ୍ୟାପସୁଲରେ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ଅଧିକ ଥାଏ । ଯାହା ଚୁଟି ଏବଂ ଚର୍ମ ପାଇଁଲାଭଦାୟକ ହୋଇଥାଏ । ସବୁଜ ଏବଂ ହଳଦିଆ ରଙ୍ଗର ଏହି କ୍ୟାପସୁଲକୁ ଆପଣ ସହଜରେ ଔଷଧ କିମ୍ବା ଷ୍ଟେସନାରୀ ଦୋକାନରୁ କିଣିପାରିବେ । ଏବେ ଆସନ୍ତୁ ଏହାର ଉପକାରିତା ବିଷୟରେ କିଛି ଜାଣିବା । ୨-୩ ଟି ଭିଟାମିନ-ଇ କ୍ୟାପସୁଲକୁ ନଡ଼ିଆତେଲ କିମ୍ବା ଅଲିଭ୍ ଅଏଲରେ ମିଶାଇ ଏହାକୁ ଚୁଟିରେ ଲଗାନ୍ତୁ । ଚୁଟି ଉପୁଡିବା ସମସ୍ୟା କମ ହେବା ସହ ଚମକଦାର ଚୁଟି ପାଇ ପାରିବେ । ଭିଟାମିନ-ଇ କ୍ୟାପସୁଲରେ ଗ୍ଲିସେରିନ, ଗୋଲାପ ଜଳ ଏବଂ ଏଲୋଭେରା ଜେଲ ମିଶାଇ ମୁହଁରେ ଲଗାନ୍ତୁ । ଶୋଇବାକୁ ଯିବା ପୂର୍ବରୁ ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ । କିଛି ଦିନ ଭିତରେ ଫରକ ଜାଣିପାରିବେ । ଶୋଇବାକୁ ଯିବା ପୂର୍ବରୁ ଭିଟାମିନ -ଇ କ୍ୟାପସୁଲରେ ୫ରୁ୬ ବୁନ୍ଦା ବାଦାମ ତେଲ ପକାନ୍ତୁ ଏହି ମିଶ୍ରଣକୁ ଆଖି ତଳେ ଲଗାଇ ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ମୁହଁରୁ ଏହା କୁଞ୍ଚପଣ ଦୂର କରିବାରେ ସାହାଯ୍ୟ କରେ । ଓଠ ଫାଟୁଥିଲେ ଫାଟିବା ସ୍ଥାନରେ ଗୋଟିଏ ଭିଟାମିନ-ଇ କ୍ୟାପସୁଲକୁ ଲଗାନ୍ତୁ ଓଠ ଫାଟିବା ବନ୍ଦ ହେବ । ଶରୀରରେ ଷ୍ଟ୍ରେଚ୍ ମାର୍କ ପଡ଼ିଥିଲେ ନଡ଼ିଆତେଲରେ ୨ଟି ଭିଟାମିନ-ଇ କ୍ୟାପସୁଲ ମିଶାଇ ଲଗାନ୍ତୁ । ଏହା ଷ୍ଟ୍ରେଚ ମାର୍କ ଦୂର କରିବାରେ ସାହାଯ୍ୟ କରେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୫ ଡିସେମ୍ବର ୨୦୨୦, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବୋଝରୁ ମୁକ୍ତି...

ମହାମାରୀ କରୋନା ଯୋଗୁଁ ବିଦ୍ୟାଳୟଗୁଡ଼ିକ ୮ମାସ ହେଲା ବନ୍ଦ ରହିଛି। ଆସନ୍ତା ଶିକ୍ଷାବର୍ଷଠାରୁ ପୂର୍ବପରି ସ୍କୁଲଗୁଡ଼ିକରେ ଶିକ୍ଷାଦାନ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପିଲାମାନେ କେତେ ଓଜନର ବ୍ୟାଗ୍ ବୋହି ସ୍କୁଲ ଯିବେ ତାହା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସ୍ଥିର କରିଛି। ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନୂତନ ସ୍କୁଲ ବ୍ୟାଗ୍-୨୦୨୦ ନୀତି ଅନୁଯାୟୀ ପିଲାଙ୍କ ସ୍କୁଲ ବ୍ୟାଗ ସେମାନଙ୍କ ଓଜନର ୧୦ ପ୍ରତିଶତ ମଧ୍ୟରେ ରହିବ। ଉଦାହରଣ ସ୍ୱରୂପ-ଜଣେ ୫ମ ଶ୍ରେଣୀର ପିଲାର ଓଜନ ୩୦ କେଜି। ଏହି ନୀତି ଅନୁଯାୟୀ ସମ୍ପୃକ୍ତ ପିଲା ୩କେଜି ଓଜନର ବ୍ୟାଗ୍ ନେଇ ସ୍କୁଲ ଯିବ। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ କୌଣସି ହୋମୱାର୍କ ନଦେବାପାଇଁ ବହୁ ପ୍ରତୀକ୍ଷିତ ନିର୍ଦ୍ଦେଶ ଜାରି କରାଯାଇଛି। ସ୍କୁଲ ପିଲାଙ୍କୁ ବ୍ୟାଗ୍ ବୋଝରୁ ମୁକ୍ତ କରିବାପାଇଁ ବହୁ ବର୍ଷ ଧରି ଦାବି ହୋଇଆସୁଥିଲା। ଏହି ପରିପ୍ରେକ୍ଷୀରେ ନୂତନ ନୀତି ପ୍ରଣୟନ କରାଯାଇଥିବାରୁ ବିଦାଳୟ ସଂଗଠନଗୁଡ଼ିକ ଏଥିପ୍ରତି ବିଶେଷ ଭାବେ ଯତ୍ନବାନ ହେବା ଉଚିତ୍। ଭାରୀ କିମ୍ବା ହାଲୁକା ବ୍ୟାଗ ନେଇ ପିଲାଗଲେ ସ୍କୁଲରେ ଭଲ ଅଥବା ଖରାପ ପାଠ ପଢ଼ା ହେଉଛି ତାହା ଭାବିବା ଭୁଲ। ଗତ କିଛିବର୍ଷ ମଧ୍ୟରେ କେଉଁ ସ୍କୁଲର ବ୍ୟାଗ୍ କେତେ ଭାରୀ ତାହାକୁ ନେଇ ଏକରକମ ପ୍ରତିଯୋଗିତା ଲାଗିରହିଥିଲା। ଏହା ନିଃସନ୍ଦେହ ଯେ ସ୍କୁଲରେ ଯେତିକି ପିରିୟଡ଼୍ ନଥାଏ ତାହାଠାରୁ ଅଧିକ ବହିଖାତା ପିଲାମାନଙ୍କୁ ଆଣିବାକୁ କୁହାଯାଇଥାଏ। ଏହାକୁ କେହି ଗୁରୁତର ସହ ନେଇନଥିଲେ। କେତେକ ଅଭିଭାବକ ଏହାର ପ୍ରତିବାଦ କରିଆସୁଥିଲେ; କିନ୍ତୁ ସ୍କୁଲର ଚାପରେ ତାଙ୍କ ସ୍ୱର ଦବି ଯାଉଥିଲା। ଏହି କ୍ରମରେ ଦିନକୁ ଦିନ ପିଲାଙ୍କ ବ୍ୟାଗ୍ ବଡ଼ ଓ ଭାରୀ ହେବାରେ ଲାଗିଲା। ପିଲାମାନେ ପିଠି ଓ କାନ୍ଧରେ ବ୍ୟାଗ୍ ଝୁଲାଇବା କିମ୍ବା ଘୋଷାରି ଘୋଷାରି ନେବା ପ୍ରାୟତଃ ଦେଖାଯାଉଥିଲା। ନିକଟରେ କେନ୍ଦ୍ର ସରକାର ନୂତନ ବ୍ୟାଗ୍ ନୀତି କାର୍ଯ୍ୟକାରୀ କରିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି; ତେଣୁ ପିଲାଙ୍କୁ ବୋଝମୁକ୍ତ କରିବା ପାଇଁ ରାଜ୍ୟଗୁଡ଼ିକ ପ୍ରସ୍ତୁତି କରିବା ଉଚିତ୍। ସ୍କୁଲ ବ୍ୟାଗ୍ ୨୦୨୦ ନୀତିରେ କୁହାଯାଇଛି ଯେ- ପ୍ରତ୍ୟେକ ପାଠ୍ୟପୁସ୍ତକର ଓଜନ ପ୍ରକାଶକଙ୍କ ଦ୍ୱାରା ଛପା ହେବା ଆବଶ୍ୟକ। ରାଷ୍ଟ୍ରୀୟ ଶିକ୍ଷା ଅନୁସନ୍ଧାନ ଓ ତାଲିମ ପରିଷଦ (ଏନସିଇଆରଟି) ଦ୍ୱାରା କରାଯାଇଥିବା ବିଭିନ୍ନ ସର୍ବେକ୍ଷଣ ଏବଂ ଅଧ୍ୟୟନ ଉପରେ ଆଧାର କରି ଶିକ୍ଷା ମନ୍ତ୍ରଣାଳୟ ଏପରି ସୁପାରିସ ଲାଗୁ କରିଛନ୍ତି। ଏଥିସହିତ ଉଚ୍ଚମାନର ମଧ୍ୟାହ୍ନଭୋଜନ ସହ ପାନୀୟଜଳ ଯୋଗାଣ ଉପରେ ସ୍କୁଲଗୁଡ଼ିକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହାଦ୍ୱାରା ପିଲାମାନଙ୍କୁ ସାଙ୍ଗରେ ଖାଇବା ଓ ପାଣି ବୋତଲ ବୋହି ଆଣିବାକୁ ପଡ଼ିବ ନାହିଁ। ସେହିପରି ସ୍କୁଲରେ ବହି ବ୍ୟାଙ୍କ ସହ ବହି, ଖାତା ରଖିବାପାଇଁ ଲକର ବ୍ୟବସ୍ଥା କରିବାକୁ କୁହାଯାଇଛି। ଫଳରେ ପିଲାଙ୍କ କାନ୍ଧରୁ ବହି-ଖାତା ବୋଝ କମିଯିବ। ସୁପାରିସରେ କୁହାଯାଇଛି ପ୍ରାଥମିକ ବିଦ୍ୟାଳୟର ଶିଶୁଙ୍କ ପାଇଁ କୌଣସି ବ୍ୟାଗର ଆବଶ୍ୟକତା ନାହିଁ। ଏହା ବ୍ୟତୀତ 'ସ୍କୁଲ ବ୍ୟାଗ୍-୨୦୨୦' ନୀତିରେ ମୋଟ ୧୧ଟି ସୁପାରିସ କରାଯାଇଛି। ସରକାରୀ ବିଦ୍ୟାଳୟରୁ ଏହି ନୀତି ପ୍ରଥମେ ଆରମ୍ଭ ହେବ। ପରେ ପରେ ଘରୋଇ ସ୍କୁଲଗୁଡ଼ିକ ଏହି ସୁପାରିସ ଲାଗୁ କରିବେ। ସମୟ ସାରଣୀକୁ ସୁଧାରି ଯେତିକି ଆବଶ୍ୟକ ସେତିକି ବହି ଖାତା ପିଲାଙ୍କୁ ଆଣିବାକୁ ଶିକ୍ଷକମାନେ କହିବେ। ଏହା ବ୍ୟତୀତ ପିଲାମାନଙ୍କ ପାଠ୍ୟକ୍ରମକୁ କମ୍ କରିବାପାଇଁ ମଧ୍ୟ ଚର୍ଚ୍ଚା ହେଉଛି। ପିରିୟଡ଼୍ ସଂଖ୍ୟା କମାଇବା ଉପରେ ମଧ୍ୟ ବିଚାର କରାଯିବ। କେତେକ ସ୍କୁଲରେ ପିଲାମାନେ ପଢ଼ି ସାରିବା ପରେ ଖାତା ଓ ବହି ସେଠାରେ ରଖିଦେଇ ଆସନ୍ତି। ପରଦିନ ପୂର୍ବପରି ସେଠାରୁ ବହି, ଖାତା ଆଣି ପାଠ ପଢ଼ିଥାନ୍ତି। ସପ୍ତାହର ଶେଷ ଦିନରେ ଅଭିଭାବକମାନେ ସ୍କୁଲକୁ ଆସି ପିଲାଙ୍କ ବହି ଖାତା ନେବାକୁ କୁହାଯାଇଥାଏ। ସୋମବାରଠାରୁ ପୂର୍ବପରି ପିଲାମାନେ ପଢ଼ି ସାରିବା ପରେ ସ୍କୁଲରେ ବହି-ଖାତା ରଖି ଘରକୁ ଫେରିଥାନ୍ତି। ଏହା ନିଶ୍ଚିତ ଏକ ଉତ୍ତମ ପଦକ୍ଷେପ। ଏହାଦ୍ୱାରା ପିଲାମାନଙ୍କୁ ସର୍ବନିମ୍ନ ଭାର ନେଇ ବିଦ୍ୟାଳୟକୁ ଆସିବାକୁ ପଡ଼ିବ। ଭାରୀ ବ୍ୟାଗ୍ ଯୋଗୁଁ ପିଲାଙ୍କ କାନ୍ଧ ଓ ମେରୁଦଣ୍ଡରେ ସମସ୍ୟା ଦେଖାଦେଉଥିବା ଅନେକ ଅଭିଯୋଗ ଆସିଥାଏ। ପିଲାଙ୍କ ବଢ଼ିବା କିମ୍ବା ଲମ୍ବା ହେବା ବୟସରେ ତାଙ୍କ ଉପରେ ଆବଶ୍ୟକତାଠାରୁ ଅଧିକ ବୋଝ ଲଦି ଦେବା ଫଳରେ ସେମାନଙ୍କ ଜୀବନ ବିପର୍ଯ୍ୟସ୍ତ ହୋଇପଡୁଛି। ଆସୋସିଏଟେଡ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଭାରତର ୬୮ ପ୍ରତିଶତ ପିଲା ପିଠି ଯନ୍ତ୍ରଣାର ସମ୍ମୁଖୀନ ହୋଇଥାନ୍ତି। ଯାହାକି ଭବିଷ୍ୟତରେ ସମସ୍ୟା ସୃଷ୍ଟି କରିପାରେ। ଦେଶର ମୁଖ ସହରଗୁଡ଼ିକରେ ୨୫୦୦ରୁ ଅଧିକ ପିଲା ଓ ୧୦୦୦ରୁ ଅଧିକ ପିତାମାତାଙ୍କୁ ନେଇ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି- ସାତରୁ ତେର ବର୍ଷର ୮୮ ପ୍ରତିଶତ ପିଲା ଶରୀରର ଓଜନ ୪୫ ପ୍ରତିଶତରୁ ଅଧିକ ସ୍କୁଲ ବ୍ୟାଗ ବୋଝ କାନ୍ଧରେ ଲଦି ସ୍କୁଲ ଆସୁଛନ୍ତି। ସୁତରାଂ ନୂତନ ବ୍ୟାଗ୍ ନୀତିକୁ ସରକାର ଶୀଘ୍ର ଲାଗୁ କରିବା ଉଚିତ୍। କରୋନା ପରେ ସ୍କୁଲ ଖୋଲିବା ବେଳକୁ ପିଲାମାନେ ଯେପରି ହାଲୁକା ବ୍ୟାଗ୍ ଧରି ହସିହସି ସ୍କୁଲକୁ ଯିବେ ସେଥିପ୍ରତି ଦୃଷ୍ଟି ଦେବା ଜରୁରୀ।

# ଧନୁ ସଂକ୍ରାନ୍ତି

**ଡକ୍ଟର ଶ୍ରୀହରି ପଣ୍ଡା**

ସଂକ୍ରାନ୍ତି =ସମ୍ + କ୍ରମ + କ୍ତି (ତି) । ଏହାର ଅର୍ଥ ସଂକ୍ରମଣ ବା ଆଗେଇ ଚାଲିବା । ଜ୍ୟୋତିଷାର୍ଥରେ ଏକ ରାଶିରୁ ଅନ୍ୟ ରାଶିକୁ ସୂର୍ଯ୍ୟଙ୍କର ଗମନ । ଏହାକୁ ରବିସଂକ୍ରମଣ କୁହାଯାଏ । ଓଡିଶାରେ ସଂକ୍ରାନ୍ତିକୁ ପରବର୍ତ୍ତୀ ସୌରମାସର ପ୍ରଥମ ଦିନ ବୋଲି ଗଣନା କରାଯାଏ । ସଂକ୍ରାନ୍ତିର ପୂର୍ବଦିନକୁ ମାସନ୍ତ ବୋଲି କୁହାଯାଏ । ସଂକ୍ରାନ୍ତିର ନାମକରଣ ପରବର୍ତ୍ତୀ ମାସର ନାମ ଅନୁସାରେ କରାଯାଏ; ଯଥା-ଧନୁସଂକ୍ରାନ୍ତି, ମକର ସଂକ୍ରାନ୍ତି, ବିଷୁବ ସଂକ୍ରାନ୍ତି ଇତ୍ୟାଦି । ମକର ବା ମାଘ ସଂକ୍ରାନ୍ତିକୁ ଉତ୍ତରାୟଣ ସଂକ୍ରାନ୍ତି ଓ କର୍କଟ ବା ଶ୍ରାବଣ ସଂକ୍ରାନ୍ତିକୁ ଦକ୍ଷିଣାୟନ ସଂକ୍ରାନ୍ତି କୁହାଯାଏ । ଗୋଟିଏ ବର୍ଷରେ ସୂର୍ଯ୍ୟଙ୍କର ଦୁଇଟି ଅୟନ ହୁଏ । ଉତ୍ତରାୟଣ ଓ ଦକ୍ଷିଣାୟନ । ସେହିପରି ମେଷ ବା ବୈଶାଖ ସଂକ୍ରାନ୍ତିକୁ ମହାବିଷୁବ ସଂକ୍ରାନ୍ତି କୁହାଯାଉଥିବା ବେଳେ ତୁଳା ସଂକ୍ରାନ୍ତିକୁ ଜଳବିଷୁବ ସଂକ୍ରାନ୍ତି ବା ଗର୍ଭଣା ସଂକ୍ରାନ୍ତି କୁହାଯାଏ । ରବିସଂକ୍ରମଣ ସମୟ ଅତ୍ୟନ୍ତ ପୁଣ୍ୟକାଳ ହୋଇଥିବାରୁ ଏହି ସମୟରେ ସ୍ନାନ, ହୋମ ଓ ମନ୍ତ୍ର ଜପରେ ପୁଣ୍ୟ ସଂଚୟ ହୁଏ ।ଏଣୁ ଉକ୍ତ ଦିବସରେ ସ୍ତ୍ରୀ, ତୈଳ ଓ ଆମିଷାଦି ବର୍ଜନୀୟ । ଏହିଦିନ ସାୟଂ ସନ୍ଧ୍ୟା ମଧ ନିଷିଦ୍ଧ । ବର୍ଷରେ ସମୁଦାୟ ବାରମାସରେ ବାରଗୋଟି ସଂକ୍ରାନ୍ତି ପଡିଥାଏ । ଏହି କ୍ରମରେ ଧନୁ ସଂକ୍ରାନ୍ତି ସୂର୍ଯ୍ୟଦେବଙ୍କ ଦକ୍ଷିଣାୟନରେ ଅବସ୍ଥିତ ସମୟରେ ରାଶିଚକ୍ରର ୧୨ଟି ସଂକ୍ରମଣ ମଧ୍ୟରୁ ଏହା ନବମ ସଂଖ୍ୟାର ରାଶିଚକ୍ର ଅଟେ । ପ୍ରତ୍ୟେକ ଇଂରାଜିମାସର ୧୩ରୁ ୧୫ ତାରିଖ ମଧ୍ୟରେ ପ୍ରାୟତଃ ସୂର୍ଯ୍ୟ ଏକ ରାଶିରୁ ଅନ୍ୟ ରାଶିକୁ ସଂକ୍ରମଣ କରିଥାନ୍ତି । ଏଣୁ ଡିସେମ୍ବର ଓ ଜାନୁଆରି ମାସରେ ହେଉଥିବା ସୂର୍ଯ୍ୟଙ୍କର ସଂକ୍ରମଣକୁ ଧନୁ ସଂକ୍ରାନ୍ତି କୁହାଯାଏ । ଜ୍ୟୋତିଷ ଶାସ୍ତ୍ରାନୁସାରେ ଧନୁ ସଂକ୍ରାନ୍ତିକୁ ମହୋଦରୀ ଭାବେ ଅଭିହିତ କରାଯାଇଛି । ଏହାର ଅଧରପତି ଗ୍ରହ ହେଉଛନ୍ତି ବୃହସ୍ପତି । ବୃହସ୍ପତିଙ୍କ ଗ୍ରହ ସଂଖ୍ୟା ୫ । ଏହି ରାଶିର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି ତାରା । ଧନୁରାଶିର ସ୍ୱରୂପ ବ୍ୟକ୍ତକରି ପାଞ୍ଜିକାରମାନେ ବର୍ଣ୍ଣନା କରନ୍ତି ଯେ, ଏମାସର ସଂକ୍ରାନ୍ତି ପୁରୁଷ, ପଶୁଜାତି, ପ୍ରୌଢା, ରକ୍ତବସ୍ତ୍ର ପରିହିତ, ଗୋରଚନା ପ୍ରଲେପିତ, ବେଲପତ୍ର ଭୂଷିତ, ସୀସାପାତ୍ରରେ କ୍ଷୀରପାନ କରି, ଧନୁର୍ବାଣ ହସ୍ତରେ ଧାରଣ କରି ହସ୍ତୀ ବାହନରେ ପର୍ଶ୍ଚିମ ଦିଗରୁ ଆସି, ପୂର୍ବଦିଗକୁ ଦୃଷ୍ଟି ଦେଇ ଦକ୍ଷିଣ ଦିଗକୁ ଗମନ କରିବେ ।


> ସଂକ୍ରାନ୍ତି =ସମ୍ + କ୍ରମ + କ୍ତି (ତି) । ଏହାର ଅର୍ଥ ସଂକ୍ରମଣ ବା ଆଗେଇ ଚାଲିବା । ଜ୍ୟୋତିଷାର୍ଥରେ ଏକ ରାଶିରୁ ଅନ୍ୟ ରାଶିକୁ ସୂର୍ଯ୍ୟଙ୍କର ଗମନ । ଏହାକୁ ରବିସଂକ୍ରମଣ କୁହାଯାଏ । ଓଡିଶାରେ ସଂକ୍ରାନ୍ତିକୁ ପରବର୍ତ୍ତୀ ସୌରମାସର ପ୍ରଥମ ଦିନ ବୋଲି ଗଣନା କରାଯାଏ । ସଂକ୍ରାନ୍ତିର ପୂର୍ବଦିନକୁ ମାସନ୍ତ ବୋଲି କୁହାଯାଏ। ସଂକ୍ରାନ୍ତିର ନାମକରଣ ପରବର୍ତ୍ତୀ ମାସର ନାମ ଅନୁସାରେ କରାଯାଏ; ଯଥା-ଧନୁସଂକ୍ରାନ୍ତି, ମକର ସଂକ୍ରାନ୍ତି, ବିଷୁବ ସଂକ୍ରାନ୍ତି ଇତ୍ୟାଦି ।


ଉକ୍ତଦିବସ ଏକ ପବିତ୍ର ଦିବସ । ଉକ୍ତ ଦିନ ନବଗ୍ରହଙ୍କର ଉପାସନା କରାଯାଏ । ଏହା ବ୍ୟତୀତ ମହାଲକ୍ଷ୍ମୀ ବାପଘରକୁ ଯାଇଥାନ୍ତି ବୋଲି ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ ହୋଇ ମକରସଂକ୍ରାନ୍ତି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଏହି ଦିନମାନଙ୍କରେ ସକାଳର ଗୋପାଳବଲ୍ଲଭ ସହିତ ପହିଲିଭୋଗ କରାଯାଇଥାଏ । ଏଥି ନିମନ୍ତେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଥାଏ । ରାତ୍ର ୨.୩୦ ମିରେ ଦ୍ୱାରଫିଟା, ଭିତର ଶୋଧ, ମଙ୍ଗଳ ଆଳତି ଓ ଅବକାଶ କରାଯାଇଥାଏ । ଅଣସର ପିଣ୍ଡି ବା ବଲ୍ଲଭ ପିଣ୍ଡିଠାରେ ପାଣିପଡି ପରିଷ୍କାର କରାଯାଇ ପରଖମାନଙ୍କରେ ବଲ୍ଲଭ ବଡା ବଡା ହୁଏ । ଏହାପରେ ପହିଲି ଭୋଗ ଛେକ ଆସିବା ପାଇଁ ରୋଷକୁ ଡକରାଯାଏ । ଏ ଭୋଗରେ ବିରି ଓ ଗହମରେ ଘୃତପାକ ହୋଇଥିବା ସ୍ୱତନ୍ତ୍ର ଧରଣର ପିଠାମାନ ମହାସୁଆରମାନେ ଛେକରେ ଆଣିଥାନ୍ତି । ପୂଜାପଣ୍ଡାମାନେ ପଞ୍ଚୋପଚାରରେ ପୂଜା କରିଥାନ୍ତି । ପହିଲି ଭୋଗରେ ୨୩ ପ୍ରକାର ଯଥା- ବଡ ଝିଲି, ବଡି, ନାଡି, ଚୂଡା ଭଜା, ଛତୁ, ବଡା, କାକରା, ଟାକିରି, ଗଇଣ୍ଠା, ମଣ୍ଡା, ଏଣ୍ଡୁରି, ଚୂଡାପୂଆ, ଅମାଲୁ, ଚଢେଇନେଦା ଗୁଳା, ଦରସୁଆ ବଡି, କାନ୍ତି, ନଡୁଗଜା, ନଳିମୁଗେଇ, ଆରିସା, କଣ୍ଟେଇ ପ୍ରଭୃତି ଅନ୍ତର୍ଭୁକ୍ତ । ନୂଆଚାଉଳ ସହିତ ନୂଆ ଆଖୁରୁ ଉତ୍ପାଦିତ ଗୁଡରେ ନିର୍ମିତ ମୁଆଁ ଖୁବ୍ ସ୍ୱାଦିଷ୍ଟ ହୋଇଥାଏ । ଏହି ଭୋଗର ଉତ୍ପତ୍ତି ଓ କାରଣ ସମ୍ପର୍କରେ ଜନଶ୍ରୁତି ଏବଂ ଷୋଡଶ ଶତାବ୍ଦୀର କବି ମାଧବୀ ଦାସଙ୍କ ରଚନାରୁ ଜଣାଯାଏ ଯେ, ଏହି ମାସରେ ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ ରାତି ପାହିବା ପୂର୍ବରୁ ବିଭିନ୍ନ ଲଘୁଦ୍ରବ୍ୟ ଭୁଞ୍ଜାଇ ଦିଅନ୍ତି । ଏଣୁ ଏହି ଭୋଗ ହେଉଛି ବାତ୍ସଲ୍ୟ ସ୍ନେହ ତଥା ନୈସର୍ଗିକ ପ୍ରେମର ନିଦର୍ଶନ । ଏ ସମ୍ପର୍କୀୟ ପୌରାଣିକ ଅଖ୍ୟାନରୁ ଜଣାଯାଏ ଏକଦା ଦ୍ୱାରିକାରେ ଶ୍ରୀକୃଷ୍ଣ ମାତା ଯଶୋଦାଙ୍କ ସ୍ମୃତିରେ ବ୍ୟାକୁଳିତ ହୋଇ ବାଳଗୋପାଳ ରୂପ ଧାରଣ କରିଥିବା ସମୟରେ ନାରଦ ପହଞ୍ଚିଯାଇ ତାହାର ରହସ୍ୟ ଜିଜ୍ଞାସା କରିଥିଲେ । ଶ୍ରୀକୃଷ୍ଣ ତାଙ୍କୁ ଏହାର ଉତ୍ତର ନିମନ୍ତେ ଗୋପପୁରକୁ ପ୍ରେରଣ କରିଥିଲେ । ସେଠାରେ ପହଞ୍ଚି ନାରଦ ଦେଖିଲେ ମାତା ଯଶୋଦା କୃଷ୍ଣ ଏବଂ ବଳରାମଙ୍କୁ କୋଳରେ ଧାରଣ ପୂର୍ବକ ନାନା ସୁମିଷ୍ଟ ଦ୍ରବ୍ୟ ଆନନ୍ଦରେ ସେବନ କରାଉଛନ୍ତି । ଏଣୁ ଏହାର ସ୍ମାରକୀ ସ୍ୱରୂପ ଶ୍ରୀମନ୍ଦିରରେ ପହିଲି ଭୋଗ ପ୍ରଚଳନ ଅଛି । ମାତା ଲକ୍ଷ୍ମୀ ଓଡିଆ ଘରର ବୋହୂର ପ୍ରତିନିଧିତ୍ୱ କରୁଥିବାରୁ ଏବଂ ଏହିମାସରେ ବାପଘରକୁ ଯାଉଥିବାରୁ ଲୋକ କଥାରେ ଓଡିଆ ବୋହୂ ପୌଷମାସରେ ବାପଘରକୁ ଯିବାର ପ୍ରଥା ମଧ ପ୍ରଚଳିତ ଅଛି ।

ଏହାମଧ ଏକ କୃଷିଜାତୀୟ ପର୍ବ ଅଟେ । ଉକ୍ତଦିନ କୃଷକ ଧାନକୁ ବେଣ୍ଟିକରି ପୂଜା କରିବା ସହିତ, ଖିରୀ ଖେଚୁଡି ଭୋଗ ଲାଗିକରି ବେଣ୍ଟିକୁ ଘରେ ଝୁଲାଇଥାଏ । ଧାନମାପକ ଶେର, ମାଣ, ଗୌଣୀ ଆଦିରେ ଚିତା ସିନ୍ଦୁର ଲାଗିକରି ସଂନ୍ଧ୍ୟା ସମୟରେ ଧାନଖଳାରେ ମେରୀପୋତେ ଧାନ ବେଙ୍ଗଳା ଲାଗି । ଖଳାକୁ ଗୋମୟରେ ଲିପି ବଟ, ଶପ୍ତପର୍ଣ୍ଣି, ଗମ୍ଭାରୀ, ଶିମିଳି, ଖାର ବିଶିଷ୍ଟ ଗଛର କାଠରେ ସ୍ତ୍ରୀନାମ ମେରୀ ପୋତାଯାଏ । ତାହାମୁଣ୍ଡରେ ପତାକାରୂପେ ନିମ୍ବପତ୍ର ଓ ସୋରିଷ ରଖିବା ଉଚିତ । ବର୍ତ୍ତମାନ ପୁରପଲ୍ଲୀରେ କାନକୋଳିକଣ୍ଟା କିମ୍ବା ବରକୋଳି ଝଟା କଦଳୀପତ୍ର ସହିତ ବାନ୍ଧି ଲଗାଯାଉଛି । ମେରୀ ପୋତିସାରି କୃଷକ ଧାନଗଦାକୁ ମୁଣ୍ଡିଆମାରି ଧନୁସଂକ୍ରାନ୍ତି ପାଳନ କରିଥାଏ ।

॥ ଜୟ ଜଗନ୍ନାଥ ॥

ଗୌଡଗାଁ,କପ୍ତିପଦା,ମୟୂରଭଞ୍ଜ

ମୋ.୯୮୫୩୯୪୮୪୫୮

# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର



**ଅକ୍ଷୟ କୁମାର ରାଉତ**

ପାରାଦ୍ୱୀପଗଡ଼

ମୋ: ୯୯୩୭୬୯୧୪୭୫

ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଅାରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି। ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ। ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା।

ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରାତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟା ଦ୍ୱାରା ସମୟ ନିରୂପଣ କରୁଥିଲେ। ପାଞ୍ଚ ବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ।






ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଳ' ଓ 'ଉଲମ୍ବିଚକ୍ର'।

ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ ଲେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

## କବିତା କୋଣାର୍କ

### ଘରେ ଆଉ କିଆଁ ବସିବି ମୁହିଁ...

**ଧିରେନ୍ଦ୍ର ମଲ୍ଲିକ**

ଅବସର ନେଲି ଚାକିରୀରୁ ମୋର
ଘରେ ଆଉ କିଆଁ ବସିବି ମୁହିଁ,
କରିବି ଆଜିଠୁ ମାଛ ବିଜିନେସ
ପରିବାର ମୋର ପୋଷିବା ପାଇଁ,
ବାଙ୍କୀ ବଜାରରେ କେବିନିଟେ କରି
ବିକିବି ସେଇଟି ହାତପାଳିଆ,
ରୋହୀ ମିରିକାଳି ଭାକୁର ଇଲିସି
ଗଡ଼ିଶା ସେଉଳ ରଡା ବାଲିଆ,,
ବାହାଘର ଅବା ଭୋଜିଭାତ ହେଉ
ଶସ୍ତାରେ ମାଛ ମୁଁ ଯୋଗେଇ ଦେବି,
ମୁଣ୍ଡ ଚାରିଟାକୁ ପେଟମାଛ ଭଜା
ଘରକୁ ମୋହର ସାଥିରେ ନେବି,
ଖାଇବେ ମୋହର ସ୍ତ୍ରୀ ପିଲାଛୁଆ
ରୋଷେଇ ହେବନି ଘରେ ଆମର,
ପଇସା କିଛିଟା ବଂଚିଗଲେ ସିନା
ଆଗକୁ ଆସିବ ବହୁ କାମର,
ସୁଧକକୁ ଲଗେଇ ଦେବି ସବୁ ଟଙ୍କା
କିଛିଦିନେ ହେଇଯିବି ମୁଁ ଧନୀ,
ସମସ୍ତେ ଡାକିବେ ମହାଜନେ ମତେ
ଭାରିଜାକୁ ମୋର ହେଇଟି ନାନୀ,
ଜମିବାଡ଼ି ସବୁ ଗୋଡ଼େଇ କିଣିବି
କୋଠାପରେ କୋଠା ପିଟି ମୁଁ ଯିବି,
ଓଡ଼ିଶାରେ ଆଉ ପାଇବନି ମତେ
ଲଣ୍ଡନ ଆଫ୍ରିକା ଦେଶରେ ଥିବି,
ସେଇସବୁ କଥା ମନେ ଭାବିଦେଇ
ମାଛ ବିକିବାକୁ ସ୍ଥିର କରିଲି,
କେବିନି ପାଇଁକା ଏକଲକ୍ଷ ଟଙ୍କା
ପକେଟରୁ ମୋର ଆଜି ସାରିଲି,
ଭୋଳାନାଥ କରୁ ଯାହାହେଉ ପଛେ
ବେପାର ମୋହର ଚାଲୁତ ଭଲେ,
ଚଢ଼େଇବି ଶହେଆଠ ବେଲପତ୍ର
ନିଷ୍ଚୟ ଆରଡ଼ି ଧାମକୁ ଗଲେ।

+ଯୁବ ସାମ୍ବାଦିକ, ନିକଣ୍ଠପୁର,
ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୭

### ବାପାଙ୍କ ସ୍ମୃତିରେ ...

**ଶରତ କୁମାର ଦାସ**

ପଥର ଛାତିରୁ ବହୁଛି ରୁଧିର
ତମ ଆବର୍ତ୍ତନେ ହୁଏ ମୁଁ ଅଧିର
ଜୀବନ ଲାଗୁଛି ନିଃସ୍ୱ
ଛାଇ ଆଲୁଅର ଲୁଚକାଳି ଖେଳ
ଅନ୍ଧକାର ଲାଗେ ବିଶ୍ୱ
କେମିତି ସହିବି କୁହ,
ତମ କଣ୍ଠସ୍ୱର ଶୁଭେ ପ୍ରତିକ୍ଷଣେ
ଝରିପଡ଼େ ଆଖି ଲୁହ।
ବିଶ୍ୱାସର ଥିଲ ସୁଦୀର୍ଘ ବଳୟ
ଭରସାର ତମେ ସବୁଜ ନିଳୟ
ଦରଦରେ ଭରା ଛାତି
ଏକ ପରେ ଦୁଇ ଗଡ଼ିଯାଏ ଦିନ
ରୋମାନ୍ଥନ କରେ ସ୍ମୃତି
ଧୋକା ତମେ ଯାହା ଦେଲ,
ମୋ ଦୁନିଆ ପଥେ ଯେତେ ହସଖୁସି
କ୍ଷଣିକେ ଛଡ଼ାଇ ନେଲ।
ବାପା ବୋଲି ଦୁଇ ପବିତ୍ର ଅକ୍ଷର
ମୋ ରକ୍ତର ପ୍ରତି ବିନ୍ଦୁରେ ସ୍ୱାକ୍ଷର
ହେଉଥିବ ଉଦ୍ଭାସିତ
ଦେଖୁଥିବି ନିତି ତୃତୀୟ ନୟନେ
ପ୍ରାଣ ହେବ ଉଲ୍ଲସିତ
ପାଖେ ପାଖେ ସଦା ଥିବ,
ସଂସାରର ବୋଝ ମୋ ମଥା ଉପରେ
ଫୁଲପରି ଲାଗୁଥିବ।
ଜୀବନ ଦେଖିଛି ତୁମରି କୋଳରେ
କେତେ ଅନୁଚିନ୍ତା ଆଦର୍ଶ ମେଳରେ
ଶିଖିଛି ଅନେକ କଥା
ମାଗିନାହିଁ କେବେ ସରଗର ଶଶୀ
ହସି ଆବୋରିଛ ବ୍ୟଥା
କରିନାହିଁ ଅଭିମାନ,
ଅଫେରା ବାଟର ଯାତ୍ରୀ ହେ ତମେ
ଘେନ କୋଟି ସନମାନ।

+ଅଧ୍ୟାପକ ବଡ଼ବିଲ
ମହାବିଦ୍ୟାଳୟ, ବଡ଼ବିଲ



## କବିତା କୋଣାର୍କ

### ଶୀତ ମନସ୍କ...

**ସୁଦର୍ଶନ ମହାପାତ୍ର**

ଶୀତ ପଠାଏ ତା' ଆଗମନୀ ବାର୍ତ୍ତା
ହିମମୟୀ ପବନରେ
ଘନ କୁହେଳିକା ବିଂଚଇ ଶିଶିର
ଦୁର୍ବାଦଳ ମଥା ପରେ
ସଂଜ ଅବା ସକାଳରେ।

ବରଷକକ ପରେ ଆସେ ପରା ଶୀତ
ଆତ୍ମୀୟତା ଭାବ ନେଇ
ପଇଁତରା ମାରେ ଗଳିରେ କନ୍ଦିରେ
ପୁଣି ନଈ ପଠା ଦେଇ
ସୋରିଷ କିଆରି ଛୁଇଁ।

ଶୀତ ଆଣି ଆସେ ହେମାଳ ପବନ
ସାଥିରେ ଖୁସିରୁ ଖିଏ
ନାନା ଜାତି ଫୁଲ ଫଳର ସମ୍ଭାରେ
ସଂସାରକୁ ସେ ସଜାଏ
ସବୁରି ମନକୁ ମୋହେ।

ଶୀତ ବି ଶୁଣାଏ ବିମୁଗ୍ଧ ସଂଗୀତ
ଶିରି ଶିରି ପବନର
ଭରି ବି ଦିଅଇ ଉଚ୍ଛୁଳା ଆନନ୍ଦ
ପ୍ରଣୟର ଅଭିସାର
ତୃଷ୍ଣାନୀର ଉପଚାର।

ଶୀତ ଭେଟିଦିଏ ପୁଷ୍ପର ସ୍ତବକ
ଅୟୁତ ଖୁସିର ଉତ୍ସ
ବଣ ବିଲ ନଈ ପାହାଡ଼ ଝରଣା
ସବୁ ଆଜି ସୁଶୋଭିତ
ସବୁଜିମା ପରିବ୍ୟାପ୍ତ।

ପକ୍ଷୀ କାକଳିରେ ଝରଣା ଛନ୍ଦରେ
ଅବା ସୁନାରଙ୍ଗୀ କ୍ଷେତେ
ଶୀତ ଭରେ ପୁଣି ଖୁସିର ଲହରୀ
ପ୍ରତିଟି ପ୍ରାଣରେ ସତେ
ଜୀବନର ଚଳାପଥ।

+କୁଂଜବିହାରୀ ଲେନ, କଟକ

# ଧନୁସଂକ୍ରାନ୍ତି

ବିପିନ ବିହାରୀ ମହାନ୍ତି
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ମୋ : ୯୯୩୮୩୪୧୩୮

ବର୍ଷକ ବାରମାସ। ରାଶି ଗଣନାକୁ ନେଇ ହିସାବକଲେ ମଧ ୧୨ମାସ। ସୂର୍ଯ୍ୟଙ୍କର ଅବାସ୍ତବ ଗତିକୁ ଧରି ମାସ ଗଣନାହିଁ ରାଶି। ରାଶିଗୁଡ଼ିକ ସାଧାରଣତଃ ଇଂରାଜିମାସ ତାରିଖ ଅନୁସାରେ ୧୩ ତାରିଖରୁ ୧୬ତାରିଖ ମଧରେ ଆରମ୍ଭ ହୋଇ ପରମାସ ସେହିସବୁ ତାରିଖ ମଧରେ ରହିଥାଆନ୍ତି। ସୂର୍ଯ୍ୟଙ୍କର ଏହିପରି ଗତିଜନିତ ସଂକ୍ରମଣକୁ ସଂକ୍ରାନ୍ତି କୁହନ୍ତି।

ସଂକ୍ରାନ୍ତି କ୍ରମରେ ଧନୁ ସଂକ୍ରାନ୍ତି ଅନ୍ୟତମ। ଏହା ବିଛା ଓ ମକର ମଧବର୍ତ୍ତୀ ରାଶି। ସଂକ୍ରାନ୍ତି ଦୃଷ୍ଟିରୁ ଏହା ମଧ ଏକ ଗୁରୁତ୍ୱ ପୂର୍ଣ୍ଣରାଶି। ଏହା ଏକ କୃଷିଭିତ୍ତିକ ପର୍ବ।

ମାର୍ଗଶୀର ମାସରେ ମା' ଲକ୍ଷ୍ମୀଙ୍କ ପୂଜା। ପୂଜା ପରେ ଧନୁସଂକ୍ରାନ୍ତିର ଆରମ୍ଭ ହୋଇଥାଏ ପୌଷ ମାସରେ। ଏହି ଉପଲକ୍ଷେ ଘରର ଧନଦାତ୍ରୀ ଧନଲକ୍ଷ୍ମୀଙ୍କ ଠାରେ ଭୋଗରାଗ ଚଢ଼ାଯାଏ। ମାର୍ଗଶୀର ମାସକୁ ଧାନ ଅମଳ ହୋଇଥାଏ। ବାଡ଼ିରେ ପ୍ରଥମେ ଖଳାଗଦା ଆକାରରେ ଧାନ ଜମା ହୁଏ। ସେଇଠୁ ବେଙ୍ଗଳା ଓ ଅମଳ। ଏଇ ନୂଆ ଧାନକୁ ନେଇ ମାର୍ଗଶୀରରେ ମା' ଲକ୍ଷ୍ମୀଙ୍କ ପୂଜା : ମାଣବସା ଗୁରୁବାର। ପିଠାପଣାରେ ମାସଯାକ ବିଶେଷକରି ଗୁରୁବାରରେ ମହକାଉଥାଏ ଘର।

ମାର୍ଗଶୀର ଓ ପୌଷମାସରେ ଅମଳ ହୁଏ ଆଖୁ। ଆଖୁରୁ ଗୁଡ଼। ନୂଆଧାନ ଭଜାରୁ ଖଇ। ଖଇ ଓ ଗୁଡ଼ରୁ ପ୍ରସ୍ତୁତ ହୁଏ ଉଖୁଡ଼ା। ତହିଁରୁ ମୁଆଁ; ପୁଷିମୁଆଁ ବା ଧନୁମୁଆଁ। ଏହି ଧନୁମୁଆଁ ଧନୁ ସଂକ୍ରାନ୍ତି ଦିନ ଠାକୁରମାନଙ୍କଠି ଭୋଗ କରାଯାଏ। ଶ୍ରୀ ଜଗନ୍ନାଥଙ୍କଠୁ ଆରମ୍ଭ କରି ପୁରପଲ୍ଲୀର ସବୁ ଠାକୁରଙ୍କ ପାଖରେ ମୁଆଁ ଭୋଗ। ସହର ବଜାରରେ ଏହିଦିନ ବିକାଳୀମାନେ ବୁଲିବୁଲି ବିକନ୍ତି ଧନୁମୁଆଁ। ନୂଆ ଧାନର ଖଇ, ନୂଆ ଗୁଡ଼ ଏବଂ ତହିଁକି ଛୁଆଣି ଇତ୍ୟାଦି ପଡ଼ି ପ୍ରସ୍ତୁତ ଏ ମୁଆଁର ସ୍ୱାଦସ୍ୱତନ୍ତ୍ର।

ଧନୁସଂକ୍ରାନ୍ତି ପ୍ରବେଶ କରେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତିଥିବା ବେଳେ ଏବଂ ସରେ ଉତ୍ତରାୟଣ ଗତିର ଆରମ୍ଭ ବା ମକର ସଂକ୍ରାନ୍ତି ପ୍ରବେଶରେ। ଧନୁସଂକ୍ରାନ୍ତି ପ୍ରବେଶ ଦିନଠୁ ଶ୍ରୀ ଜଗନ୍ନାଥଙ୍କ ପହିଲିଭୋଗ ଆରମ୍ଭ ହୁଏ ଠିକ୍ ମକର ସଂକ୍ରାନ୍ତି ଯାଏଁ। ଏହି ମାସଟି ପରମ୍ପରା ଅନୁଯାୟୀ ସକଳ ହିନ୍ଦୁଦେବମନ୍ଦିରରେ ପୂଜାନୀତି ଚାଲେ। ଧନୁମାସ ଖାଲି ଧନଲକ୍ଷ୍ମୀ ଉଦ୍ଦେଶ୍ୟରେ ନୁହେଁ। ଏହା ମଧ ବିଷ୍ଣୁବ୍ରତ ପାଇଁ ଉପବାସର ବ୍ରତ କୁହାଯାଏ। ଯେଉଁମାନେ ବିଷ୍ଣୁବ୍ରତ ଧନୁ ସଂକ୍ରାନ୍ତି ଦିନ କରନ୍ତି, ତାଙ୍କର କେଉଁଠି ଅଶେଷ କଲ୍ୟାଣ ହୁଏ। ଏହି ତିଥିରେ ଅର୍ଥାତ୍ ଧନୁସଂକ୍ରାନ୍ତି ଦିନ ନଦୀ, ସମୁଦ୍ର ଅଥବା ଜଳାଶୟମାନଙ୍କରେ ସ୍ନାନକରି ଶୁଦ୍ଧପୂତ ଚିତରେ ସୂର୍ଯ୍ୟଦେବତାଙ୍କୁ ଜଳତର୍ପଣ ପୂର୍ବକ ଉପାସନା କଲେ ଅଶେଷ ପୂଣ୍ୟହୁଏ। ଧନୁମାସରେ ଆରମ୍ଭ ହୁଏ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ଏହିଯାତ୍ରା ଉପଭୋଗ କରନ୍ତି ସ୍ୱ-ଉପସ୍ଥିତି ଅଥବା ଗଣମାଧମ ବିଶେଷକରି ଦୂରଦର୍ଶନରେ କୋଟିକୋଟି ଲୋକ। ଏଯାତ୍ରା ମଧ ଓଡ଼ିଶାର ଗର୍ବ। ଧନୁଯାତ୍ରାର ବହୁପୂର୍ବରୁ ପ୍ରସ୍ତୁତିପାଇଁ ବ୍ୟସ୍ତଥାଆନ୍ତି ସରକାର, କଳାକାର ଏବଂ ବରଗଡ଼ବାସୀ ଥାଆନ୍ତି ଚଳଚଞ୍ଚଳ। ଋତୁକୁ ନେଇ କୃଷିର ପର୍ବପର୍ବାଣୀ। ଶ୍ରୀ ଜଗନ୍ନାଥଭ୍‌କୁ ନେଇ ଓଡ଼ିଆ ପରମ୍ପରା; ତାଙ୍କୁ ନେଇ ଭୋଗ, ଭୋଗ୍ୟ ଏବଂ ଉପଭୋଗ। ଏ ସବୁର ବି ମାନେ ଅଛି। ସବୁ ସ୍ୱାସ୍ଥ୍ୟ କୈନ୍ଦ୍ରିକ; ବିଜ୍ଞାନ ସମ୍ମତ ଯାହାକି ପ୍ରକୃତି ଆମପାଇଁ ଧର୍ମ ନାଁରେ ଆଗରୁ ସଜାଡ଼ି ରଖିଛି। ଉପାସ, ବ୍ରତ, ଗୁଡ଼ ଭକ୍ଷଣ, ପ୍ରାତଃସ୍ନାନ ଏବଂ ମୁଆଁ ଇତ୍ୟାଦିରେ ଛୁଆଣି ଇତ୍ୟାଦି ହଜମକାରୀ ଖାଦ୍ୟ ପ୍ରୟୋଗ ସବୁ ସ୍ୱାସ୍ଥ୍ୟ ପ୍ରଦାୟକ। ସହଜେ କ୍ଲାନ୍ତ ଜୀବନକୁ ଟିକିଏ ଭୁଲିଯିବା ପାଇଁ 'ଧନୁଯାତ୍ରା' ମଧ ଏକ ମନୋରଂଜନର ମାଧମ। ଏହି କାରଣକୁ ଧନୁକୁ ଥାଏ ଅପେକ୍ଷା।

# ରାତ୍ରି ଭୋଜନରେ ସତର୍କତା

ଚିକିତ୍ସାବିତ୍‌ମାନେ ରାତି ୮ଟାରୁ ୯ଟା ମଧ୍ୟରେ ରାତ୍ରି ଭୋଜନ କରିବାର ପରାମର୍ଶ ଦେଇଥାନ୍ତି । ଯେତେଦୂର ସମ୍ଭବ ରାତିରେ ହାଲକା ଭୋଜନ କରିବା ଆବଶ୍ୟକ । ରାତି ସମୟରେ ଅଧିକାଂଶ ଲୋକେ ସୁଆଦିଆ ତଥା ତେଲ ମସଲାପୁକ୍ତ ଖାଦ୍ୟ ଖାଇବାକୁ ଆଗ୍ରହ କରିଥାନ୍ତି । ଯାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।



- ରାତ୍ରି ସମୟରେ ବର୍ଗର ଖାଇଲେ ତାହା ପେଟରେ ପ୍ରାକୃତିକ ଏସିଡ୍ ଉତ୍ପନ୍ନ କରି ଶରୀରକୁ ଉତ୍ତେଜିତ କରେ । ଏହି କାରଣରୁ ଛାତି ପୋଡ଼ାଜଳା ହୋଇଥାଏ ।
- ଏତଦ୍ ବ୍ୟତୀତ ରାତ୍ରି ଭୋଜନରେ କେବେ ବି ଇଟାଲୀୟନ ଖାଦ୍ୟକୁ ସାମିଲ କରିବା ଉଚିତ୍ ନୁହେଁ । କାରଣ ରାତ୍ରୀ ସମୟରେ ପାସ୍ତା ଖାଇଲେ ଏହା ଓଜନ ବୃଦ୍ଧି କରିଥାଏ ।
- ଆଇସକ୍ରିମକୁ ଖାଇ ଶୋଇବା କଥା ନୁହେଁ, ଆମେରିକୀୟ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ରାତିରେ ଏହା ଖାଇଲେ ଶରୀରରେ ଶର୍କରାର ମାତ୍ରା ଅଧିକ ବୃଦ୍ଧି ପାଇବା ସହ ହଜମ ଠିକ୍ ଭାବରେ ହୋଇନଥାଏ ।
- ରାତିରେ ଚକୋଲେଟ୍ ଖାଇବାଠାରୁ ଦୂରେଇ ରୁହନ୍ତୁ । ଏହା ଦ୍ୱାରା ମାନସିକ ସ୍ଥିତ ପ୍ରଭାବିତ ହେବା ସହ ହୃଦଯନ୍ତ୍ର ପ୍ରଭାବିତ ହେବାର ଆଶଙ୍କା ରହିଛି ।
- ଚିପ୍ସ ପ୍ରତି ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଦୁର୍ବଳତା ରହିଛି । ଏହା ଏକ ପ୍ରକାରର ଅସୁବିଧା ସୃଷ୍ଟି କରିଥାଏ ।





# ଲଂଚ ହେବ ପ୍ରିୟଙ୍କାଙ୍କ ବୁକ୍



ବଲିଉଡରୁ ହଲିଉଡକୁ ସଫଳ ଯାତ୍ରା କରିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଖୁବ୍ ନାଁ କମାଇଛନ୍ତି। ତେବେ ପ୍ରିୟଙ୍କା ନିଜ ପ୍ରଂଶସକଙ୍କ ପାଇଁ ୨୦୨୧ ମସିହାରେ ଏକ ଖାସ୍ ଉପହାର ଆଣିଛନ୍ତି। ପ୍ରିୟଙ୍କାଙ୍କ ପୁସ୍ତକ ଅନଫିନିସଡ ଲଂଚ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି। ଏ ବିଷୟରେ ପ୍ରିୟଙ୍କା ନିଜ ପ୍ରଶଂସକଙ୍କୁ ସୂଚନା ଦେଇଛନ୍ତି। ପ୍ରିୟଙ୍କା ନିଜର ପୁସ୍ତକର ପ୍ରଥମ ଝଲକ୍ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ପ୍ରିୟଙ୍କା ଚୋପ୍ରା ଜୋନାସ୍ ଆତ୍ମଜୀବନୀ 'ଅନ୍‌ଫିନିସଡ'କୁ ନେଇ ବେଶ ଉତ୍ସାହିତ ଅଛନ୍ତି। ସେ ସୋସିଆଲ ମିଡିଆରେ ଏହି ପୁସ୍ତକର କଭରକୁ ସେୟାର କରିଛନ୍ତି। ଏହି ପୁସ୍ତକ ଆସନ୍ତାବର୍ଷ ଜାନୁଆରୀରେ ବଜାରରେ ଉପଲବ୍ଧ ହେବ। ପ୍ରିୟଙ୍କା ଏହି ପୁସ୍ତକର ଘୋଷଣା ୨୦୧୮ରେ କରିଥିଲେ ଏବଂ ଚଳିତବର୍ଷ ଅକ୍ଟୋବରରେ ଏହାକୁ ସମ୍ପୂର୍ଣ୍ଣ କରିଥିବା ଜଣାପଡ଼ିଛି। ଏହି ଅବସରରେ ପ୍ରିୟଙ୍କା ଆସନ୍ତା ମାସ ମିଳୁବାକୁ ଥିବା ଅନ୍‌ଫିନିସଡର ପ୍ରଥମ କପି ଲାଗି ଆବେଗର ସହ ଅପେକ୍ଷା କରିଥିବା କହିଛନ୍ତି। ପ୍ରି ଅର୍ଡର ଆଧାରରେ ଅନଫିନିସଡ ମାର୍କେଟରେ ଆସିବାପରେ ୧୨ଘଂଟା ମଧ୍ୟରେ ଭାରତ ଆମାଜନରେ ବେଷ୍ଟ ସେଲିଂ ବୁକ୍ସରେ ସାମିଲ ହେବ ବୋଲି ପ୍ରିୟଙ୍କା ଅକ୍ଟୋବର ମାସରେ କହିଥିଲେ। ସୂଚନାଥାଉ ଯେ, ଏଇ କିଛିଦିନ ତଳେ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଜୋନସ ନିଜର ଦ୍ୱିତୀୟ ବିବାହ ବାର୍ଷିକ ପାଳନ କରିଛନ୍ତି।

# ବିବର୍ଣ୍ଣ ଅଙ୍ଗ ପାଇଁ....





ତ୍ୱଚାରେ ଦାଗ ହେବା ଏକ ସାଧାରଣ ସମସ୍ୟା କିନ୍ତୁ ଏ ସାଧାରଣ ସମସ୍ୟା ଆପଣମାନଙ୍କ ଶରୀରର ସୌନ୍ଦର୍ଯ୍ୟକୁ କ୍ଷତି ପହଞ୍ଚାଏ। ତେବେ ଶରୀରର ଏ ସାମାନ୍ୟ ଦାଗ ଆପଣଙ୍କ ସୁନ୍ଦର ଶରୀରକୁ ବିବର୍ଣ୍ଣ କରିଦିଏ । ହାଇ-ପିଗମେଣ୍ଟେସନ୍ ଦ୍ୱାରା ଆପଣମାନଙ୍କ ଅଙ୍ଗୁଳି ଗଣ୍ଠି, ଆଣ୍ଠୁ, ଗୋଇଠି ଓ ଶରୀରର ଗଣ୍ଠିମାନଙ୍କରେ ପିଗଣ୍ଟେସନର ପ୍ରତିଫଳନ ଅଧିକମାତ୍ରାରେ ଜଣାପଡ଼େ ଯାହାଫଳରେ ଆପଣମାନଙ୍କ ତ୍ୱଚାର ରଙ୍ଗ ଗୋଟିଏ ପ୍ରକାର ହୋଇଥିଲେ ଗଣ୍ଠି ଆଦିର ରଙ୍ଗ ଭିନ୍ନ ହୋଇଥାଏ । ଏ ପରିପ୍ରେକ୍ଷୀରେ ଆପଣଙ୍କ ଶରୀର ବିବର୍ଣ୍ଣ ଦେଖାଯାଏ । ତେବେ ଚାଲନ୍ତୁ ଜାଣିବା ପ୍ରାକୃତିକ ଉପାୟରେ ଆପଣମାନେ କିପରି ଏହି ସାଧାରଣ ସମସ୍ୟାରୁ ତ୍ରାହି ପାଇପାରିବେ ।

- ବିବର୍ଣ୍ଣ ଗଣ୍ଠିମାନଙ୍କରେ ଥିବା ମୃତ କୋଷୀକାକୁ ହଟାଇବା ପାଇଁ ଆପଣମାନେ ପ୍ରାକୃତିକ ଜିନିଷ ବ୍ୟବହାର କରିପାରିବେ ।
- ଦେହରେ ବଡ଼ିଲୋସନ ବା କ୍ରିମ୍ ଲଗେଇବା ପରେ ସନସ୍କ୍ରିନ ଲଗେଇବାକୁ ଜମା ଭୁଲିବେ ନାହିଁ ।
- ବିବର୍ଣ୍ଣ ଅଂଶରେ ପ୍ରାକୃତିକ ତେଲ ଅଲିଭ ଅଏଲ, ଆଲମଣ୍ଡ ଅଏଲ, କୋକାନଟ୍ ଅଏଲ ଆଦି ତେଲକୁ ପ୍ରତିଦିନ ଭଲଭାବେ ମସାଜ କରିବେ ।
- ଧ୍ୟାନ ଦେବେ ଆପଣ ବ୍ୟବହାରର କରୁଥିବା କ୍ରିମ୍ ସେ ବିବର୍ଣ୍ଣ ଜାଗାରେ ସକରାତ୍ମକ କାର୍ଯ୍ୟ କରୁଥିବ । ଅର୍ଥାତ ବ୍ୟବହାର କରୁଥିବା କ୍ରିମ ଆପଣଙ୍କ ଦାଗ ହଟାଇବାରେ ସାହାଯ୍ୟ କରିପାରୁଥିବା ନିହାତି ଦରକାର ।
- ଗଣ୍ଠି ଜାଗାକୁ ହାଲୁକା ମସାଜ କରିବେ । ସବୁବେଳେ ସ୍କ୍ରବିଂଠାରୁ ଦୂରେଇ ରହିବେ ।
- ପାରିଲେ ପ୍ରତି ସପ୍ତାହରେ ପେଡ଼ିକିଓର ଓ ମାନିକିଓର କରନ୍ତୁ ।

ଉପର ଲିଖିତ ନିୟମର ସଠିକ୍ ପାଳନ କଲେ ଦେଖିବେ ଆପଣଙ୍କ ବିବର୍ଣ୍ଣ ଗଣ୍ଠିର ରଙ୍ଗ ପରିବର୍ତ୍ତନ ହୋଇ ଆପଣଙ୍କ ତ୍ୱଚାର ରଙ୍ଗ ସହ ସମାନ ହୋଇଯିବ ।

## ଅଦା

ଖାଦ୍ୟ ପ୍ରଣାଳୀରେ ଅଦା ଏକ ଜରୁରୀ ତଥା ଉପଯୋଗୀ ମସଲା। ଅନ୍ୟୁନ ୫ହଜାର ବର୍ଷ ତଳେ ଏହା ଭାରତୀୟ ପାକପ୍ରଣାଳୀରେ ସାମିଲ ହୋଇଥିଲା । ଆଜି ବି ତାର ଉପଯୋଗିତା ଅକ୍ଷୁର୍ଣ୍ଣ ରହିଛି । ଏଥିରେ ଆୟୋଡିନ, ଭିଟାମିନ, କ୍ୟାଲସିୟମ, କ୍ଲୋରିନ ପ୍ରଭୃତି ପ୍ରଚୁର ମାତ୍ରାରେ ରହିଥାଏ । ଏହା ମଧ ଏକ ଉତ୍ତମ 'ଆଣ୍ଟିଭାଇରାଲ'।

୧. ଏହା ମଳାଶୟ କର୍କଟ ର ଆଶଙ୍କା କମ କରେ ।
୨. ଗ୍ୟାସଜନିତ ସମସ୍ୟା ପାଇଁ ଅତ୍ୟନ୍ତ ଉପକାରୀ ।
୩. ମାଂସପେଶୀ ଦରଜ କମ କରେ ।
୪. ମୁହଁରେ ଅଦାରସ ନିୟମିତ ଲଗାଇଲେ ବୟସ ଦାଗ ଦୂର ହୁଏ ।
୫. କାଶ ଓ ସର୍ଦି ହୋଇଥିଲେ ତାହାରେ ଅଦା ମିଶାଇ ପିଆନ୍ତୁ । ଆରାମ ଲାଗିବ । କାଶ ବେଶି ହେଲେ ଉଷୁମ ପାଣିରେ ଅଦାରସ ଓ କିଛି ଟୋପା ମହୁ ପକାଇ ପିଅନ୍ତୁ ।



## ସଅଳ ଉଠନ୍ତୁ

ରାତିରେ ଶୀଘ୍ର ଶୋଇବା ଏବଂ ସକାଳେ ଶୀଘ୍ର ଉଠିବା ଶରୀର ପାଇଁ ଲାଭଦାୟକ ବୋଲି ସମସ୍ତଙ୍କୁ ଜଣା । ହେଲେ ଏପରି କଲେ ଆମ ମସ୍ତିଷ୍କ ଫୁର୍ତ୍ତି ରହିଥାଏ ବୋଲି ଖୁବ୍ କମ ଲୋକ ଜାଣନ୍ତି । ନିକଟରେ ଆମେରିକାର ବୈଜ୍ଞାନିକମାନେ ଏକ ଗବେଷଣାରୁ ଏହା ଜାଣିବାକୁ ପାଇଛନ୍ତି । ବୈଜ୍ଞାନିକମାନଙ୍କ ମତରେ, ସକାଳ ସମୟରେ ଏପରି ଅଭ୍ୟାସ କଲେ ଏହା ଶରୀରକୁ ଫୁର୍ତ୍ତି ରଖିଥାଏ । ସକାଳୁ ଶୀଘ୍ର ଉଠିଲେ ଦିନ ମଧ୍ୟ ଭଲରେ କଟିଥାଏ । ଯେଉଁମାନେ ଶୀଘ୍ର ଉଠନ୍ତି, ସେମାନେ ଅନ୍ୟମାନଙ୍କ ଅପେକ୍ଷା ସବୁ କାର୍ଯ୍ୟକୁ ଖୁଚବଶୀଘ୍ର ଶେଷ କରିପାରିଥାନ୍ତି । ଶୀଘ୍ର ଉଠିବା ଯୋଗୁଁ ରାତିରେ ମଧ୍ୟ ନିଦ ଠିକ୍ ହୋଇଥାଏ । ଯାହା ଶରୀରକୁ ପୂରା ଆରାମ ଦେଇଥାଏ । ଶୀଘ୍ର ଉଠିଲେ ମାନସିକ ଦୁଃଶ୍ଚିନ୍ତା ହେବାର ଆଶଙ୍କା କମ୍ ଥାଏ ।

# ପସନ୍ଦ କରିପାରନ୍ତି ଡେନିମ୍



ପୁରୁଷ ହୁଅନ୍ତୁ କି ମହିଳା, ଡେନିମ୍ ସମସ୍ତଙ୍କ ପ୍ରିୟ ହଲିଉଡ ନାୟିକା ଆଞ୍ଜେଲିନା ଜୋଲିଙ୍କଠାରୁ ବଲିଉଡର ଚୁଲବୁଲି ନାୟିକା ଆଲିଆ ଭଟ୍ଟଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ପସନ୍ଦ କରନ୍ତି । ସେହିପରି ହଲିଉଡର କିମ୍ବଦନ୍ତୀ ନାୟକ ରିଚାର୍ଡ ବର୍ଯନଙ୍କ ଠାରୁ ବଲିଉଡର ରଣବୀର ସିଂହଙ୍କ ପର୍ଯ୍ୟନ୍ତ ସବୁ ସେଲିବ୍ରିଟିଙ୍କ ଏହା ପ୍ରିୟ ପରିଧାନ । ୧୮ଶ ଶତାପବ୍ଦୀର ୭୦ ଦଶକରେ ଶ୍ରମଜୀବୀଙ୍କ ଦୈନନ୍ଦିନ ବ୍ୟବହାର ପାଇଁ ପ୍ରସ୍ତୁତ ଡେନିମ୍ ଫେବ୍ରିକ ୧୯୪୦-୫୦ ଆଡ଼କୁ ଅନ୍ତର୍ଜାତୀୟ ଫେସନ ଜଗତରେ ପ୍ରବେଶ କରିଥିଲା ଏତେ ବର୍ଷ ବିତିଯିବା ପରେ ମଧ ତାର ଯାଦୁ ଆଜି ବି ବଳବତ୍ତର ରହିଛି । ଏମିତି ତ ଏହାକୁ ସବୁ ଋତୁରେ ପିନ୍ଧାଯାଇ ପାରିବ, ତେବେ ଗ୍ରୀଷ୍ମଋତୁ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ । ଏହା ଶରୀରକୁ ଖରାରୁ ରକ୍ଷା କରିବା ସହ ସ୍ୱେଦଜନିତ ଅଶ୍ୱସ୍ତିକର ଅନୁଭବରୁ ମୁକ୍ତି ଦିଏ । ସବୁଠାରୁ ବଡ଼ କଥା ହେଲା ଏହାକୁ ଯେ କୌଣସି ଅବସରରେ ପିନ୍ଧାଯାଇ ପାରିବ । ତା ଛଡ଼ା ଏହା ଗୋରା, କଳା, ଶ୍ୟାମଳ ନିର୍ବିଶେଷରେ ସବୁ କଂପ୍ଲେକ୍ସର ବ୍ୟକ୍ତିଙ୍କୁ ମାନେ । ଉଭୟ ପୁରୁଷ ଓ ମହିଳା ଡେନିମ ପ୍ୟାଣ୍ଟ, ସାର୍ଟ ଓ ଜ୍ୟାକେଟ ବ୍ୟବହାର କରିପାରିବେ । ଗାଢ଼ ଡେନିମ୍ ପ୍ୟାଣ୍ଟ ଉପରେ ଧଳା ସାର୍ଟ ବା ଫିକା ନୀଳ ବା କଳା ସାର୍ଟ; ଏବଂ ତା ଉପରେ ଜ୍ୟାକେଟ ଆପଣଙ୍କୁ 'କୁଲ' ଅନୁଭବ ତ ଦେବ, ତା ସହିତ 'ଗର୍ଜିଅସ' ଲୁକ୍ ଦେବ । ଏବେ ଡେନିମର ମୌଳିକ ତଥା ପାରମ୍ପରିକ ରଙ୍ଗ ସହ ବିଭିନ୍ନ ସେଡର ଡେନିମ ବଜାରରେ ଉପଲବ୍ଧ ହେଲାଣି । ଯେମିତି ଏସିଡ୍ ୱାଶେସ, ବିଚଡ ଆଣ୍ଡ ଫ୍ୟାଡେଡ, ଟପ ଷ୍ଟିଚ, ପ୍ୟାଚୱାର୍କ ଓ ପ୍ରିଣ୍ଟେଡ ପ୍ରଭୃତି । ସେହିପରି ତାକୁ ମ୍ୟାଚ କଲା ପରି ପ୍ୟାଣ୍ଟ ସାର୍ଟ ଓ ଜ୍ୟାକେଟ ମଧ ବଜାରରେ ଉପଲବ୍ଧ ।

# ଛାଡ଼ି ପାରିବେ ଜଙ୍କ୍ ଫୁଡ୍



ପେଷ୍ଟ୍ରୀ, ଫ୍ରେଞ୍ଚ ଫ୍ରାଇଜ ଓ ପିଜା ଭଳି ଜଙ୍କ ଫୁଡ୍ ପ୍ରାୟ ଲୋକଙ୍କର ଖୁବ ପ୍ରିୟ । ଏହା ବ୍ୟସନକାରୀ ଖାଦ୍ୟ ଭାବେ ପରିଚିତ । ଅଧିକାଂଶ ଲୋକ ଏହି ଜଙ୍କ ଫୁଡଠାରୁ ଦୂରେଇବାକୁ ଅନେକ ସମୟରେ ସଂକଳ୍ପ କରିଥାନ୍ତି । ଏହା ସତ୍ତ୍ୱେ ବି ପ୍ଲେଟରୁ ଦୂରେଇ ପାରେନା ଏହି ଖାଦ୍ୟ । ତେବେ ଏଥିରେ କ'ଣ ନିଶା ରହିଛି କି ? ଏକାର କାରଣ ଖୋଜିବାକୁ ଯାଇ ନିକଟରେ ଏକ ଗବେଷଣା ହୋଇଥିଲା । ମିଳିଥିବା ରିପୋର୍ଟ ଅନୁସାରେ ପେଷ୍ଟ୍ରୀ, ଫ୍ରେଞ୍ଚ ଫ୍ରାଇଜ, ଆଦି ଜଙ୍କଫୁଡ୍ ମାଦକ ଦ୍ରବ୍ୟ ପରି ନିଶାରେ ପଡ଼ିଯାଇଥାଏ । ଏଡାଠାରୁ ଯେତେ ଦୂରେଇବାକୁ ଇଚ୍ଛା କଲେ ମଧ ସମ୍ଭବ ହୁଏନା । ୟୁନିଭର୍ସିଟି ଅଫ୍ ମିଶିଗାନର ବୈଜ୍ଞାନିକମାନେ କରିଥିବା ସର୍ଭେରେ କୁହାଯାଇଛି ଯେ ଜଙ୍କ ଫୁଡ୍ ଖାଇବା ଦ୍ୱାରା ଲୋକମାନଙ୍କ ଭିତରେ ଉଦାସପଣ, ଥକାପଣ ଅନୁଭବ ହୋଇଥାଏ ଏବଂ ଭୋକ ମଧ ବଢ଼ିଥାଏ । ବୈଜ୍ଞାନିକମାନେ ଲୋକଙ୍କ ଭିତରେ ଶାରିରୀକ ଓ ମନୋବୈଜ୍ଞାନିକ ଲକ୍ଷଣର ପରିମାଣ ଜାଣିବାକୁ ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ଏଥିସହିତ ସେମାନେ ୨୩୧ ଜଣ ବୟସ୍କ ଲୋକଙ୍କୁ ପ୍ରଶ୍ନ କରିଥିଲେ, ଜଙ୍କଫୁଡ୍ ଛାଡ଼ିବା ପରେ ଗତ ବର୍ଷ ତୁଳନାରେ ଏ ବର୍ଷ କେମିତି ଅନୁଭବ କରୁଛନ୍ତି । ସେମାନଙ୍କ ଉତ୍ତର ଥିଲା, 'ଜଙ୍କଫୁଡ୍ ଛାଡ଼ିବା ପରେ ପ୍ରଥମ ୪/୫ ଦିନ ଖୁବ ଖରାପ ଲାଗିଥିଲା । ଏହି ପ୍ରଭାବଠାରୁ ଦୂରେଇବା ପାଇଁ କପିଛିଟା ସମୟ ଲାଗିବ, ଯେମିତି ମାଦକ ଦ୍ରବ୍ୟଠାରୁ ଦୂରେଇବାକୁ ପଡ଼ିଥାଏ'। ଗବେଷକଙ୍କ କହିବା କଥା ଜଙ୍କଫୁଡ୍ ଛାଡ଼ିଥିବା ଲୋକମାନଙ୍କ ଭିତରେ ନକାରାତ୍ମକ ପ୍ରଭାବ ଏତେ ଭଗୀର ହୋଇଥିଲା ଯେ ସେମାନେ ବଢୁଥିବା ଭୋକକୁ ସହ୍ୟ କରି ନପାରିବାଧ ହୋଇ ନିଜର ପୁରୁଣା ଖାଦ୍ୟକୁ ଫେରି ଆସିଥିଲେ । ଯଦି ଆପଣ ଜଙ୍କ ଏବଂ ପ୍ରୋସେସିଂ ଫୁଡ୍ ଅଭ୍ୟାସରେ ପଡ଼ିଛନ୍ତି, ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣ ଏକାନୁହନ୍ତି । ଆପଣଙ୍କ ଶରୀର ଏହି ପରିବର୍ତ୍ତନକୁ ସ୍ୱୀକାର କରିବାକୁ କିଛି ସମୟ ନିଶ୍ଚୟ ଲାଗିବ ।

# କୋଇଲା ମାଫିଆଙ୍କ ଦାଦାଗିରି ଚରମ ସୀମାରେ: ଆକ୍ରମଣର ଶୀକାର ହେଉଛନ୍ତି ସୁରକ୍ଷା କର୍ମୀ

ଭଦ୍ରକ,୧୪।୧୨ (ନି.ପ୍ର): କୋଇଲା ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ମାଫିଆଙ୍କ ବିରୋଧରେ ଯିଏ ପ୍ରତିବାଦ କଲା ବା ତାଙ୍କ କାର୍ଯ୍ୟରେ ବାଧା ଉପୁଜାଇଲା ତାକୁ ତାର ମୂଲ୍ୟ ଦେବାକୁ ପଡୁଛି । ମାଫିଆମାନେ ଏବେ ରକ୍ତମୁଖା ହୋଇଯାଇଛନ୍ତି । ରାତିକୁ ୧୫ ରୁ ୨୦ ହାଜାର ଟଙ୍କା କମାଉଥିବା ଏହି କୋଇଲା ମାଫିଆମାନେ ଆଉ ଇନ୍ଦ୍ରଚନ୍ଦ୍ର ମାନୁନାହାଁନ୍ତି । ତାଙ୍କ ବେପାର ଉପରେ ଯିଏ ଆଖି ଉଠେଇ ଚାହିଁଲା, ତାକୁ ଟାର୍ଗେଟ୍ କରୁଛନ୍ତି ଏହି ମାଫିଆ ମାନେ । ଏପରିକି ଚୋରା କୋଇଲା ଗାଡି ନେଇ ଯାଉଥିବା ମାଫିଆମାନଙ୍କୁ ସାମନକୁ ଯିଏ ଆସିଲା ତାଙ୍କୁ ଗାଡି ଚଢେଇ ମାରିଦେବା ପାଇଁ ବି ଉଦ୍ୟମ କରୁଛନ୍ତି । ସାଧାରଣ ଲୋକଙ୍କ କଥା ଛାଡନ୍ତୁ ଏମାନଙ୍କ ଟାର୍ଗେଟ୍‌ରେ ରେଳପଥ ସିକ୍ୟୁରିଟି ଗାର୍ଡ ଓ କେତେକ ପୁଲିସ୍ କର୍ମଚାରୀ ବି ରହିଛନ୍ତି । ଯିଏ ଏମାନଙ୍କ ବେପାରରେ ଲଗାମ ଲଗାଇବାକୁ ଚେଷ୍ଟା କରୁଛନ୍ତି ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଏହି ମାଫିଆମାନେ ସବୁ କଳବଳ ଲଗେଇ ଦେଉଛନ୍ତି । ରେଳଧାରଣାରେ କାର୍ଯ୍ୟରତ ଥିବା ସିକ୍ୟୁରିଟି ଗାର୍ଡ ମାନଙ୍କୁ ଏବେ ଟାର୍ଗେଟ୍ କରି ଆକ୍ରମଣ କରୁଛନ୍ତି । ଯେଉଁ ସିକ୍ୟୁରିଟି ଗାର୍ଡ ମାନେ ରେଳଧାରଣାରୁ କୋଇଲା କାଢୁଥିବା ଓ କୋଇଲା ବୋଝେଇ ପିକ୍‌ଅପ୍ ନେଇ ଯାଉଥିବା ଚୋରଙ୍କୁ ଧରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ଏହି ମାଫିଆଙ୍କ ଟାର୍ଗେଟ୍‌ରେ ରହୁଛନ୍ତି । ଆଜି ଧାମରା-ଭଦ୍ରକ ରେଳପଥର ବାଂଶଡା ରେଲ୍‌ୱେ ବିଲ୍‌ଡିଂ ନିକଟରେ ଏପରି ଘଟଣା ଦେଖିବାକୁ ମିଳିଛି । ଏଠାରେ କାର୍ଯ୍ୟରତ ଥିବା ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରିଛନ୍ତି କୋଇଲା ମାଫିଆ । ମାଫିଆଙ୍କ ପଥର ମାଡରେ ସିକ୍ୟୁରିଟି ଗାର୍ଡ ଜଣକ ଗୁରୁତର ଆହତ ହେବା ସହ ତାଙ୍କର ହାତ ଭାଙ୍ଗିଯାଇଥିବା ଜଣାଯାଇଛି । ଗୁରୁତର ସିକ୍ୟୁରିଟି ଗାର୍ଡଙ୍କୁ ପ୍ରଥମେ ବାଂଶଡା ଓ ପରେ ଭଦ୍ରକରେ ନେଇ ଚିକିତ୍ସା କରାଯାଉଛି । ଏଠାରେ ସୂଚନାଯୋଗ୍ୟ ଯେ ଧାମରା-ଭଦ୍ରକ ରେଳପଥରେ ଚଳନ୍ତା ରେଳ ଗାଡିରୁ କୋଇଲ୍ ଲୁଟ୍ କରିବା ଏକ ବୃତ୍ତିରେ ପରିଣତ ହୋଇଯାଇଛି । ଏହାକୁ ଯେଉଁମାନେ ବିରୋଧ କରୁଛନ୍ତି ସେ ଆକ୍ରମଣର ଶୀକାର ହେଉଛନ୍ତି । ଦିନକୁ ଦିନ କୋଇଲା ମାଫିଆ ମାନଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । ଗୁରୁତର ହୋଇଥିବା ଗାର୍ଡ ଜଣକ ଏ ସଂପର୍କରେ ବାଂଶଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ୬ ମାସ ପୂର୍ବରୁ ଆଉ ଜଣେ ସିକ୍ୟୁରିଟି ଗାର୍ଡ କୋଇଲା ମାଫିଆଙ୍କ ଆକ୍ରମଣରେ ମାଣିପୁର ନିକଟରେ ଆହତ ହୋଇଥିବାବେଳେ କନ୍ଦପୁର ଜିଝାରପୁର ନିକଟରେ ୨ ଜଣ ସିକ୍ୟୁରିଟି ଗାର୍ଡଙ୍କୁ ମାଡ ମାରି କୋଇଲା ମାଫିଆ ସେମାନଙ୍କ ଠାରୁ ୩ଟି ମୋବାଇଲ୍ ଓ ୧୦ ହଜାର ଟଙ୍କା ଛଡାଇ ନେଇଥିଲେ । ସେହିପରି ଗୁରୁଦାସପୁର ନିକଟରେ ମଧ୍ୟ ସିକ୍ୟୁରିଟି ଗାର୍ଡଙ୍କୁ ଏହି କୋଇଲା ମାଫିଆମାନେ ଆକ୍ରମଣ କରିଥିଲେ । ଯେଉଁମାନେ ମାଫିଆଙ୍କୁ ଚୋରି କରିବାରେ ସହଯୋଗ କରୁଛନ୍ତି, ସେମାନେ ମାଫିଆଙ୍କ ଠାରୁ ମାସିକିଆ ପାଉଛନ୍ତି ଆଉ ଯେଉଁମାନେ ଏଥିରେ ବାଧା ଉପୁଯାଉଛନ୍ତି, ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏପରି ସ୍ଥଳେ ଭଦ୍ରକ-ଧାମରା ରେଳପଥରେ ଡ୍ୟୁଟି କରିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ୫ ମାସ ପୂର୍ବରୁ ମଧ ମାଣିପୁରଠାରେ କୋଇଲା ମାଫିଆମାନେ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିବାରୁ ତାଙ୍କର ଶରୀରର ଅନେକ ସ୍ଥାନରେ ଛୁରାଘାତ ହୋଇଥିଲା । ସେତେବେଳେ ମଧ୍ ଏହି ବିଷୟରେ ବାଂଶଡା ଥାନାରେ ଲିଖିତ ଅଭିଯୋଗ ମୂଳେ ଏକ ମୋକଦ୍ଦମା ରୁଜୁ ହୋଇଥିଲା ।

# ୧୫ ଲକ୍ଷ ଟଙ୍କାର ଗୁଟକା ଜବତ: ୮ ଗିରଫ

ମାଲକାନଗିରି,୧୪।୧୨ (ନି.ପ୍ର): ଶନିବାର ସନ୍ଧ୍ୟାରେ ମାଲକାନଗିରି ବସ୍‌ଷ୍ଟାଣ୍ଡରୁ କାଲିମେଳାକୁ ବେଆଇନ ଭାବେ ଯାଉଥିବା ବିପୁଳ ପରିମାଣର ଗୁଟ୍‌ଖା ମାଲକାନଗିରି ପୋଲିସ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରିଛି । ବସ୍‌ଷ୍ଟାଣ୍ଡରୁ ଜବତ ଗୁଟ୍‌ଖା ଘଟଣାରେ ଗିରଫ ବ୍ୟକ୍ତିଦ୍ୱୟ ହେଉଛନ୍ତି ଗୁଟ୍‌ଖା ବସ୍ତାର ମାଲିକ ଟି. ସତ୍ୟନାରାୟଣ ସୁବୁଦ୍ଧି ଏବଂ ଅଟୋ ଚାଳକ ବିଷ୍ଣୁ ବେହେରା । ବେଆଇନ ଭାବେ ବିପୁଳ ପରିମାଣର ଗୁଟ୍‌ଖା ମାଲକାନଗିରି ବସ୍‌ଷ୍ଟାଣ୍ଡରୁ କାଲିମେଳାକୁ ପରିବହନ କରାଯାଉଥିବା ପାଟ୍ରୋଲିଙ୍ଗ୍ ଡିୟୁଟିରେ ଥିବା ସବ୍-ଇନ୍‌ସ୍‌ପେକ୍ଟର ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ସୂଚନା ମିଳିଥିଲା । ଉକ୍ତ ସୂଚନାକୁ ଆଧାର କରି ପୁଲିସ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରିଥିଲା । ଧରା ଯାଇଥିବା ବ୍ୟକ୍ତିଦ୍ୱୟ ଗୁଟ୍‌କାର ମାଲିକାନା ଓ ପରିବହନ ସଂକ୍ରାନ୍ତ କୌଣସି ବିଲ୍, ଲାଇସେନ୍‌ସ୍ କିମ୍ବା କିଛି କାଗଜପତ୍ର ଦେଖାଇ ପାରି ନ ଥିଲେ । ତେଣୁ ପୁଲିସ୍ ଗୁଟ୍‌କା ଏବଂ ଅଟୋରିକ୍ସାକୁ ଜବତ କରିବା ସହ ବ୍ୟକ୍ତିଦ୍ୱୟଙ୍କୁ ଗିରଫ କରିଥିଲା । ଏହି ଭଳି ସୂଚନା ଆଧାରରେ ଅନ୍ୟ ୫ଟି ସ୍ଥାନରେ ମଧ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ବେଆଇନ ଗୁଟ୍‌ଖା ଜବତ କରାଯାଇଛି । ଏହି ଗୁଟ୍‌ଖା ବସ୍ତା ସବୁ ବ୍ରହ୍ମପୁର ଓ ଜୟପୁର ଅଂଚଳରୁ ଯୋଗାଣ ହେଉଥିଲା । ଜବତ ହୋଇଥିବା ସମୁଦାୟ ଗୁଟ୍‌ଖା ବସ୍ତାର ମୂଲ୍ୟ ୧୫ ଲକ୍ଷ ଟଙ୍କା ହୋଇପାରେ । ଏହି ଘଟଣାରେ ମାମଲା ରୁଜୁ କରି ପୁଲିସ ସମୁଦାୟ ୮ଜଣଙ୍କୁ ଗିରଫ କରିଛି । ସେମାନଙ୍କୁ ଅଦାଲତରେ ହାଜର କରାଇବା ପ୍ରକ୍ରିୟା କରିବା ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ଗିରଫ ବ୍ୟକ୍ତିମାନେ ହେଉଛନ୍ତି, ମାଲକାନଗିରିର ବିଷ୍ଣୁ ବେହେରା, କାଲିମେଳାର ଟି. ସତ୍ୟନାରାୟଣ ସୁବୁଦ୍ଧି, ଦୁର୍ଗାଗୁଡ଼ି ଷ୍ଟ୍ରିଟ୍‌ର ପି. ବାଲା ଓ ସୁଶାନ୍ତ ପ୍ରଧାନ, ତାଳଚେର କଲୋନିର ଦେବେନ୍ଦ୍ର କୁମାର ତ୍ରିପାଠୀ, ମାଲକାନଗିରି ମୁଖ୍ୟ ରାସ୍ତା ଅଂଚଳର ପ୍ରେମାନନ୍ଦ ପ୍ରଧାନ ଓ କେ. ତ୍ରିମାଲ ପୃଷ୍ଟି ଓ ବୁଟିଗୁଡ଼ାର ସନାତନ ମହାକୁଡ଼ ।

# ମହାବୀର କ୍ଲବ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ଭଦ୍ରକ, ୧୪ ଡିସେମ୍ବର (ହି.ସ.) - ଏହି ବ୍ଲକର ମଞ୍ଜୁରୀରୋଡ ଡାକ୍ତରଖାନା ପଡିଆ ଠାରେ ମହାବୀର କ୍ଲବ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଂଟ ରବିବାର ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ ମା ମଙ୍ଗଳା କ୍ରିକେଟ ଟିମ ମହେଶପୁର ଓ ଜୟ ବଜରଙ୍ଗବାଲି କ୍ରିକେଟ ଟିମ ରାଜେନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମହେଶପୁର ଦଳ ଚାମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା । ମହେଶପୁର କ୍ରିକେଟ ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ଉଇକେଟ ହରାଇ ୧୩୬ରନ ସଂଗ୍ରହ କରିଥିଲା । ଜବାବରେ ରାଜେନ୍ଦ୍ରପୁର କ୍ରିକେଟ ଟିମ ୨୦ଓଭରରେ ୭ଉଇକେଟ ହରାଇ ୧୦୬ରନ କରି ପରାଜିତ ହୋଇଥିଲା । ବିଶ୍ୱଜିତ ପଲାଇଙ୍କ ସଂଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଧ୍ରୁବ ଚରଣ ବାରିକ, ସମ୍ମାନୀତ ଅତିଥି ଭାବେ ମହାବୀର କ୍ଲବର ସମ୍ପାଦକ ଧନେଶ୍ୱର ସ୍ୱାଇଁ, ଶରତ ଚନ୍ଦ୍ର ବାରିକ, ଦୁର୍ଗାପ୍ରସାଦ ଜେନା, ଓଜେଶ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଓ ରନଅର୍ସଅପ ଟିମକୁ ପୁରସ୍କୃତ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ ମହେଶ୍ୱର ପଡିଆରୀ, ବେଷ୍ଟବୋଲର ମିଷ୍ଟର ମଧୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଅମ୍ପାୟାର ଭାବେ ବିକାଶ ପଣ୍ଡା ଓ ଶ୍ରୀକାନ୍ତ ବାରିକ ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଶୁଭ୍ରଜିତ ବାରିକ, ଶ୍ରୀମନ୍ତ ଖଣ୍ଡାଇ ଓ ଭାଷ୍ୟକାର ଭାବେ ଶ୍ରୀକାନ୍ତ ଖଣ୍ଡାଇ ଦାୟିତ୍ୱ ତୁଲାଇଥିଲେ । ଜୁନିୟନ କ୍ଲବ ପକ୍ଷରୁ ପ୍ରିୟବ୍ରତ ଦାସ, ଦେବୀପ୍ରସାଦ ବିଶ୍ୱାଳ, ଚନ୍ଦ୍ରଦିପ୍ତ ସ୍ୱାଇଁ, ବିଶ୍ୱଜିତ ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

# ସମ୍ବଲପୁରରେ କଂଗ୍ରେସ ପର୍ଯ୍ୟବେକ୍ଷକ ଡଃ ଜ୍ଞାନେନ୍ଦ୍ର

## ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ କରାଯିବ

ସମ୍ବଲପୁର,୧୪।୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲା କଂଗ୍ରେସ ନିମନ୍ତେ ନବନିଯୁକ୍ତ ପର୍ଯ୍ୟବେକ୍ଷକ ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ତାଙ୍କର ଏକ ଦୁଇଦିନିଆ ଜିଲ୍ଲାଗ୍ରସ୍ତ କାର୍ଯ୍ୟକ୍ରମରେ ଆଜି ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ପହଂଚିଛନ୍ତି । ଡଃ ଜ୍ଞାନେନ୍ଦ୍ରଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ତ୍ରିପାଠୀ, ଶ୍ରୀମତୀ ସସ୍ମିତା ଦେହୁରୀ, ପ୍ରେମପ୍ରକାଶ ସାହାଣୀ, ତ୍ରିଲୋଚନ ପୁରୋହିତ, ବିଜୟଲକ୍ଷ୍ମୀ ବେହେରା, ସୁତପା ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଡଃ ଜ୍ଞାନେନ୍ଦ୍ରଙ୍କୁ ସ୍ୱାଗତ କରିଥିଲେ । ସେ ଆସିବା ବାଟରେ ରେଢାଖୋଲ ବ୍ଲକ ଓ ଏନ୍.ଏ.ସି., ନାକଟିଦେଉଳ ବ୍ଲକ, ମାନେଶ୍ୱର ବ୍ଲକ ଓ ଜୁଜୁମରା ବ୍ଲକର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ପୂର୍ବତନ ବ୍ଲକ କଂଗ୍ରେସ, ନଗର କଂଗ୍ରେସ ଓ ଜୋନ୍ କଂଗ୍ରେସ ନେତୃବୃନ୍ଦଙ୍କ ସହ ସଂକ୍ଷିପ୍ତ ବୈଠକମାନ ସାରି ଦେଇଛନ୍ତି ବୋଲି ଜିଲ୍ଲା ସଭାପତି ଶ୍ରୀ ଗୁରୁଙ୍କ ସୂତ୍ରରୁ ପ୍ରକାଶ । ଆଜି ସନ୍ଧ୍ୟାରେ ଧନକଉଡ଼ା ବ୍ଲକ ସମ୍ବଲପୁର ନଗର କଂଗ୍ରେସ, ହୀରାକୁଦ ଓ ବୁର୍ଲା ନଗର କଂଗ୍ରେସ ନେତୃବୃନ୍ଦ, କର୍ମୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା କାଲି ଜାମନକିରା, ରେଙ୍ଗାଲି, କୁଚିଣ୍ଡା ବ୍ଲକ ଓ ନଗର କଂଗ୍ରେସ, ବାମରା ବ୍ଲକ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନାର କାର୍ଯ୍ୟକ୍ରମ ରହିଛି ବୋଲି ଡଃ ଜ୍ଞାନେନ୍ଦ୍ରଙ୍କ ସୂତ୍ରରୁ ପ୍ରକାଶ । ଏହି ଅବସରରେ ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉତରରେ ଡଃ ଜ୍ଞାନେନ୍ଦ୍ର କହିଲେ ଯେ, ତୃଣମୂଳସ୍ତରରୁ ଉପଯୁକ୍ତ କର୍ମୀଙ୍କୁ ଉପଯୁକ୍ତ ଦାୟିତ୍ୱ ଦେବା ପାଇଁ କଂଗ୍ରେସ ତାର କାର୍ଯ୍ୟକ୍ରମ ହାତକୁ ନେଇଛି । ୨୦ ବର୍ଷ ହେବ କଂଗ୍ରେସ ଦଳ ହୁଏତ ଶାସନରେ ନଥାଇପାରେ, କିନ୍ତୁ କଂଗ୍ରେସ କର୍ମୀମାନେ ସାଧାରଣ ଜନତାଙ୍କ ଦୁଃଖ ସୁଖରେ ରହିଛନ୍ତି । ରାଜ୍ୟରେ ବିଗତ ୨୦ ବର୍ଷ ଶାସନରେ ବିକାଶ ନାମରେ ବିନାଶ ହୋଇଛି । ଛାତ୍ର ଠାରୁ ଯୁବକ, ଶ୍ରମିକ ଓ କୃଷକ ପର୍ଯ୍ୟନ୍ତ ସମସ୍ତେ ଦିଶାହୀନ ଅବସ୍ଥାରେ ରହିଛନ୍ତି । ରାଜ୍ୟର ବେକାରୀ ଅବସ୍ଥା ଅସମ୍ଭାଳ । କିନ୍ତୁ ସରକାରଙ୍କର ସେଥିପ୍ରତି ଚିନ୍ତା ନାହିଁ । କରୋନା ମହାମାରୀ ନାମରେ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟ ହୋଇଛି ବୋଲି ଡଃ ଜ୍ଞାନେନ୍ଦ୍ର କହିଥିଲେ । ବିଜେପି ଦଳ ଆଚ୍ଛାଦିନ ନାମରେ ପେଟ୍ରୋଲ ଦର ୮୫ ଟଙ୍କାରେ ପହଂଚାଇଲାଣି, ବିମୁଦ୍ରୀକରଣ କରି ଭାରତୀୟ ଅର୍ଥନୀତିକୁ ପ୍ରଧାନମନ୍ତ୍ରୀ ଧ୍ୱଂସ କରିଦେବା ପରେ ମଧ ଭାରତବାସୀଙ୍କୁ ଭୂଆଁ ବୁଲାଉଛନ୍ତି । ରାମମନ୍ଦିର, ନୂଆ ସଂସଦ ଭବନ ହୋଇଗଲେ ଯୁବକଙ୍କୁ ଚାକିରି ମଳିଯିବ କି ବୋଲି ସେ ପ୍ରଶ୍ନ କରିଥିଲେ । କେନ୍ଦ୍ରରେ ଓ ରଜ୍ୟରେ ଏକ ଦିଶାହୀନ କୃଷକ ଶ୍ରମିକ ଯୁବକଙ୍କ ବିରୋଧୀ ସରକାର ଚାଲିଛି ବୋଲି ସେ କହିବା ସହ ସରକାରଙ୍କୁ କ୍ରିୟାଶୀଳ କରିବା ପାଇଁ କଂଗ୍ରେସ ଦଳ ତା କାର୍ଯ୍ୟକ୍ରମକୁ ଜାରି ରଖିଛି ବୋଲି ଡଃ ଜ୍ଞାନେନ୍ଦ୍ର କହିଥିଲେ ।

# କନ୍ଧମାଳରେ କମୁଛି କୋଭିଡ ସଂକ୍ରମଣ

କନ୍ଧମାଳ,୧୪।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କିଛି ଦିନ ହେଲା ନୂଆ କୋଭିଡ ସଂକ୍ରମିତଙ୍କ ସଂଖ୍ୟା କମୁଥିବା ପରିଲକ୍ଷିତ ହେଉଛି । କିଛି ଦିନ ହେଲା ଜିଲ୍ଲାରେ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ଶୁନ ଏବଂ ୧,୨ ମଧ୍ୟରେ ରହୁଛି । କୋଭିଡ ସଂକ୍ରମିତଙ୍କ ସଂଖ୍ୟା କମୁଥିବାରୁ ଲୋକଙ୍କର ମଧ୍ୟରେ ଏଥିପ୍ରତି ସତର୍କତା ମଧ୍ୟ ପୁର୍ବ ଅନୁପାତରେ କମିଥିବାର ଦେଖାଯାଇଛି । ତେବେ ଆଜି ଜିଲ୍ଲାରେ ଆଉ ୨ ଜଣ ନୁଆ କୋଭିଡ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଏହାକୁ ମିଶାଇ କନ୍ଧମାଳ ଜିଲ୍ଲାରେ ମୋଟ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ୫,୯୧୮ ହୋଇଛି । ସେଥି ମଧ୍ୟରୁ ୫,୮୭୮ ଜଣ ସଂକ୍ରମିତ ସୁସ୍ଥ ହୋଇ ସେମାନଙ୍କ ଘରକୁ ଫେରିଛନ୍ତି । କୋଭିଡ ସଂକ୍ରମଣରେ ଜିଲ୍ଲାର ୩୩ ଜଣଙ୍କର ମୃତ୍ୟୁ ହୋଇଛି । ଆଉ ୭ ଜଣ ସଂକ୍ରମିତ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ଚିହ୍ନଟ ଜଣକ ଫୁଲବାଣୀ ପୌରାଂଚଳର ଜଣେ ଜଣେ ୬୭ ବର୍ଷୀୟ ପୁରୁଷ ଏବଂ ବାଲିଗୁଡା ଅଂଚଳର ଜଣେ ୨୨ ବର୍ଷିୟ ପୁରୁଷ ରହିଥିବା ନେଇ କନ୍ଧମାଳ ଜିଲ୍ଲା ପ୍ରଶାସନ ସୁତ୍ରରୁ ସୁଚନା ମିଳିଛି ।

# ରାଜ୍ୟସ୍ତରୀୟ ସିନିୟର ଟି-୨୦ କ୍ରିକେଟ ପ୍ରତିଯୋଗିତା ନିମନ୍ତେ ମୟୂରଭଞ୍ଜ କ୍ରିକେଟ ଟିମର କଟକ ଗସ୍ତ

ବାରିପଦା,୧୪।୧୨ (ନି.ପ୍ର): ଓଡ଼ିଶା ଏଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ସିନିୟର ଟି-୨୦ କ୍ରିକେଟ ପ୍ରତିଯୋଗିତା ପାଇଁ ୧୫ ଜଣିଆ ମୟୂରଭଞ୍ଜ ଟିମ ଆଜି କଟକ ଯାଇଛନ୍ତି । ଏମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ସିଂ(ଅଧିନାୟକ), ଅଭିଜିତ୍ ପ୍ରସାଦ ଘଣା, ଅଭିଷେକ୍ ଖଣ୍ଡେଲୱାଲ, ଅଭିଜିତ୍ ମିଶ୍ର, ଚିନ୍ମୟ ପଣ୍ଡିତ, ଦୀପକ କୁମାର ମୁଣ୍ଡା, ଦିବ୍ୟରଞ୍ଜନ ଦାସ, ମୋହିତ ଜୈନ, ସଞ୍ଜୟ ସିଂ, ସତ୍ୟରଞ୍ଜନ ନାୟକ, ସୌମ୍ୟରଞ୍ଜନ ମହାନ୍ତ, ଶୁବିତ୍ ଶ୍ରୀତମ୍ ସେଠୀ, ସ୍ୱଭିମ୍ କୁମାର ଦାସ, ଅଭିଜ୍ଞାନ ମହାନ୍ତି, କେ ଇନ୍ଦ୍ରଜିତ୍ ପ୍ରସାଦ (ମ୍ୟାନେଜର) ଏବଂ ଅମିତ୍ ବିଶ୍ୱାସ(କୋଚ) ରହିଛନ୍ତି । ଗତ ଫେବୃଆରୀ ମାସରେ ଅନୁଷ୍ଠିତ ହୋଇଥିବା ଭିଜନ ୨୦-୨୪ ଆନ୍ତଃ ଜିଲ୍ଲା କ୍ରିକେଟ ମ୍ୟାଚର ପ୍ରଦର୍ଶନରୁ ଏହି ସମସ୍ତ ଖେଳାଳୀମାନଙ୍କୁ ଚୟନ କରାଯାଇଥିଲା । ଡ଼ିସେମ୍ବର ୧୪ରେ ମୟୂରଭଞ୍ଜ ଟିମ ତାର ପ୍ରଥମ ମ୍ୟାଚରେ ଗଜପତି ଜିଲ୍ଲାକୁ ଭେଟିବ । ସେହିପରି ଲିଗ୍ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ମ୍ୟାଚରେ ରାଉରକେଲା, ଭଦ୍ରଖ, ଯାଜପୁର ଓ ବାଲେଶ୍ୱର ଜିଲ୍ଲାକୁ ଭେଟିବ । ଲିଗ୍ ପର୍ଯ୍ୟାୟରୁ ଚମ୍ପିଆନ ଦଳ ସୁପର ଲିଗ ପର୍ଯ୍ୟାୟକୁ ଉତୀର୍ଣ୍ଣ ହେବ ବୋଲି ମୟୂରଭଞ୍ଜ ଆଥେଲେଟିକ୍ ଆସୋସିଏସନ ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ମୟୂରଭଞ୍ଜ ଦଳର ଆଜି କଟକ ଯାତ୍ରା ସମୟରେ ଆସୋସିଏସନର ସମସ୍ତ ସଦସ୍ୟ, ବରିଷ୍ଠ ଖେଳାଳୀ ଓ କ୍ରୀଡ଼ା ପ୍ରେମୀ ଉପସ୍ଥିତ ରହି ଖେଳାଳୀମାନଙ୍କର ସଫଳତା କାମନା କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ, ରାଜ୍ୟସ୍ତରୀୟ ସିନିୟର ଟି-୨୦ ପ୍ରତିଯୋଗିତାରୁ ଖେଳାଳୀମାନଙ୍କର ଦକ୍ଷତା ଭିତିରେ ଆନ୍ତରାଜ୍ୟ ଟି-୨୦ ପ୍ରତିଯୋଗିତା ନିମନ୍ତେ ଖେଳାଳୀ ଚୟନ କରାଯିବ ।

# ଉତ୍ତର ପ୍ରଦେଶରେ ୫ ମାସ ପରେ ସକ୍ରିୟ ମାମଲା ସଂଖ୍ୟା ୨୦ ହଜାର ତଳେ

ଲକ୍ଷ୍ନୌ,୧୪।୧୨ (ନି.ପ୍ର): ପ୍ରଦେଶରେ କରୋନାର ସକ୍ରିୟ ମାମଲା ସଂଖ୍ୟା ଏବେ ୧୯,୭୨୯ ରହିଛି । ରାଜ୍ୟର କେତେ ମାସ ପରେ ଆକ୍ଟିଭ କେସ ସଂଖ୍ୟା ୨୦ ହଜାର ତଳକୁ ଖସିଛି । ଏହା ପୂର୍ବରୁ ୨୦ ଜୁଲାଇରେ ସକ୍ରିୟ ମାମଲା ୨୦ ହଜାରରୁ କମ୍ ଥିଲା । ସେହିପରି ପ୍ରଦେଶରେ ସଂକ୍ରମଣ ଏବେ ୫ ମାସ ପରେ ନିୟନ୍ତ୍ରଣକୁ ଆସିଛି । ଏହା ଲୋକଙ୍କ ଉତରଦାୟିତ୍ୱ ବ୍ୟବହାର କାରଣରୁ ସମ୍ଭବ ହୋଇପାରିଛି । ଆସନ୍ତା ୨ ମାସ ସଂକ୍ରମଣ ଲହରୀ ଅଧିକ ସମ୍ଭାବନା ଅଛି । ସେଥିପାଇଁ ସତର୍କତା ଅବଲମ୍ବନ ବହୁତ ଜରୁରୀ ଅଟେ । ସ୍ୱାସ୍ଥ୍ୟ ଓ ଚିକିତ୍ସା ବିଭାଗର ଉପମୁଖ୍ୟ ସଚିବ ଅସିତ୍ ମୋହନ ପ୍ରସାଦ ରବିବାର ଦିନ କହିଲେ ଯେ, ଗତ କାଲି ୧,୭୭୦ ଜଣ ବ୍ୟକ୍ତି ଔଷଧ ସେବନ ପରେ ସୁସ୍ଥ ହୋଇଛନ୍ତି । ଏବେ କୋଭିଡ୍ ରିକଭରି ୯୫ ପ୍ରତିଶତ ଉପରେ ରହିଛି । ପ୍ରଦେଶରେ ଗତକାଲି ସୁଦ୍ଧା ମୋଟ ୧,୫୬,୦୨୩ ସାମ୍ପଲ ପରୀକ୍ଷା କରାଯାଇଥିଲା । ପ୍ରଦେଶର ବିଭିନ୍ନ ସ୍ଥାନରେ ଆରଟିପିସିଆର ପରୀକ୍ଷା ପାଇଁ ୬୨,୯୮୨ ନମୁନା ଯାଂଚ ପାଇଁ ପଠାଯାଇଥିଲା । ଏବେ ସୁଦ୍ଧା ମୋଟ ୨,୧୪,୧୫୨୫୭ ସାମ୍ପଲ ପରୀକ୍ଷା କରାଯାଇଛି । ସେ ଆହୁରୀ ମଧ କହିଛନ୍ତି କି, ଏହି ସମୟରେ ୮,୯୨୯ ଜଣ ଘରୋଇ ପୃଥକୀ କରଣରେ ଅଛନ୍ତି । ଏବେ ସୁଦ୍ଧା ୩,୨୭,୨୪୮ ଜଣ ଘରୋଇ ପୃଥକୀ କରଣ ବିକଳ୍ପକୁ ବାଛିଛନ୍ତି । ଯେଉଁଥିରୁ ୩,୧୮,୩୧୯ ଜଣଙ୍କ ଚିକିତ୍ସା ସମୟ ସମ୍ପୂର୍ଣ୍ଣ ହେବା ପରେ ତାଙ୍କୁ ଡିସଚାର୍ଜ କରାଯାଇଛି । ସେହିପରି ଘରୋଇ ଚିକିତ୍ସାଳୟରେ ୨୦୦୩ ଜଣଙ୍କ ଚିକିତ୍ସା କରାଯାଉଛି । ଗୁରୁତର ରୋଗୀ ଏଲ-୧, ଏଲ-୨ ଏବଂ ଏଲ-୩ ର ସରକାରୀ ହସ୍ପିଟାଲରେ ନିଜ ଚିକିତ୍ସା କରାଉଛନ୍ତି । ସେ କହିଛନ୍ତି ଯେ, ଏବେ ସୁଦ୍ଧା ମୋଟ ୫,୩୭,୭୫୫ ଜଣ କୋଭିଡ଼-୧୯ ରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଗତ ୨୪ ଘଂଟାରେ ସଂକ୍ରମଣରେ ୧୬ ଜଣଙ୍କ ମୃତ୍ୟୁ ହୋଇଛି । ଏବେ ସୁଦ୍ଧା ମୋଟ ୮,୦୭୨ ରୋଗୀ ମୃତ୍ୟୁବରଣ କରିଛନ୍ତି । ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ଉପ ମୁଖ୍ୟ ସଚିବ କହିଛନ୍ତି କି ପ୍ରଦେଶରେ ସର୍ବେକ୍ଷଣ ଟିମ୍ ମାଧ୍ୟମରେ ୧,୭୩,୦୫୬ କ୍ଷେତ୍ରରେ ୪,୮୪,୬୭୫ ଟିମ ୩,୦୩,୨୫,୭୨୯ ଘରେ ୧୪,୭୮,୭୦,୭୦୧ ଜଣଙ୍କୁ ସର୍ବେକ୍ଷଣ କରିଛନ୍ତି । ସେ କହିଛନ୍ତି ଯେ, ଚିକିତ୍ସାର ଉପଚାର ପାଇଁ ଇ-ସଂଜୀବନୀ ପୋର୍ଟାଲ ପୂର୍ବରୁ ବ୍ୟବହାରୁ କରୁଥିଲେ । ଇ-ସଂଜୀବନୀ ମାଧ୍ୟମରେ କାଲି ସୁଦ୍ଧା ଦିନରେ ୪,୦୩୬ ଜଣ ଚିକିତ୍ସା ବିର୍ଷରେ ପରାମର୍ଶ ନେଇଛନ୍ତି । ଏବେ ସୁଦ୍ଧା ମୋଟ ୨,୬୮,୧୮୨ ଜଣ ବ୍ୟକ୍ତି ଇ-ସଂଜୀବନୀ ପୋର୍ଟାଲ ମାଧ୍ୟମରେ ପରାମର୍ଶ ଗ୍ରହଣ କରିଛନ୍ତି । ସେ କହିଛନ୍ତି କି ସଂକ୍ରମଣ ସ୍ତର କମ୍ ହେଉଛି । କିନ୍ତୁ ଶୀତ ହେବା ଦ୍ୱାରା ଶ୍ୱାସ ପ୍ରଶ୍ୱାଶ ସମ୍ବନ୍ଧୀୟ ରୋଗୀମାନେ ସଂକ୍ରମଣ ହେବାର ସମ୍ଭାବନା ରହିଛି । ସେଥିପାଇଁ ଚିନ୍ତା ବଢ଼ିଯାଉଛି । ଏହି ସମୟରେ କରୋନା ଯୋଗୁଁ ସାବଧାନ ଓ ବହୁତ ସତର୍କତା ରହିବା ଜରୁରୀ ହୋଇପଡ଼ିଛି । ବିଶେଷ କରି ଶ୍ୱାସ ସମ୍ବନ୍ଧୀୟ ରୋଗୀମାନେ ବହୁତ ସତର୍କତା ଅବଲମ୍ବନ କରିବା ଉଚିତ ।

# ପୁରୀ ହାଜତ ମୃତ୍ୟୁ ମାମଲା

## ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ୩୦୨ ଅନୁସାରେ ମାମଲା ରୁଜୁ କରା ଯାଉ ନାହିଁ କାହିଁକି: ବିଜେପି

ପୁରୀ,୧୪।୧୨ (ନି.ପ୍ର): କେ ରମେଶ ର ହାଜତ ରେ ହତ୍ୟାକାଣ୍ଡ ଘଟଣା ରେ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା ଦାବିରେ ବିଜେପି ପୁରୀ ଜିଲ୍ଲା ନେତୃତ୍ୱ ଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀ ରେ ବିଧାୟକ ଶ୍ରୀ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି ଯେ ଏହି ମାମଲାରେ ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ୩୦୨ ଅନୁସାରେ ମାମଲା ରୁଜୁ କରା ଯାଉ ନାହିଁ କାହିଁକି । ଏହି ମାମଲାରେ ପ୍ରଶାସନ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ସେ ଅଭିଯୋଗ କରିଛନ୍ତି ।

# ବାରୋ ପଂଚାୟତରେ କ୍ଷୟକ୍ଷତିର ପୁନଃ ଆକଳନ ନହେଲେ ଅନଶନରେ ବସିବେ ଚାଷୀ

କେନ୍ଦ୍ରାପଡ଼ା,୧୪।୧୨ (ନି.ପ୍ର): ଚଳିତ ବର୍ଷ ଅଗଷ୍ଟ ମାସରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ବ୍ୟାପକ ଫସଲ ହାନି ଘଟିଥିବା ଚାଷୀ ମାନଙ୍କର କ୍ଷୟକ୍ଷତି ପୁନଃର୍ବାର ଆକଳନ କରାନଗଲେ ଉଛରପଡା ଓ ତ୍ରିଲୋଚନପୁର ର ଚାଷୀମାନେ ତହସିଲ ଅଫିସ ଆଗରେ ସମୁହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ବ୍ଲକର ବାରେ ଫଂଚାୟତ ଅଧିନ ଉଛରପଡା ଓ ତ୍ରିଲୋଚନ ପୁର ଗ୍ରାମର ଚାଷୀଙ୍କର ବହୁଳ କ୍ଷୟକ୍ଷତି ହୋଇଥିଲା । କ୍ଷତିଗ୍ରସ୍ତ ଧାନ ଫସଲର କ୍ଷୟକ୍ଷତିର ଆକଳନ କରାଯାଇ ରିପୋର୍ଟ ଦାଖଲ କରାଯାଇ ଥିଲେ ମଧ ଏହା ତୃଟିପୂର୍ଣ୍ଣ ଦର୍ଶାଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପୁନଃର୍ବାର କ୍ଷୟକ୍ଷତିର ଆକଳନ କରିବାକୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ କେନ୍ଦ୍ରାପଡା ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

# ଡ଼ଃ ଅସୀମା ସାହୁଙ୍କୁ କଳିଙ୍ଗ ପୁସ୍ତକ ମେଳା ସମ୍ମାନ

ବାରିପଦା,୧୪।୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ବ୍ଲକ ଅଧୀନ ରାଗ୍‌ଧାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ତଥା ବିଶିଷ୍ଟ କବୟିତ୍ରୀ ଓ ସ୍ତମ୍ଭକାର ଡ଼ଃ ଅସୀମା ସାହୁଙ୍କୁ ତାଙ୍କର ସଦ୍ୟ ପ୍ରକାଶିତ କବିତା ସଂଙ୍କଳନ 'ଇସାରାରେ ଡ଼ାକେ କିଏ ଦିଗ୍‌ବଳୟର ସେ ପାରିରୁ' ନିମନ୍ତେ ରାଜ୍ୟସ୍ତରୀୟ ସମ୍ମାନଜନକ କଳିଙ୍ଗ ପୁସ୍ତକ ମେଳା-୨୦୨୦ ପୁରସ୍କାରରେ ସମ୍ମାନୀତ କରାଯାଇଛି । ୨୩ତମ କଳିଙ୍ଗ ପୁସ୍ତକ ମେଳା-୨୦୨୦ର ଉଦଯାପନୀ ଉତ୍ସବରେ ଡ଼ଃସାହୁଙ୍କୁ ଉପଢ଼ୌକନ, ମାନପତ୍ର ଓ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଭୁବନେଶ୍ୱରସ୍ଥିତ ସାମ୍ବାଦିକ ଭବନ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି ସାତକଡ଼ି ହୋତା , ମୁଖ୍ୟ ବକ୍ତା ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ଡ଼ଃ ଅଶୋକ କୁମାର ମହାପାତ୍ର, ସୁରେଶ ମନ୍ତ୍ରୀ ପ୍ରମୁଖ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମରେ ପୁସ୍ତକ ମେଳାର ସମ୍ପାଦିକା ରେଣୁକା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଗ୍‌ଧାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ତଥା ବିଶିଷ୍ଟ କବୟିତ୍ରୀ ଓ ସ୍ତମ୍ଭକାର ଡ଼ଃ ସାହୁଙ୍କୁ ଏହି ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନୀତ ହେବା ପରେ ମୟୂରଭଞ୍ଜ ଜିଲ୍ଲାର ବୁଦ୍ଧିଜୀବୀ, ଶିକ୍ଷାବିତ , ପାଠକ ଓ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ବାର୍ଷିକ ୧୦ କୋଟିର ଧାନ ଟିକସ ଫାଙ୍କି

ଭଦ୍ରକ, ୧୪ ଡିସେମ୍ବର (ହି.ସ.) - ଭଦ୍ରକ ଜିଲାରେ ବାର୍ଷିକ କୋଟି କୋଟି ଟଙ୍କାର ଧାନ ଟିକସ ଫାଙ୍କି ଲୁଟ୍ ହେଉଛି । ମୁକୁଳା ରାଜପଥ ସାଙ୍ଗକୁ ଟିକସ ଆଦାୟ ଦାୟିତ୍ୱରେ ଥିବା ଅସାଧୁ ଆରଏମ୍‌ସି କର୍ମଚାରୀଙ୍କ ଦୁର୍ନୀତିଖୋର କାର୍ଯ୍ୟକଳାପ ଯୋଗୁଁ ସରକାରଙ୍କୁ ବାର୍ଷିକ କୋଟି କୋଟି ଟଙ୍କାର କେବଳ ଧାନ ଯିକସ ହରାଇବାକୁ ପଡୁଛି । ରାଜ୍ୟରେ ଗେଟ୍ ବ୍ୟବସ୍ଥା କାଏମ ରହିଥିବା ବେଳେ ଭଦ୍ରକ ଜିଲାରେ ଆରଏମ୍‌ସି ଜରିଆରେ ବାର୍ଷିକ ୭/୮ କୋଟି ଟଙ୍କାର ଧାନ ଟିକସ ଆଦାୟ ହେଉଥିବାବେଳେ ଏବେ ତାହା ଦୁଇକୋଟି ଅତିକ୍ରମ କରିପାରୁନାହିଁ । ଯାହାକି ଟିକସ ସଂଗ୍ରହ ଦାୟିତ୍ୱରେ ଥିବା ଆରଏମ୍‌ସି ଗୁଡିକର ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତବର୍ଷ ଭଦ୍ରକ ଜିଲାରେ ସରକାରୀ ଧାନ ସଂଗ୍ରହରୁ ଭଦ୍ରକ ଏବଂ ଚାନ୍ଦବାଲି ଆରଏମ୍‌ସିକୁ ଜିଲା ଯୋଗାଣ ନିଗମ ଜରିଆରେ ୭ କୋଟି ୬୨ ଲକ୍ଷ ୯୨ ହଜାର ଟଙ୍କାର ରାଜସ୍ୱ ମିଳିଥିବାବେଳେ ନିଜସ୍ୱ ଟିକସ ବ୍ୟବସ୍ଥାରେ ପ୍ରାୟ ଦେଢ କୋଟି ଟଙ୍କାର ରାଜସ୍ୱ ମିଳିଛି । ଯାହାକି ଅତ୍ୟନ୍ତ ନଗଣ୍ୟ ସାବ୍ୟସ୍ତ ହୋଇଛି । ଗତବର୍ଷ ଭଦ୍ରକ ଜିଲାରୁ ରାଜ୍ୟ ସରକାର ଜିଲା ଯୋଗାଣ ନିଗମ ଜରିଆରେ ପ୍ରାୟ ୨୧ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିବାବେଳେ ଦଲାଲଙ୍କ ଜରିଆରେ ବାହାର ରାଜ୍ୟକୁ ପ୍ରାୟ ୩୦ ହଜାର ମେଟ୍ରିକ୍ ଟନ୍ ଧାନ ଚୋରା ଚାଲାଣ କରାଯାଇଛି । ଯେଉଁଥିବରୁ ସରକାର ମାର୍କେଟ୍ ଫି ବାବଦକୁ ଅତି କମ୍‌ରେ ୧୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିବା କଥା । ହେଲେ ସରକାରୀ ସୂଚନା ଅନୁଯାୟୀ ଭଦ୍ରକ ବ୍ଲକ୍ ସହିତ ଜିଲାର ୬ ଟି ପ୍ରମୁଖ ଧାନ ଉତ୍ପାଦନକାରୀ ବ୍ଲକ୍‌କୁ ନେଇ ଗଠିତ ଭଦ୍ରକ ଆରଏମ୍‌ସି ଏହି ବର୍ଷ ନିଜସ୍ୱ ଧାନ ଟିକସ ବାବଦକୁ ମାତ୍ର ୬୬ ଲକ୍ଷ ଏବଂ ଏକମାତ୍ର ଚାନ୍ଦବାଲି ବ୍ଲକ୍‌କୁ ନେଇ ଗଠିତ ଚାନ୍ଦବାଲି ଆରଏମ୍‌ସି ଜରିଆରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଧାନ ଟିକସ ଆଦାୟ କରାଯାଇଛି । ଯାହାକି ନିଜସ୍ୱ ଧାନ ଟିକସ ଆଦାୟ କ୍ଷେତ୍ରରେ ଆରଏମ୍‌ସି ଗୁଡିକର ଦୁର୍ବଳତାକୁ ପଦାରେ ପକାଇ ଦେଇଛି । ସବୁଠାରୁ ବଡକଥା ଡେଲା ଜିଲାର ଏକମାତ୍ର ଚାନ୍ଦବାଲି ବ୍ଲକ୍‌କୁ ନେଇ ଗଠିତ ଚାନ୍ଦବାଲି ଆର,ମ୍‌ସି ଗତବର୍ଷ ସରକାରୀ ଧାନ ସଂଗ୍ରହକୁ ବାଦ୍ ଦେଇ ସର୍ବାଧିକ ୧ କୋଟି ଟଙ୍କା କେବଳ ନିଜସ୍ୱ ଧାନ ଟିକସ ସଂଗ୍ରହ କରିଥିବାବେଳେ ଜିଲାରେ ଭଦ୍ରକ, ବାସୁଦେବପୁର, ବନ୍ତ, ଭଣ୍ଡାରିପୋଖରୀ ଏବଂ ତିହିଡି ଭଳି ପ୍ରମୁଖ ଧାନ ଉତ୍ପାଦନକାରୀ ବ୍ଲକ୍‌କୁ ନେଇ ଗଠିତ ଭଦ୍ରକ ଆରଏମ୍‌ସି ମାତ୍ର ୬୬ ଲକ୍ଷ ଟଙ୍କାର ନିଜସ୍ୱ ଧାନ ଟିକସ ଆଦାୟ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏ ସଂପର୍କରେ ଭଦ୍ରକ ଆରଏମ୍‌ସି ସଂପାଦକଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଆମ ଆରଏମ୍‌ସିକୁ ସଂଯୋଗ କରୁଥିବା ଅଧିକାଂଶ ରାସ୍ତା ମୁକୁଳା ପଡିଥିବା ଯୋଗୁଁ ଧାନର ଚୋରା ଚାଲାଣ ରୋକାଯାଇପାରୁନାହିଁ । କେବଳ ସେତିକି ନୁହେଁ ଗେଟ୍ ଉଛେଦ ପରେ ବିନା ପୁଲିସ୍‌ରେ ଜାତୀୟ ରାଜପଥରେ ଗାଡି ଅକଟାଇ ଟିକସ ଆଦାୟ କରିବା ଆମ ପକ୍ଷେ ସମ୍ଭବ ହୋଇପାରୁନଥିବାରୁ ଅନେକ ଗାଡି ଟିକସ ଫାଙ୍କି ପଳାଇ ଯାଉଛନ୍ତି । ତେବେ ଚଳିତବର୍ଷ ଯେମିତି ଏହାର ପୁନରାବୃତି ନହେବ, ସେଥିନେଇ ଆମେ ପୁଲିସ୍ ପ୍ରଶାସନ ସହଯୋଗ ଲୋଡିବୁ ବୋଲି ସେ କହିଛନ୍ତି । ତେବେ ଏଥିନେଇ କର୍ତୃପକ୍ଷ ଯାହା ସଫେଇ ଦିଅନ୍ତୁନା କାହିଁକି ଜିଲାର ଏକମାତ୍ର ବ୍ଲକ୍‌କୁ ନେି ଗଠିତ ଚାନ୍ଦବାଲି ଆରଏମ୍‌ସିର ବାର୍ଷିକ ଟିକସ ସଂଗ୍ରହ ତୁଳନାରେ ଜିଲାର ୬ଟି ପ୍ରମୁଖ ଧାନ ଉତ୍ପାଦନକାରୀ ବ୍ଲକ୍‌କୁ ନେଇ ଗଠିତ ଭଦ୍ରକ ଆରଏମ୍‌ସିର ନୈରାଶ୍ୟଜନକ ଟିକସ ସଂଗ୍ରହକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶତ ପାଇଛି । ରାଜ୍ୟର ଅନ୍ୟତମ ପ୍ରମୁଖ ଧାନ ଉତ୍ପାଦନକାରୀ ଜିଲା ଭାବେ ଭଦ୍ରକ ଜିଲାରୁ ବାର୍ଷିକ ପ୍ରାୟ ୭୦/୮୦ ହଜାର ମେଟ୍ରିକ୍ ଟନ୍ ଧାନ ଉତ୍ପାଦନ ହେଉଥିବାବେଳେ ସରକାର ସେଥିରୁ ବାର୍ଷିକ ପ୍ରାୟ ୨୦/୨୨ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥାନ୍ତି । ଅବଶିଷ୍ଟ ଧାନରୁ ପ୍ରାୟ ୩୦ ରୁ ୩୫ ହଜାର ମେଟ୍ରିକ୍ ଟନ୍ ଧାନ ଦଲାଲଙ୍କ ଜରିଆରେ ବାହାର ରାଜ୍ୟକୁ ଚାଲାଣ କରାଯାଇଥାଡ଼ଏ । ଯେଉଁଥିରୁ ସରକାର ୨ ପ୍ରତିଶତ ମାର୍କେଟ୍ ଫି ହିସାବରେ ପ୍ରାୟ ୧୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିବା କଥା । ତେବେ ଗେଟ୍ ବ୍ୟବସ୍ଥା ଉଚ୍ଛେଦ ଆଳରେ ଆରଏମ୍‌ସି ଗୁଡିକ ଏହି ରାଜସ୍ୱ ଆଦାୟ କରାଯାଇପାରୁନଥିବା କହି କୋଟି କୋଟି ଟଙ୍କା ହଡପ କରୁଥିବା ଅଭିଯୋଗ ହୋଇଛି । ଯାହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି ।

# ବାଇକକୁ ପିଟିଲା ଡମ୍ଫର : ୨ ଭାଇ ମୃତ

## ୫୭ନଂ ରାଜ୍ୟ ରାଜପଥରେ ଦ୍ରୁତ ଗାଡିଚାଳନାକୁ ନେଇ ଉତ୍ତେଜନା ଓ ରାସ୍ତାରୋକ

ଜଳେଶ୍ୱର,୧୪।୧୨ (ନି.ପ୍ର): ଆଜି ରବିବାର ପୂର୍ବାହ୍ନରେ ୫୭ ନଂ ରାଜ୍ୟ ରାଜପଥର କମର୍ଦ୍ଧାଥାନା ଅନ୍ତର୍ଗତ ସାତଶୁଳିଆ ଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଦୁଇ ଭାଇଙ୍କର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଣିଦା ଗ୍ରାମର ରଣଜିତ୍ ଦାସଙ୍କ ଦୁଇ ପୁଅ କିଶୋର କୁମାର ଦାସ (କୁନା) (୧୮) ଓ ସ୍ୱାଧିନ ଦାସ (ମୁନା) (୧୪) କମର୍ଦ୍ଧାରୁ ଏକ ପଲ୍ସର ବାଇକ୍ ଅଡି୦୧ଏଏଚ୍ ୮୦୦୭ କୁ ବିପରିତ ଦିଗରୁ ଜଳେଶ୍ୱର ପଟୁ ଆସୁଥିବା ଏକ ଡମ୍ଫର ଓଆର୍୦୧ୟୁ୨୧୦୪ ମୁହାଁମୁହିଁ ଧକ୍କା ଦେଇଥିଲା । ଗୁରୁତର ଦୁଇ ଭାଇଙ୍କୁ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଅଣାଯାଇଥିଲା । ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବାପରେ ଦୁର୍ଘଟଣା ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଗ୍ରାମବାସୀ ମାନେ ଟାୟାର ଜାଳି ରାସ୍ତାରୋକ କରିବା ସହ ଦ୍ରୁତଗତିରେ ଆସୁଥିବା ଯାନବାହନକୁ ନିୟନ୍ତ୍ରଣ କରିବା ଏବଂ ମୃତକ ପରିବାରକୁ କ୍ଷତିପୂରଣ ଦାବି ନେଇ ରାସ୍ତାରୋକ କରାଯାଇଥିଲା ।ଘଣଟାସ୍ଥଳରେ ପୁଲିସ୍ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାପରେ ରାସ୍ତାରୋକ ହଟିଥିଲା । ଦୁର୍ଘଟଣା ଘଟାଇ ଡମ୍ଫର ଛାଡି ଡ୍ରାଇଭର ଫେରାର ହୋଇଯାଇଛି । ମୃତକ ଦୁଇ ଭାଇ ଜଳେଶ୍ୱର କୋର୍ଟର ଆଇନ୍‌ଜିବୀ ସଂଜୀବ ଦାସଙ୍କ ପୁତୁରା ଅଟନ୍ତି । ଏହି ଖବର ପାଇ ଜଳେଶ୍ୱର ବାର୍‌ର ନବନିର୍ବାଚିତ ସଭାପତି ଅନୀଲ ପରିଡା ହସ୍ପିଟାଲରେ ପହଞ୍ଚି ମୃତକ ପରିବାରକୁ ସାନ୍ତ୍ୱନା ଦେଇଥିଲେ । ସୂଚନା ଯୋଗ୍ୟ ମୃତ କିଶୋର +୨ର ଛାତ୍ର ହୋଇଥିବା ବେଳେ ସ୍ୱାଧିନ ସପ୍ତମ ଶ୍ରେଣୀର ଛାତ୍ର ଥିଲେ । ମୃତକଙ୍କ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ଅନ୍ତରା ସେବା ସମବାୟ ସମିତିରେ ଧାନ କିଣା ଆରମ୍ଭ



ଖଇରା,୧୪/୧୨(ନିପ୍ର): ଖଇରା ବ୍ଲକ୍ ଅନ୍ତରା ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଖଇରା-ସିମୁଳିଆ ବିଧାୟକ ତଥା ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ସମିତିର ଖଇରା ଶାଖା ପରିଚାଳକ ନିସିକାନ୍ତ ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଅନ୍ତରା ସମବାୟ ସମିତି ସମ୍ପାଦକ ବିକାଶ କୁମାର ନାଏକ ଜିଲ୍ଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ଅନ୍ତରା ସେବା ସମବାୟ ସମିତିର ପୂର୍ବତନ ସଭାପତି ଅଜୟ ସାମଲ, କମିଟି ସଦସ୍ୟ ନରେନ୍ଦ୍ର ମହାପାତ୍ର, ମହେନ୍ଦ୍ର ଦାସ, ପିଚାଳନା ପରିଷଦ କମିଟିର ପୂର୍ବତନ ସଦସ୍ୟ ବିଜୟ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ଉଦ୍‌ଘାଟନି ଉତ୍ସବରେ ଚାଷି ଗୟାଦର ଜେନାଙ୍କ ଠାରୁ ୨୪.୮୯ କି.ଗ୍ରା ଧାନ ସଂଗ୍ରହ କରାଯାଇଥିଲା ।

# ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦଙ୍କ ଆଶୁ ଆରୋଗ୍ୟ କାମନା

ଜଳେଶ୍ୱର,୧୪।୧୨ (ନି.ପ୍ର): ଉତ୍ତର ବାଲେଶ୍ୱରର ବରିଷ୍ଠ ସାମ୍ବାଦିକ ଅବନର ଚନ୍ଦ ଗତ ୫ତାରିଖ ଶନିବାର ହୃତ୍‌ରୋଗରେ ପିଡିତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହୋଇଥିଲେ । ସେ ଜଣେ ସମାଜସେବୀ, ଏ ଅଂଚଳର ଜଣେ ଭଲ ମଣିଷ ଭାବେ ତାଙ୍କର ସୁଖ୍ୟାତି ରହିଛି । ସେ ଜଣେ ଅମାୟିକ ଓ ଭଦ୍ର ବ୍ୟକ୍ତି ଅଟନ୍ତି । ତାଙ୍କରୁ ଆଶୁ ଆରୋଗ୍ୟ କାମନା କରି ଗତ ଶୁକ୍ରବାର ସମାଜ କଲ୍ୟାଣ ବିକାଶ ପରିଷଦର ସଭାପତି ରଘୁନାଥ ମହାନ୍ତି, କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଂଜ, ସଂପାଦକ ତଥା ହାଇକୋର୍ଟର ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ମୁନା ପାତ୍ର, ଡ. ଅଜିତ୍ ମହାନ୍ତି, ମଧୁଛନ୍ଦା ମହାନ୍ତି, ସତ୍ୟ ଦାସ, ରବିନାରାୟଣ ପାତ୍ର, ରବିନ୍ଦ୍ର ପାତ୍ର ପ୍ରମୁଖ ତାଙ୍କ ବାସଭବନକୁ ଯାଇ ସୌଜନ୍ୟ ସାକ୍ଷାତ କରିଥିଲେ ।

# ସରକାରୀ ନିର୍ମାଣରେ ଭିଟାମାଟି ହରାଇବାକୁ ଥିବା ବାସନ୍ତୀ ମୁଖୀର ଆତ୍ମହତ୍ୟା ଚେତାବନୀ

ଜଳେଶ୍ୱର, ୧୪/୧୨ (ନି.ପ୍ର) : ସଂସାର କହିଲେ ସେ ନିଜେ । ସମ୍ପତ୍ତି କହିଲେ ୨ଗୁଣ୍ଠ ଜାଗା ଉପରେ ଝୁମ୍ପୁଡି ଘର ଚାଖଣ୍ଡେ । ନିଜର ପିଲାପିଲି କିମ୍ବା ଜ୍ଞାତିକୁଟୁମ୍ବ କେହି ନାହିଁ । ଯାହାର ହାତ ଧରି ଆସିଥିଲା ସେବି ୪ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଛି । ୭୦ବର୍ଷ ବୟସରେ ସେହି ନୁଆଁଣିଆ ଝୁମ୍ପୁଡି ଘରେ ରହି ମାଗିଜାଚି ଚଳୁଥିବା ବାସନ୍ତୀ ମୁଖୀ ଆଜି ସରକାରୀ ନିର୍ମାଣ ପାଇଁ ନିଜର ବାସସ୍ଥାନ ହରାଇବାକୁ ବସିଛି । ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟିର କୋର୍ଟବଜାର ରେଳ ଲେଭେଲ୍‌କ୍ରସିଂ ନିକଟରେ ଆଜକୁ ୫୦ବର୍ଷ ପୂର୍ବେ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମୁଖୀ ସହିତ ସୁଖରେ ଘର ସଂସାର କରି ଆସୁଥିଲେ ବାସନ୍ତୀ ମୁଖୀ । ଏବେ ସେଠାରେ ସରକାରଙ୍କ ପକ୍ଷରୁ ରେଳ ଓଭରବ୍ରିଜ୍ ନିର୍ମାଣ ହେବାକୁ ଥିବାରୁ ତାକୁ ତାର ବାସସ୍ଥାନ ହରାଇବାକୁ ପଡିବ । ସରକାରଙ୍କ ପକ୍ଷରୁ ତାକୁ ସେଠାରୁ ଉଚ୍ଛେଦ କରାଯିବାକୁ ବାରମ୍ବାର ନୋଟିସ୍ ଆସିଥିଲେ ମଧ୍ୟ ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେହିଠାରେ ରହିବାକୁ ବହୁ ପଦସ୍ଥ ଅଫିସର ଓ ରାଜନେତାଙ୍କୁ ନେହୁରା ହୋଇଛି । ଓଭର ବ୍ରିଜ୍ କାର୍ଯ୍ୟକୁ ସେ ସ୍ୱାଗତ କରୁଥିବା ବେଳେ ବ୍ରିଜ୍ ନିର୍ମାଣରେ ଆବଶ୍ୟକ ହେଉନଥିବା ତାର ଅବଶିଷ୍ଟ ଜାଗାକୁ ଉଚ୍ଛେଦ ନ କରିବାକୁ ବାଲେଶ୍ୱର ଜିଲାପାଳ, ଉପଜିଲ୍ଲାପାଳ, ଜଳେଶ୍ୱର ତହସିଲଦାର, ଆର୍‌ଏଣ୍ଡବି ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଛି । ଆବାସ ଘର କିମ୍ବା ସରକାରଙ୍କ ଭତ୍ତା କିମ୍ବା ରାସନ ପାଉନଥିବା ବାସନ୍ତୀ କୌଣସିମତେ ଚଳିଯାଉଥିବା ବେଳେ ଏବେ ତାର ଭିଟାମାଟିକୁ ନେଇ ଦୋଛକି ରାସ୍ତାରେ ପହଞ୍ଚିଛି । ତାକୁ ସେଠାରୁ ଜବରଦସ୍ତ ଉଚ୍ଛେଦ କରାଗଲେ ସେ ନିଜ ଦେହରେ କିରୋସିନି ଢାଳି ଆତ୍ମହତ୍ୟା କରିବ ବୋଲି କେତେକ ସମ୍ବାଦଦାତାଙ୍କ ପ୍ରଶ୍ନର ଉତ୍ତରରେ କହିଛି । ତେବେ ତାକୁ କି ନ୍ୟାୟ ମିଳୁଛି ଦେଖିବାକୁ ବାକି ରହିଲା ।

# ଧାନକିଣା ପାଇଁ ପ୍ରଶାସନର ସଚେତନତା ରଥର ଶୁଭାରମ୍ଭ




ଭଦ୍ରକ,୧୪।୧୨ (ନି.ପ୍ର): ୨୦୨୦-୨୧ ପାଇଁ ଧାନକିଣା ଆରମ୍ଭ ହେବା ପୂର୍ବରୁ ଚାଷୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ନେଇ ଆଜି ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଜିଲ୍ଲାପାଳ ଡ. ଜ୍ଞାନ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ରଥର ଶୁଭରାମ୍ଭ କରିଥିଲେ । ଚଳିତ ଡିସେମ୍ବର ୨୦ ତାରିଖରୁ ୨୦୨୧ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପାକ୍ସ ଓ ସମବାୟ ସମିତି ମାଧ୍ୟମରେ ସରକାରୀ ସ୍ତରରେ ଧାନ କ୍ରୟ କରାଯିବ । ଚାଷୀ ଦଲାଲଙ୍କୁ ଧାନ ବିକ୍ରି ନକରି ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାକୁ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ରଥ ମାଧ୍ୟମରେ ପ୍ରଚାର ପ୍ରସାର କରିବାକୁ ଏହି ରଥ ବୁଲିବ । ଜିଲ୍ଲାର ୭ଟି ବ୍ଲକ ପାଇଁ ୭ଟି ରଥ କରାଯାଇଛି ।

# ଯାତ୍ରା କଳାକାର ସଂଘର ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ ସନ୍ତୋଷ ବେହେରା ମନୋନୀତ



ଉଦଳା,୧୪।୧୨ (ନି.ପ୍ର): ଯାତ୍ରା କଳାକାର ଓ କର୍ମଚାରୀ ସଂଘ ଓଡ଼ିଶାର ନିର୍ଦ୍ଦେଶରେ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ କମିଟି ବୈଠକ ଆଜି ଡ଼ିସେମ୍ବର ୧୪ ତାରିଖ ସୋମବାର ଦିନ ଉଦଳା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଯାତ୍ରା କଳାକାର ଓ କର୍ମଚାରୀ ମାନେ ଏକତ୍ରୀତ ହୋଇ ତାଲା ବନ୍ଦ ସମୟରେ କିପରି କଳାକାର ମାନେ ଦୁଃଖ ଦାୟକ ଜୀବନ ବିତାଉଛନ୍ତି ତାହାର ବାସ୍ତବ ଚିତ୍ର ଉପସ୍ଥାପନ କରିଥିଲେ । ଏହାପରେ ଯାତ୍ରା କଳାକାର ଓ କର୍ମଚାରୀ ସଂଘର ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ କମିଟି ଗଠିତ ହୋଇଥିଲା ଏଥିରେ ସନ୍ତୋଷ ବେହେରା ସଭାପତି, ସରୋଜିନି ସ୍ୱାଇଁ ଓ ସରୋଜ ମିଶ୍ର ଉପସଭାପତି, ରତିକାନ୍ତ ପରିଡ଼ା ସମ୍ପାଦକ, ପ୍ରଶାନ୍ତ ମହାନ୍ତି ଓ ଅଜିତ ରାଉତ ସହସଂପାଦକ, ଦିପ୍ତି ପାଣିଗ୍ରାହୀ କୋଷାଧ୍ୟକ୍ଷ, ମନୋଜ କୁମାର ମହାନ୍ତି, ପ୍ରଦ୍ୟୁମ୍ନ ଦାସ ଓ ସନ୍ତୋଷ ବାଛିନି ଉପଦେଷ୍ଟା ଭାବରେ ସର୍ବ ସମ୍ମତି କ୍ରମେ ମନୋନିତ ହେଲେ ।

# ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଯୋଗ ପ୍ରଶିକ୍ଷଣ ଅଭିଯାନ



ଖଇରା,୧୪/୧୨(ନିପ୍ର): ଖଇରା ବ୍ଲକ୍ ଅଧିନ କୁପାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା କୁପାରୀ ଅମ୍ବିକା ମନ୍ଦିର ପରିସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବାଲେଶ୍ୱର ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ପ୍ରଭାକର ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବାବେଳେ ଅତିଥି ଭାବେ ବିପିଏମ ସୂର୍ଯ୍ୟକାନ୍ତ ବାରିକ, ଡାକ୍ତର ଅନୁଲା ଜଗଦେବ୍, ଡାକ୍ତର ଜୟନ୍ତ କୁମାର ସାମଲ ଏବଂ ଅନ୍ୟତମ ଅତିଥି ଭାବେ ଯୋଗଶିକ୍ଷକ ଶୀତାଂଶୁ ଶେଖର ବେହେରା, ଦିବ୍ୟରଞ୍ଜନ ମହାନ୍ତି, ଯଶୋବନ୍ତ ଶିଅଳ, କରୁଣାକର ଶିଅଳ, ଗୋବର୍ଦ୍ଧନ ସାହୁ, କୁଞ୍ଜ ରାଉତ, ଉମେଶ ଚନ୍ଦ୍ର ନାୟକ, ବୁଦ୍ଧିରାମ ପାଣିଗ୍ରାହୀ ଯୋଗଦେଇ ଯୋଗ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖଇରା ବ୍ଲକ୍‌ର ଆଶା କର୍ମୀ, ଅଙ୍ଗନୱାର୍ଡି କର୍ମୀ ଉପସ୍ଥିତ ରହିଥିଲେ । ଏହି ଅବସରରେ ଯୋଗପ୍ରଚାରକ ଶ୍ରୀ ପାଣିଗ୍ରାହୀ ବିଭିନ୍ନ ପ୍ରକାରର ଯୋଗ ପ୍ରଶିକ୍ଷଣ ଦେଇଥିଲେ ।

# ଭଦ୍ରକ : ଖଣ୍ଡତଡା ଜୋନ୍‌ରେ ସାଳନ୍ଦୀ ବିକାଶ ମଂଚର ଗୁରୁତ୍ୱପୂର୍ଣ୍ଣ ବୈଠକ



ଭଦ୍ରକ,୧୪।୧୨ (ନି.ପ୍ର): ଆଜି ଭଦ୍ରକ ବ୍ଲକ୍‌ର ଖଣ୍ଡତଡା ପଂଚାୟତ କାର୍ଯ୍ୟାଳୟ ଠାରେ ସାଳନ୍ଦୀ ବିକାଶ ମଂଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଣ୍ଡତଡା ପଂଚାୟତରେ ସାଳନ୍ଦୀ ନଦୀର ଅତୀତ ସ୍ଥିତ ଓ ବର୍ତ୍ତମାନର ଅବସ୍ଥା ସଂପର୍କରେ ନିଜ ଅନୁଭବ ଅତ୍ୟନ୍ତ ନିଖୁଣ ଭାବେ ବଖାଣିଥିଲେ । ଏହି ଅବସରରେ ସେ ଏହି ପଂଚାୟତର ୮୦ ଭାଗ ଲୋକ ଚାଷକୁ ମୁଖ୍ୟ ଜୀବିକା ଭାବେ ଗ୍ରହଣ କରିଥିବାବେଳେ ନଦୀ କୂଳବର୍ତ୍ତୀ ଜମି ଗୁଡିକରେ ପରିବା ଚାଷ କରି ଅନେକ ଲୋକ ଜୀବିକାର୍ଜନ କରୁଥିବାବେଳେ ଏହି ଚିରସ୍ରୋତା ସାଳନ୍ଦୀ ନଦୀ ଏବେ କେଉଁଠି ପୋତି ହୋଇପଡିଲାଣି ତ କେଉଁଠି ନାଳ ସଦୃଶ ହୋଇଥିବାବେଳେ କେନାଲ ଥାଇ ମଧ୍ୟ ସେଥିରେ ପାଣି ନଥିବାରୁ ଲୋକେ ଧୀରେ ଧୀରେ ଚାଷ ଛାଡିଦେଲେଣି ବୋଲି କ୍ଷୋଭର ସହ କହିଥିଲେ । ଏବଂ ଏଥିପାଇଁ ଏହି ମଂଚ ଏକ ଜନ ଆନ୍ଦୋଳନର ରୂପ ନେଉ ବୋଲି ଆହ୍ୱାନ ଦେଇ ଏଥିରେ ସ୍ଥାନୀୟ ପଂଚାୟତର ବହୁ ଲୋକ ସାମିଲ ହେବେ ବୋଲି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଂଚର ସଦସ୍ୟା ନିରୁପମା ମହାନ୍ତି ସ୍ୱାଗତ ଭାଷଣ ମାଧ୍ୟମରେ ସାଳନ୍ଦୀ ପ୍ରଦୂଷଣର ମୁଖ୍ୟ କାରଣ ଓ ଏହାର ନିରାକରଣ ସଂପର୍କରେ ଅବଗତ କରାଇଥିଲେ । ଆବାହକ ପ୍ରତାପ ଚନ୍ଦ୍ର ପାଢୀ ସାଳନ୍ଦୀ ବିକାଶ ମଂଚ ଗଠନର ଉଦ୍ଦେଶ୍ୟ ଏବଂ ଏହାର ରୂପରେଖ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସାଳନ୍ଦୀ ନଦୀ ଭଦ୍ରକ ଜିଲାର ଜୀବନରେଖା ହୋଇଥିବାବେଳେ ତାହା ଆଜି କିଭଳି ଅବକ୍ଷୟମୁଖୀ ହୋଇପଡିଛି, ସେ ସଂପର୍କରେ ସୂଚନା ଦେଇଥିଲେ । ଏବଂ ଏହି ପ୍ରଦୂଷଣକୁ ରୋକିବା କ୍ଷେତ୍ରରେ ନଦୀ ସଂସ୍କାର ନିମନ୍ତେ ସରକାରଙ୍କର ବହୁ ଯୋଜନା କିଭଳି ଆଜି ପାଣିର ଗାର ହୋଇଛି, ତାହା ଉପସ୍ଥାପନ କରିଥିଲେ । ସାଳନ୍ଦୀ ନଦୀର ଜଳ ଯେଉଁଭଳି ଭାବେ ପ୍ରଦୂଷଣର କାୟା ବିସ୍ତାର କରୁଛି, ଏହା ଆଗାମୀଦିନ ପାଇଁ ଜନ ଜୀବନ ନିମନ୍ତେ ଏକ ସତର୍କ ଘଣ୍ଟି ହୋଇଥିବାବେଳେ ଅଳ୍ପ କିଛିବର୍ଷ ମଧ୍ୟରେ ଭଦ୍ରକ ଜିଲାବାସୀ ଉକ୍ତ କାରଣରୁ ଜଳସଂକଟ ସମସ୍ୟାର ସମ୍ମୁଖୀନ ହେବେ ବୋଲି ସତର୍କ କରାଇଥିଲେ । କେବଳ ଚାଷ ନୁହେଁ, ସ୍ୱାସ୍ଥ୍ୟ, ପାନୀୟ ଜଳ, ବନ୍ୟା ଇତ୍ୟାଦି ବିଭିନ୍ନ ସମସ୍ୟା ଏଥିପାଇଁ ଦେଖାଦେବାର ସମ୍ଭାବନା ଥିବାରୁ ଏହି ବାର୍ତ୍ତାକୁ ଜିଲାର ପ୍ରତ୍ୟେକ ପଂଚାୟତରେ ପହଞ୍ଚାଇ ସମସ୍ତଙ୍କ ସହଯୋଗରେ ଏକ ଜନ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ନିକଟରେ ଏହାର ବିକାଶର ସ୍ୱର ପହଞ୍ଚାଇବାର ପ୍ରୟାସ ଆରମ୍ଭ ହୋଇଛି ବୋଲି ଆହ୍ୱାନ ଦେଇଥିଲେ । ମଂଚର ମିଡିଆ ସେଲ୍ ଅଧ୍ୟକ୍ଷ ସାମ୍ବାଦିକ ପ୍ରମୋଦ ରାୟ ଯୋଗଦେଇ ସାଳନ୍ଦୀ ନଦୀର ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ଜନ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦେଇଥିବାବେଳେ ମଂଚର ବରିଷ୍ଠ ସଦସ୍ୟ ସଂଜୀବ ମହାନ୍ତି ଓ ସଦସ୍ୟ ପ୍ରଦୀପ ବେହେରା ସାଳନ୍ଦୀ ନଦୀର ସଂସ୍କାର ଦିଗରେ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିବାର ସୂଚନା ଦେଇଥିଲେ । ଏହାପରେ ବୁଦ୍ଧିଜୀବୀ କରୁଣାକର ବାରିକ, ଉମାକାନ୍ତ ରଣା, ମହେନ୍ଦ୍ର ନାୟକ ନିଜର ମୂଲ୍ୟବୋଧ ଭିତ୍ତିକ ବକ୍ତବ୍ୟ ମାଧ୍ୟମରେ ସାଳନ୍ଦୀ ନଦୀର ଅତୀତର ଗୁଣଗାନ କରି ଜନସାଧାରଣଙ୍କର ଅନ୍ନଦାତା ଏହି ନଦୀର ସଂସ୍କାରର ଆବଶ୍ୟକତା ରହିଛି ବୋଲି କହିଥିବାବେଳେ ଏହି ଅଂଚଳର ଆଦର୍ଶ ଚାଷୀ ସୁବାଷ ପରିଡା ନିଜର ଅଭିବ୍ୟକ୍ତିରେ ସ୍ୱଅନୁପ୍ରାଣିତ ହୋଇ ଏହି ମଂଚରେ ବହୁ ସଂଖ୍ୟାରେ ସାମିଲ ହେବାର ଆବଶ୍ୟକତା ରହିଛି ବୋଲି ଭାବବିହ୍ୱଳ କଣ୍ଠରେ ସୂଚନା ଦେଇଥିଲେ । ଏହି ବୈଠକରେ ପଂଚାୟତର ସମସ୍ତ ରାଜସ୍ୱ ଗ୍ରାମରୁ ବୁଦ୍ଧିଜୀବୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯୁବ କୃଷି କର୍ମୀ, ସ୍ୱୟଂ ସହାୟିକା ସଦସ୍ୟା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଙ୍କ ସମେତ ଛୋଟବଡ ଚାଷୀମାନେ ଯୋଗଦେଇଥିଲେ । ଶେଷରେ ପ୍ରଦୀପ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କୃଷକ ବିରୋଧୀ ....

ସୁତରାଂ ଏହି ପ୍ରେକ୍ଷାପଟରେ ସାରା ଭାରତର କୃଷକ ଆନ୍ଦୋଳନ ଘୋଷଣା କରିଛି ଯେ କିଷାନ୍ ବିରୋଧୀ ଏବଂ ଜନବିରୋଧୀ ସମସ୍ତ ଆଇନକୁ ରଦ୍ଦ ନକଲାପର୍ଯ୍ୟନ୍ତ ଦେଶବ୍ୟାପି ଏହି ଆନ୍ଦୋଳନ ଜାରି ରହିବ । ଭୁବନେଶ୍ୱରରେ ଅନୁଷ୍ଠିତ ଗଣଧାରଣାରେ କୃଷକନେତା ସୁରେଶ ପାଣିଗ୍ରାହୀ, କ୍ଷୀରୋଦ କୁମାର ସିଂଦେଓ , ଜ୍ୟୋତି ରଞ୍ଜନ ମହାପାତ୍ର, ଜଗନ୍ନାଥ ମିଶ୍ର, ମହେନ୍ଦ୍ର ପରିଡା, ସନ୍ତୋଷ ରଥ, ଅମୀୟ ପଟ୍ଟନାୟକ, ସୁଦର୍ଶନ ପ୍ରଧାନ, ନରେନ୍ଦ୍ର ମହାନ୍ତି, ଅଭିରାମ ବେହେରା, ଦାସରଥି ବେହେରା, ରାକେଶ କାନୁନ୍‌ଗୋ, ନୃସିଂହ ବେହେରା, ବିଜୟ ସାହୁ, ଚାମ୍ପରୁ ସୋରେନ୍ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । କୃଷକ ଆନ୍ଦୋଳନକୁ ସଂହତି ଜଣାଇ ଶ୍ରମିକ ସଂଗଠନମାନଙ୍କ ତରଫରୁ ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ବିଷ୍ଣୁ ମହାନ୍ତି, ରାମକୃଷ୍ଣ ପଣ୍ଡା, ବିରେନ୍ଦ୍ର ପ୍ରତାପ ଦାସ, ପୂର୍ଣ୍ଣ ଚନ୍ଦ୍ର ବେହେରା, ଶିବରାମ, ରାଧାକାନ୍ତ ସେଠୀ, ନାରାୟଣ ଡାଲୁଅ, ପ୍ରଦୀପ୍ତ ନାୟକ, ରାଜେନ୍ଦ୍ର ପ୍ରସାଦ, ବିଜୟ ମହାନ୍ତି, ନିରଞ୍ଜନ ମହାନ୍ତି, ପ୍ରଭାତ ପାଣିଗ୍ରାହୀ, ବଂଶୀଧି ପରିଡା ପ୍ରମୁଖ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ । ଏହା ସହିତ ଆଜିର ଆନ୍ଦୋଳନରେ ବରିଷ୍ଠ ଶ୍ରମିକ ନେତା ଜନାର୍ଦ୍ଦନ ପତି, କିଶୋର ଜେନା, ପୂର୍ଣ୍ଣଚନ୍ଦ୍ର ପାଢୀ, ଦୁଷ୍ମନ୍ତ ଦାସ, ଜୟନ୍ତ ଦାସ, ସତୀଶ୍ ମିଶ୍ର, ମହିଳା ନେତ୍ରି ପ୍ରଣତୀ ମିଶ୍ର, ପ୍ରମୋଦିନୀ ପାଇକରାୟ, ତାପସୀ ପ୍ରହରାଜ, ମିନତୀ ପାଣିଗ୍ରାହୀ, ପ୍ରମୋଦିନୀ ସାହୁ, ପ୍ରମିଳା, ବନଲତା ବେହେରା, ମାଳତି ରାଉତ, ହେନାରାଣୀ ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବନେତା ଯତୀନ୍ ମହାନ୍ତି, ଛାତ୍ରନେତା ସୁବାଷ ନାୟକ, ସାମାଜିକ କର୍ମୀ ମହମ୍ମଦ ସୁକ୍କୁ ପ୍ରମୁଖ ସଂହତି ଜଣାଇ ବକ୍ତବ୍ୟ ରଖିଥିଲେ । କୃଷି ଓ କୃଷକ ବିରୋଧୀ ଆଇନ ଯେତେ ଦିନ ପର୍ଯ୍ୟନ୍ତ ରଦ୍ଦ କରାନଯାଇଛି ସେ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଧାରଣା, ସଭା , ବିକ୍ଷୋଭ ଏବଂ ଶୋଭାଯାତ୍ରା ମାଧ୍ୟମରେ ଆନ୍ଦୋଳନ ଜାରି ରହିବ ବୋଲି ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ତରଫରୁ କୁହାଯାଇଛି ।

## ଲିଙ୍ଗରାଜ ମନ୍ଦିର ସ୍ୱତନ୍ତ୍ର ....

ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଓଡ଼ିଶା କ୍ୟାବିନେଟ୍ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଅନୁରୂପ ଶ୍ରୀଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶକୁ ଅନୁମୋଦନ କରିଛନ୍ତି । ଏକାଦଶ ଶତାବ୍ଦୀର ଏହି ଶୈବପୀଠ ବର୍ତମାନ ଓଡ଼ିଶା ହିନ୍ଦୁ ଦେବୋତର ଆଇନ ବଳରେ ପରିଚାଳିତ ହେଉଛି ଏବଂ ଏହାର ନୀତିକାନ୍ତି ତଥା ପରିଚାଳନାର ଉତମ ରୂପାୟନ ନିମନ୍ତେ ଶ୍ରୀଲିଙ୍ଗରାଜ ମନ୍ଦିର ଆଇନ ସହାୟକ ହେବ । ଲିଙ୍ଗରାଜ ମନ୍ଦିର ଆଇନ ଅନୁସାରେ ମନ୍ଦିରର ସେବା, ପୂଜା ଓ ନୀତି ସମେତ ସମସ୍ତ ବ୍ୟାପାର ପରିଚାଳନା କରିବା ପାଇଁ ଏକ ୧୫ ଜଣିଆ ପରିଚାଳନା କମିଟି ଗଠନ କରାଯିବ । ଏହି କମିଟି ମନ୍ଦିର ପ୍ରଶାସନ ସହିତ ମନ୍ଦିର ବାହାରେ ଥିବା ବିଭିନ୍ନ ମନ୍ଦିର ଓ ମଠଗୁଡ଼ିକର ସଂପତିର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ । ମନ୍ଦିରର ଦୈନନ୍ଦିନ ବ୍ୟାପାର ପରିଚାଳନା ପାଇଁ ଜଣେ ପ୍ରଶାସକ ନିଯୁକ୍ତ ହେବେ ଏବଂ ଏହାର ବଜେଟ୍, ଅଡିଟ୍ ଓ ପରିଦର୍ଶନ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ । ଏପରି ଆଇନ ମନ୍ଦିରର ସୁରକ୍ଷା, ସଂପତିର ପରିଚାଳନା ଏବଂ ଜବରଦଖଲକାରୀଙ୍କ ଉଚ୍ଛେଦରେ ସହାୟକ ହେବ ବୋଲି ସେ କହିଛନ୍ତି । ବର୍ତମାନ ବିଧାନସଭା ବନ୍ଦ ଥିବାରୁ ଅଧ୍ୟାଦେଶ ଜରିଆରେ ଏହି ନୂତନଆଇନର ବ୍ୟବସ୍ଥା କରାଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ୨ ତାରିଖରେ ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଆଇନ ପ୍ରଣୟନ ସମ୍ପର୍କରେ ଘୋଷଣା କରିଥିଲେ ।

## ଆରଟିଆଇ କର୍ମୀଙ୍କ ...

ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି ଯେ ରଂଜନଙ୍କ ପରିବାରକୁ ନ୍ୟାୟ ଦେବା ଏବଂ ରଞ୍ଜନ ହତ୍ୟାକାଣ୍ଡର ସତ୍ୟାସତ୍ୟ ଉନ୍ମୋଚନ ଓ ଅପରାଧୀଙ୍କୁ ଗିରଫ ପାଇଁ ଓଡ଼ିଶା ପୋଲିସ୍ ବିଫଳ ହୋଇଥିବାରୁ ସିବିଆଇ ତଦନ୍ତ ଦାବୀ କରୁଛୁ ।କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ପାକଳ, ସଂଯୁକ୍ତା ପାଣିଗ୍ରାହୀ, ରଞ୍ଜୁଲତା ମହାପାତ୍ର, ସୁଧୀର ମହାନ୍ତି, ପ୍ରଶାନ୍ତ ରାଉତରାୟ, ପ୍ରତାପ ମହାନ୍ତି, ପ୍ରକାଶ ଦାସ, ବଟକୃଷ୍ଣ ସାହୁ, ଭୀମସେନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ଜେଲ ଫେରନ୍ତା ....

ଜେଲ କର୍ତୃପକ୍ଷ ଓ ପୁଲିସ କର୍ମଚାରୀଙ୍କ ବିନା ସହଯୋଗରେ ଏଭଳି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି । ତେବେ ଏନେଇ ବାଲେଶ୍ୱର ଏସପିଙ୍କୁ ସୁଧାଂଶୁ ଶେଖର ମିଶ୍ରଙ୍କୁ ପଚାରିବାରୁ ଏହି ଘଟଣାରେ ଯାଞ୍ଚ ଚାଲିଥିବା କହିଥିଲେ । ଏହି ବ୍ରାଉନସୁଗାର କାରବାରରେ ଯଦି କୌଣସି ଜେଲ କର୍ମଚାରୀ କିମ୍ବା ପୁଲିସ ସମ୍ପୃକ୍ତି ଥାଏ, ତାହାଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ ।

## ପରୀ ହତ୍ୟା ....

ଅଡିଓ ଭାଇରାଲ ହେବା ପରେ ମୁଖ୍ୟମନ୍ତ୍ରୀ କାହିଁକି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି । ଶିଶୁ ସୁରକ୍ଷା ଆୟୋଗ ନାବାଳିକା ହତ୍ୟାକାରୀକୁ ଦଣ୍ଡ ନୁହେଁ ବରଂ ମନ୍ତ୍ରୀଙ୍କୁ ସୁରକ୍ଷା ଦେବାର କାର୍ଯ୍ୟ କରୁଛନ୍ତି । ପରୀକୁ ନ୍ୟାୟ ଦେବା ପାଇଁ ଯଦି ରାଜ୍ୟ ସରକାରଙ୍କ ଆନ୍ତରିକତା ଅଛି ତେବେ ଏବି ଜଘନ୍ୟ ହତ୍ୟାକାଣ୍ଡର ତଦନ୍ତ ଭାର ସିବିଆଇକୁ ଦିଆଯାଉ ଏବଂ ମୁଖ୍ୟ ଅଭିଯୁକ୍ତକୁ ସୁରକ୍ଷା ଦେଉଥିବା ମନ୍ତ୍ରୀ ଅରୁଣ ସାହୁଙ୍କ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ଶ୍ରୀମତୀ ପଟ୍ଟନାୟକ ଦାବି କରିଛନ୍ତି । ଏହି ବିକ୍ଷୋଭ ସମୟରେ ରଶ୍ମିରେଖା ଦାସ, ଐଶ୍ୱର୍ଯ୍ୟା ବିଶ୍ୱାଳ, କସ୍ତୁରି ମିଶ୍ର, ମନ୍ଦାକିନି ପାତ୍ର, ତୃପ୍ତି ମକଦ୍ଦମ, ସୁବାସିନୀ ପୃଷ୍ଟି, ମାନସୀ ରାୟ ପାଢୀ, ସୁନୀତା ପତି, ବନ୍ଦନା କାନୁନଗୋ, ସୁଜାତା ପାଢୀଙ୍କ ସମେତ ମହିଳା ମୋର୍ଚ୍ଚାର ଅନେକ କାର୍ଯ୍ୟକର୍ତା ସାମିଲ ଥିଲେ ।

## ମୋଡାଲିଟି ନିର୍ଦ୍ଧାରଣ.....

ସାମାଜିକ ଦୂରତା, ମନ୍ଦିର ଦ୍ୱାରରେ ସାନିଟାଇଜର ରଖିବା ଓ ବାରମ୍ବାର ମନ୍ଦିର ବିଶୋଧନ କରିବାକୁ ପ୍ରସ୍ତାବ ଦିଆଯାଇଛି । କେବଳ ଦର୍ଶନ କରାଯିବ । ହେଲେ ବଡ଼ ପୂଜା ହେବ ନାହିଁ । ଏ ସବୁ ମାନି ମନ୍ଦିର ଖୋଲି ପାରିବ ବୋଲି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ନ ମାନିଲେ ମନ୍ଦିର ଖୋଲିବ ନାହିଁ । ଚୂଡ଼ାନ୍ତ ନିଷ୍ପତି ରାଜ୍ୟ ସରକାର ନେବେ ବୋଲି କହିଛନ୍ତି ଦେବୋତର ନିରୀକ୍ଷକ ନିରୋଜ ଛୋଟରାୟ ।

# ତୃତୀୟ ଲିଙ୍ଗଙ୍କୁ ମିଳିଲା ଭତ୍ତା



ଭଦ୍ରକ,୧୪।୧୨ (ନି.ପ୍ର):ଭଦ୍ରକ ଜିଲ୍ଲାରେ ରହିଥିବା ତୃତୀୟ ଲିଙ୍ଗଙ୍କୁ ପ୍ରଥମ ଥର ଲାଗି ଭତ୍ତା ପ୍ରଦାନ କରାଯାଇଛି । ଭଦ୍ରକ ଜିଲ୍ଲାର ଅର୍ଦ୍ଧନାରୀଶ୍ୱର କିନ୍ନର ମହାସଂଘ ପକ୍ଷରୁ ବହୁଦିନ ଧରି ହୋଇ ଆସୁଥିବା ଦାବୀ ଏବେ ପୂରଣ ହୋଇଛି । ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ଭତ୍ତା ବଣ୍ଟନ କରିଥିଲେ । ଏହି ପ୍ରକ୍ରିୟାରେ ଆଜି ମାଧବୀ ପତି, ସୀମା ଟାଙ୍ଗୁର, ସୁନିତା ମହାନ୍ତ, ସଞ୍ଜନା ସାସ୍‌ମଲ, ଶ୍ରାବଣୀ କିନ୍ନର, ଚମ୍ପା ନାୟକ, ପାୟଲ କିନ୍ନର ପ୍ରମୁଖଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ୨୦୨୦ ନଭେମ୍ବର ଓ ଡିସେମ୍ବର ୨ ମାସର ଭତ୍ତା ବାବଦକୁ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଏବିଭିପିର ନଗର ସମ୍ମିଳନୀ

ଜଳେଶ୍ୱର,୧୪।୧୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଜଳେଶ୍ୱର ନଗର ଶାଖା ତରଫରୁ ସ୍ଥାନୀୟ ଶିଶୁ ମନ୍ଦିରରେ ନଗର ସମ୍ମଳନୀ ଅନୁଷ୍ଠିତ ହୋଇ ଯାଇଛି । ଏହି ନଗର ସମ୍ମିଳନୀରେ ଏବିଭିପିର ରାଷ୍ଟ୍ରିୟ କାର୍ଯ୍ୟକାରିଣୀ ସଦସ୍ୟ ସୌଭାଗ୍ୟ ମହାନ୍ତି, ସଂଗଠନର ବିଚାର ଉପରେ ଆଲୋଚନା କରିଥିଲେ । ବାଲେଶ୍ୱର ଜିଲା ପ୍ରମୁଖ ଅଧ୍ୟାପକ ପ୍ରତ୍ୟୁଷ ବେହେରା, ଏବିଭିପିର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଏଥିରେ ଅଧ୍ୟାପକ ଅନନ୍ତ ଦାସ ରାଷ୍ଟ୍ରିୟ ବିଚାରରେ ଛାତ୍ରର ଭୂମୀକା ଦର୍ଶାଇଛନ୍ତି । କାଳୀଚରଣ ରାଜ ସାମ୍ପ୍ରତିକ ପରିସ୍ଥିତିରେ ସଂଗଠନର ଭୂମିକା କଣ ରହିଛି ଦର୍ଶାଇଥିଲେ । ଏହି କାର୍ଯ୍ୟକ୍ରମରେ ନୂତନ ସଭାପତି କୌଶିକ ପଣ୍ଡା , ଉପସଭାପତି ବ୍ରହ୍ମଜ୍ୟାତି କର, ନଗର ସଂପାଦକ ସୌମ୍ୟରଂଜନ ରାଜ, ରଶ୍ମିତା ପାଲ, ପ୍ରିୟଙ୍କା ଦାସ, ପ୍ରତାପ କୁମାର ସେନାପତି, ଅଲିପ କୁମାର ଭୂୟାଁ, ଅଂଶୁମାନ ମହାନ୍ତି, ଗୌରଗୋପାଳ ସାହୁ ଓ ଅନ୍ୟକାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ମଙ୍ଗଳବାର,୧୫ ଡିସେମ୍ବର ୨୦୨୦
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

## ନୂତନ କୃଷି ଅଇନ କାର୍ଯ୍ୟକାରୀ ହେଲେ ୨୦ କୋଟି ଅଣକୁଶଳି ବେକାରୀ ହେବେ

ଭୁବନେଶ୍ୱର, ୧୪ ଡିସେମ୍ବର (ହି.ସ.) – ନୂତନ କୃଷି ଆଇନ କାର୍ଯ୍ୟକାରୀ ହେଲେ କଂଟ୍ରାକ୍ଟ ଫାର୍ମିଙ୍ଗରେ ଅଧିକ ପୁଞ୍ଜି ଓ ଅତ୍ୟାଧୁନିକ ଯନ୍ତ୍ରପାତି ଲାଗିବା ଫଳରେ ଦେଶରେ ଥିବା ପ୍ରାୟ ୨୫ କୋଟିରୁ ଉର୍ଦ୍ଧ୍ୱ ଅଣକୁଶଳୀ ଶ୍ରମିକମାନଙ୍କ ମଧ୍ୟରୁ ୨୦ କୋଟି ଅଣକୁଶଳୀ, ଅଶିକ୍ଷିତ ମହିଳା ଏବଂ କୃଷି ଶ୍ରମିକ ରୋଜଗାର ହରାଇବେ ଏବଂ ଓଡ଼ିଶାର ୯୫ % କ୍ଷୁଦ୍ର ଓ ନାମମାତ୍ର ଚାଷି ପୁଞ୍ଜିପତି ଓ ଉଦ୍ୟୋଗପତି ସହ ପ୍ରତିଯୋଗିତା ନ କରି ପାରି ତାଙ୍କର ଜମି ପୁଞ୍ଜିପତିମାନଙ୍କୁ ଦେଇ ସେହି ଜମିରେ ନିଜେ ଗୋତି ଖଟିବାକୁ ବାଧ ହେବେ। ପୂର୍ବରୁ ଆମ ଦେଶରେ ମହାତ୍ମାଗାନ୍ଧୀ ଓ ବିନୋବା ଭାବେ ଦିଆଯାଇଥିବା ଭୂମି ଅଧିକାର ଇନ୍ଦିରା ଗାନ୍ଧୀଙ୍କର ବିଶ୍ୱ ସୁତ୍ରି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରେ ଭୂତପୂର୍ବ ସୈନିକ ଓ ଗରିବ ଭୂମିହିନଙ୍କୁ ଦିଆଯାଇଥିବା ଜମି କଂଟାକ୍ଟ ଫାର୍ମିଙ୍ଗ ଜରିଆରେ ପୁଞ୍ଜିପତି ମାନଙ୍କ ହାତକୁ ଚାଲିଯିବ ଓ ଅତ୍ୟାବଶ୍ୟକ ଆଇନ ଫଳରେ ମହଜୁଦକାରୀ ଓ କଳାବଜାରୀ ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ। ଏଣୁ କୌଣସି ପରିସ୍ଥିତିରେ ୩ଟି କୃଷି ଆଇନ ଓ ୪ଟି ଶ୍ରମିକ କୋର୍ଡ଼ ଗ୍ରହଣ କରାଯାଇପାରିବ ନାହିଁ। ଏହି ଚାଷୀ ଆନ୍ଦୋଳନ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ୟୁନିଅନରେ ଥିବା ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମିକ କର୍ମଚାରୀ ଶେଷ ପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ସମର୍ଥନ କରିବେ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଆଜି ପୂର୍ବାହ୍ନରେ ଭୁବନେଶ୍ୱର ଠାରେ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଆନୁକୁଲ୍ୟରେ ଆୟୋଜିତ ଧାରଣା ଓ ଆନ୍ଦୋଳନରେ ଉଦ୍‌ବୋଧନ ଦେଇ କହିଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି-ମଦନ ମୋହନ ଧଳ, ସାଧାରଣ ସଂପାଦକ-କିଶୋର ଜେନା, କୋଷାଧ୍ୟକ୍ଷ- ଧରଣୀଧର ସ୍ୱାଇଁ,ଚାଷୀମୂଲିଆ ସଂଘର ସାଧାରଣ ସଂପାଦକ - ସତ୍ୟବ୍ରତ ନାୟକଙ୍କ ସମେତ ଶତାଧିକ ଲୋକ ଯୋଗ ଦେଇଥିଲେ।

# ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ଧାରଣା



ବାଲେଶ୍ୱର,୧୪।୧୨ (ନି.ପ୍ର): କେନ୍ଦ୍ରର ସରକାରଙ୍କ ନୂତନ କୃଷି ଆଇନ୍ ଏବଂ ବିଦ୍ୟୁତ୍ ଆଇନ୍ ପ୍ରତ୍ୟାହାରି ଦାବିରେ ସୋମବାର ଦିନ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ବର୍ଷିଆନ୍ ନେତା ଗୌରାଙ୍ଗ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବିଭିନ୍ନ କୃଷକ, ଶ୍ରମିକ ଓ ସାମାଜିକ ସଂଗଠନ ପକ୍ଷରୁ ଶିଶିର ହୁଇ, ନିରଞ୍ଜନ ବାରିକ୍, ସଂଜୀବ ଗିରି, ଭାଗବତ ପ୍ରତିହାରୀ, ନିରାକାର ପାଣ୍ଡବ, ଅରୁଣ ଜେନା, ମମତା କୁଣ୍ଡୁ, ପ୍ରଦୀପ୍ତ ପଣ୍ଡା, ମନୋଜ ନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବିଧାନ ଚନ୍ଦ୍ର ରାୟ, ସୀତାଂଶୁ ସେନାପତି, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଦିଲ୍ଲୀପ ଗିରି, ସୁରଜିତ୍ ପୋଥାଳ, ପୁରୁଷୋତ୍ତମ ସାହୁ, କୈଳାସ ଚନ୍ଦ୍ର ପଣ୍ଡା, ବିକାଶ ଦାସ, ବନ୍ଦନା ବିଶ୍ୱାସ, ପ୍ରେମରଞ୍ଜନ ପାତ୍ର, ଆଲୋକ ଦାସ, ନିକୁଞ୍ଜ ବସନ୍ତ ରାୟ, ରଣଜିତ୍ ପଟ୍ଟନାୟକ, ପ୍ରଶାନ୍ତ ଦାସ, ପ୍ରଦୀପ ସ, ନିର୍ମଳ ନାୟକ, ପଞ୍ଚାନନ ପରିଡ଼ା, ଆକବର ଶାହା, ଅନାମ ପ୍ରସାଦ ବାରିକ, ଅନୁଜ ମହାପାତ୍ର, ଇଷାଣୀ ଷଡ଼ଙ୍ଗୀ, ବନ୍ଦନା ବିଶ୍ୱାସ, ହରପ୍ରିୟା ଜେନା, ମାୟାଧର ନାୟକ, ନିରଞ୍ଜନ ପରିଡ଼ା, ବିଜୟ ପାତ୍ର, ବେଣୁଧର ବାରିକ, ଶ୍ୟାମସୁନ୍ଦର ଜେନା, ରାଜକିଶୋର ଲେଙ୍କା, ସନ୍ତୋଷ ବିଶ୍ୱାଳ, ବିଜୟ ସ, ଅନାମ ପ୍ରସାଦ ବାରିକ, ଶ୍ରୀଧର ମଲ୍ଲିକ୍ ଓ ଯତୀନ୍ ପାତ୍ର ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତ କୃଷି ଆଇନ୍‌କୁ ତୀବ୍ର ସମାଲୋଚନା କରିଥିଲେ। ଏହି କଳା ଆଇନ୍‌ଗୁଡ଼ିକ କୃଷକମାନଙ୍କୁ ପ୍ରଭୁତ ଲାଭ ଦେବ ବୋଲି କେନ୍ଦ୍ର ସରକାର ପ୍ରଚାର କରୁଛନ୍ତି। କିନ୍ତୁ, ଏହି ଆଇନ ଚାଷୀମାନଙ୍କୁ ମୂଲିଆରେ ପରିଣତ କରିଦେବ ଓ ସେମାନଙ୍କର ସର୍ବନାଶ କରାଇବ। ସେହିପରି ପ୍ରସ୍ତାବିତ ବିଦ୍ୟୁତ୍ ଆଇନ୍ ବୋଝ ଉପରେ ଲଳିତା ବିଡ଼ା ସଦୃଶ ହେବ ବୋଲି ବକ୍ତାମାନେ କହିଥିଲେ। କୃଷକମାନଙ୍କର ଦରଦୀ ବନ୍ଧୁ ବୋଲି କେନ୍ଦ୍ର ସରକାର ନିଜର ଡିଣ୍ଡିମ ପିଟୁଥିଲାବେଳେ ଦିଲ୍ଲୀଠାରେ ବସିଥିବା ଲକ୍ଷଲକ୍ଷ ଚାଷୀଙ୍କୁ ଅଣଚାଷୀ କହିବା, ଦେଶଦ୍ରୋହୀ ଆଖ୍ୟା ଦେବା, ମଣ୍ଡି ଦଲାଲ୍ ବୋଲି କହିବା ଏବଂ ଏମାନେ ପାକିସ୍ତାନ ଏବଂ ଚାଇନାର ଏଜେଣ୍ଟ୍ ବୋଲି କହି ଅପପ୍ରଚାର ନିଜର କେତେକ ଗଣମାଧ୍ୟମରେ ଦିନରାତି ପ୍ରଚାର କରି ଚାଲିଛନ୍ତି। କେନ୍ଦ୍ର ସରକାର ଆଲୋଚନା ଚାଷୀ ନେତାମାନଙ୍କ ସହିତ କରୁଥିଲେ ମଧ କୃଷି ଆଇନ ପ୍ରତ୍ୟାହାର ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ସରକାର ଯେଉଁ ଆଇନ୍‌ରେ ସଂଶୋଧନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ତାହା ଏକ ବର୍ଣ୍ଣନାର ଫର୍ଦ୍ଦ ଛଡ଼ା କିଛି ନୁହେଁ। ଚାଷୀ ସଂଗଠନମାନେ କୃଷି ଆଇନ୍ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ଘୋଷଣା କରିଛନ୍ତି। ଗଣଧାରଣା ପୂର୍ବରୁ କୃଷକମାନେ ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଶ୍ରୀମନ୍ଦିର ଖୋଲିବା ନିଷ୍ପତ୍ତି ପାଇଁ ଟ୍ୱିଟ୍ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୧୪।୧୨ (ନି.ପ୍ର): ପୁରୀ ଶ୍ରୀମନ୍ଦିର ଆସନ୍ତା ୨୩ ତାରିଖରୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯିବାର ନିଷ୍ପତି ନେଇ ଲୋକ ମାନଙ୍କର ବିଶ୍ୱାସ ଓ ଭାବାବେଗକୁ ସମ୍ମାନ ଦେଉଥିବାରୁ ଛତିଶା ନିଯୋଗ ଓ ମନ୍ଦିର ପ୍ରଶାସନକୁ ଟ୍ୱିଟ୍ ଯୋଗେ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହାସହ ରାଜ୍ୟ ସରକାର ଓ ପ୍ରଶାସନର ନିୟମ ମାନି ଦର୍ଶନ କରିବାକୁ ସମସ୍ତ ଅପେକ୍ଷାରତ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ "ଓଡ଼ିଶାର ଲୋକଙ୍କ ଭାବାବେଗ ସହ ଜଡ଼ିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ଆସନ୍ତା ୨୩ ତାରିଖରୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯିବା ଅତି ଆନନ୍ଦର ବିଷୟ । ଲୋକ ମାନଙ୍କର ବିଶ୍ୱାସ ଓ ଭାବାବେଗକୁ ସମ୍ମାନ ଦେଇ ଶ୍ରୀମନ୍ଦିର ଖୋଲିବାକୁ ନିର୍ଣ୍ଣୟ ନେଇଥିବାରୁ ଛତିଶାନିଯୋଗ ଏବଂ ମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଉଛି"। "କରୋନା ସଂକ୍ରମଣର ବିପଦକୁ ଧ୍ୟାନରେ ରଖି ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତସମସ୍ତ ନୀତି ଓ ନିୟମକୁ ପାଳନ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇବା ପାଇଁ ଅପେକ୍ଷାରତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନୁରୋଧ" ।

## ଘରୋଇ କଳିରୁ ଶାଶୁ ଓ ବୋହୂ ବିଷ ପିଇ ଗୁରୁତର

ଜଳେଶ୍ୱର,୧୪।୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ନଛିମପୁର ପଂଚାୟତ ଅନ୍ତର୍ଗତ ନାଙ୍ଗୁରସାହି ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ଆଜି ମଧ୍ୟାହ୍ନରେ ଶାଶୁ ଓ ବୋହୂ ଉଭୟେ ବିଷପିଇ ଗୁରୁତର ହୋଇ ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଦେବୁ ଦାସଙ୍କ ପତ୍ନୀ ସୁସ୍ମିତା (୨୭) ଓ ଶାଶୁ ରେଣୁକା ଦାସ(୭୦) ବୋଲି ଜଣାଯାଇଛି ।

## ଗୋଟିଏ ଦିନରେ ୩୩୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୪।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୩୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୪୦୮୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୧୯୦୬୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୧୫୬ ରହିଛି । ଆଜି ଚିହ୍ନଟ ହୋଇଥିବା ୩୩୨ ଜଣଙ୍କ ମଧ୍ୟରୁ ୧୮୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୫୧ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।

## ବୋହୂ ପୋଡି ଘଟଣା : ଜୀବନ ସହ ସଂଗ୍ରାମ କରି ହାରିଗଲେ ମିନତୀ

### ନ୍ୟାୟ ଦାବିରେ ଥାନା ଘେରିଲେ ପରିବାର ଓ ମହିଳା ସଂଘ



ଖଇରା,୧୪।୧୨ (ନି.ପ୍ର): ଜୀବନ ସହିତ ସଂଗ୍ରାମ କରି ଶେଷରେ ଜୀବନ ଯୁଦ୍ଧରେ ହାରିଗଲେ ମିନତୀ। ଯୌତୁକ ଦାବି କରି ବହୂକୁ କିରୋସିନି ଢାଳୀ ପୋଡି ମାରିଦେଲେ ଶଶୂର ଘର ଲୋକେ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖଇରା ବ୍ଲକ୍ ଶାଳଗଡିଆ ଗ୍ରାମରେ। ଘଟଣାରୁ ପ୍ରକାଶ ଯେ ଗତ ଡିସେମ୍ବର ୨ତାରିଖ ଦିନ ଶାଳଗଡିଆ ଗ୍ରାମର ନନ୍ଦକିଶୋର ନାୟକଙ୍କ ପତ୍ନୀ ମିନତୀ ନାୟକ (୨୯)ଙ୍କୁ ପରିବାର ଲୋକେ କିରୋସିନୀ ଢାଳୀ ପୋଡିଦେଇଥିଲେ। ମିନତୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଆଗରପଡା ମେଡିକାଲ ଏବଂ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏବିଷୟରେ ମିନତୀଙ୍କ ଭାଇ କାଳନ୍ଦୀ ବେହେରା ୬ତାରିଖ ଦିନ ଖଇରା ଥାନାରେ ତାଙ୍କ ଭଉଣୀ ମିନତୀଙ୍କୁ ଯୌତୁକ ପାଇଁ ଶଶୂର, ଶାଶୁ ଏବଂ ସ୍ୱାମୀ କିରୋସୀନି ଢାଳି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବାନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶାଶୁ, ଶଶୂର ଏବଂ ସ୍ୱାମୀଙ୍କୁ ଥାନାକୁ ଆଣି ତଦନ୍ତ ଚଳାଇଥିଲେ। ତଦନ୍ତ ପରେ ସ୍ୱାମୀ କାଳନ୍ଦୀଙ୍କ ନାମରେ (୨୬୨/୨୦) ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବାବେଳେ ଶଶୂର ଏବଂ ଶାଶୂ ବାର୍ଦ୍ଧକ୍ୟ ଅବସ୍ଥା ହେବା ସହିତ ଅସୁସ୍ଥ ଥିବା କାରଣରୁ ତାଙ୍କୁ ଛାଡିଦେଇଥିଲେ। ହେଲେ କଟକ ମେଡିକାଲରେ ଚିକିତ୍ସାଧିନ ଥିବା ମିନତୀ ଗତକାଲି ପ୍ରାଣତ୍ୟାଗ କରିଥିଲେ। ଏନେଇ ଆଜି ମିନତୀଙ୍କ ପରିବାର ସଦସ୍ୟ ଏବଂ ବାଲେଶ୍ୱରରେ ଥିବା ସାବିତ୍ରୀ ବାଇ ଫୁଲେ ମହିଳା ସଂଘର ସଦସ୍ୟା ମାନେ ମିନତୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଖଇରା ଥାନା ସମ୍ମୁଖରେ ଶବରଖି ଧାରଣା ଦେବା ସହିତ ଶାଶୂ ଓ ଶଶୂରଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ଏହି ସମୟରେ ପୋଲିସ ଏବଂ ଧାରଣାରେ ବସିଥିବା ପରିବାର ଲୋକଙ୍କ ସହିତ ଯୁକ୍ତିତର୍କ ହେବା ସହିତ ଧସ୍ତାଧସ୍ତି ହୋଇଥିଲା। ପରେ ମିନତୀଙ୍କ ପରିବାର ଓ ମହିଳା ସଂଘର ସଦସ୍ୟ ମାନଙ୍କ ସହିତ ଆଇଆଇସି ସୁବ୍ରତ କୁମାର ବେହେରାଙ୍କ ମଧ୍ୟରେ ଆଲୋଚନା ହେବାପରେ ପରିବେଶ ଶାନ୍ତ ପଡିଥିଲା।

## କୁମାରସ କ୍ଲବ ଅନୁକୂଲ୍ୟରେ ଭପୁଟ ଠାରେ ସର୍ଟ ସର୍କଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ବାରିପଦା,୧୪।୧୨ (ନି.ପ୍ର): କୁମାରସ କ୍ଲବ ଆନୁକୂଲ୍ୟରେ ଭପୁର ସ୍ଥିତ ଜଗଧାତ୍ରି ପଡିଆରେ ହେଉଥିବା ସର୍ଟ ସର୍କଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଦୁଇ ଦିନ ଧରି ୧୧ ଏବଂ ୧୨ ତାରିଖରେ ଏକ ସର୍ଟ ସର୍କଲ ୧୦ ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟର ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ହୋଉଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚଟି ପ୍ଲେବେକ ଏବଂ କଲେଜ ଫିଲଡ ହଣ୍ଟର ମଧରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପ୍ଲେବେକ ଦଳ ୮୦ ରନରେ ବିଜୟୀ ଲାଭ କରିଥିଲା। ମୁଖ୍ୟ ଅତିଥୀ ଭାବେ ଭଂଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏବଂ ଭସେନାର ସଭାପତି ପିଣ୍ଟୁ ମାଇତି ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ବିଜୟ ଲାଭ କରିଥିବା ପ୍ଲେବେକ ଦଳକୁ ୮୦୦୦ ଟଙ୍କା ଓ ରନର୍ସ ଅଫ ହୋଇଥିବା କଲେଜ ଫିଲଡ୍ ହଣ୍ଟରକୁ ୬୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉକ୍ତ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ରାହୁଲ ଦାସ, ଅବିନାଶ ରଥ, ସୂର୍ଯ୍ୟକାନ୍ତ ପାଣୀ, ସୌରଜିତ ନାୟକ, ସତ୍ୟଜିତ ସ୍ୱାଗତ, ରାକେଶ, ବାପୁନ, ଅଶ୍ୱନୀ ବେହେରା, ଶାନ୍ତନୁ ମାଇତି, ଶ୍ରେତ ଦାସ, ସତ୍ୟବ୍ରତ ଧଳ, ସୁରଜ ଧଳ ଆଦି କ୍ଲବ ମେମ୍ବରଙ୍କ ସହଯୋଗରେ କୋଭିଡ ନିୟମକୁ ଅନୁପାଳନ ପୂର୍ବକ ଉଦଯାପିତ କରାଯାଇଥିଲା।

## ଗୁଡୁଦା ଗ୍ରାମରେ କଳାଘୋଡ଼ା ଟେରାକୋଟା ପ୍ରଶିକ୍ଷଣ କର୍ମଶାଳା

ବାଲେଶ୍ୱର,୧୪।୧୨ (ନି.ପ୍ର): ବାଲେଶ୍ୱରୀ କଳାକେନ୍ଦ୍ର ପକ୍ଷରୁ ରେମୁଣା ବ୍ଲକ ଗୁଡୁଦା ପଞ୍ଚାୟତରେ ୩ଦିନିଆ କଳାଘୋଡ଼ା ଟେରାକୋଟା ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ପୌଷ୍ୟ କଳାଗ୍ରାମ ତଥା କଳାଘୋଡ଼ାର ଦେଶ ଗଗୁଡୁଦା ହାଟଠାରେ ଆୟୋଜିତ ଏହି କର୍ମଶାଳାକୁ ରେମୁଣା ତହସିଲଦାର ଚାର୍ଲସ ନାୟକ ନିଜ ହାତରେ ସୁନ୍ଦର ମାଟିଘୋଡ଼ା ତିଆରି କରି ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରାଚୀନ ଉତ୍କଳୀୟ ମୃତ୍ତିକା କଳାକୁ ଉଜ୍ଜୀବିତ ରଖିବାରେ ବାଲେଶ୍ୱରୀ କଳାକେନ୍ଦ୍ର ଓ ଗୁଡୁଦା ପଞ୍ଚାୟତବାସୀଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ରେମୁଣା ବ୍ଲକ କଳା ସଂସ୍କୃତି ସଂଘର ସଭାପତି ଦୀନକୃଷ୍ଣ ଦାସ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ପତି, ବରିଷ୍ଠ କୁମ୍ଭକାର ଅନ୍ତର୍ଯ୍ୟାମୀ ମୁଦୁଲିଙ୍କ ସମେତ ରଶ୍ମିରଂଜନ ସାସ ଓ ରଶ୍ମିତା ସାହୁ ଏଥିରେ ଅତିଥି-ବକ୍ତା ଭାବେ ଯୋଗଦେଇ ଆମ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ଆତ୍ମନିର୍ଭରଶୀଳ ହେବା ପାଇଁ ଏହି ଟେରାକୋଟା କଳାର ବିକାଶ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ରାଜବଲ୍ଲଭ ସାହୁ, ସୁଶାନ୍ତ ନାୟକ, ବ୍ରଜ ଷଡ଼ଙ୍ଗୀ, ଶ୍ରୀକୃଷ୍ଣ ଖଣ୍ଡା, ମୁକ୍ତିପଦ ନନ୍ଦି, କଲ୍ୟାଣ ବାରିକ, ଅରୁଣ ବାରିକ, ଦେବାଶିଷ ପତି, ରୂପକ ଦାସ, ଉତ୍ତମ ମହାଳିକ, ଦୀନକୃଷ୍ଣ ଧଳ ପ୍ରମୁଖ ମୃତ୍ତିକା ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁଡୁଦା ଗ୍ରାମ ପଞ୍ଚାୟତର ସରପଞ୍ଚ ବସନ୍ତ ପ୍ରଧାନ ଏହି ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ବାଲେଶ୍ୱରୀ କଳାକେନ୍ଦ୍ରର ମୁଖ୍ୟ କେଶୁ ଦାସ ଏଥିରେ ସଂଯୋଜନା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି କର୍ମଶାଳାରେ ଯୋଗଦେଇ ସୁନ୍ଦର ସୁନ୍ଦର ଘୋଡ଼ା ତିଆରି କରିଥିଲେ। ଶଷରେ କମଳାକାନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନଦୀପାର୍ଶ୍ୱବନ୍ଧ ସୌନ୍ଦର୍ଯ୍ୟକରଣ ପାଇଁ ସାଂସଦ ଓ ବିଧାୟକଙ୍କ ସର୍ବେକ୍ଷଣ



ଭଦ୍ରକ,୧୪।୧୨ (ନି.ପ୍ର): ବୈତରଣୀ ନଦୀର ଚାନ୍ଦବାଲି ପାର୍ଶ୍ୱକୁ ଥିବା ନଦୀବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ଆଜି ଏକ ଟିମ୍ ସର୍ବେକ୍ଷଣ କରିଛନ୍ତି। ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ସହିତ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ନାୟକ, ପୂର୍ବତନ ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଆଜି ଏହି ନଦୀବନ୍ଧ ବୁଲି ଦେଖିବା ସହ ସୌନ୍ଦର୍ଯ୍ୟ କରଣ ନିମନ୍ତେ ଖସଡା ପ୍ରସ୍ତୁତ କରିବାକୁ ଜଳସେଚନ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଭଦ୍ରକ ସହରର ମୁଖ୍ୟନାଳ ଉପରେ ବେଆଇନ ଗୃହ ନିର୍ମାଣ

### ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଭଦ୍ରକ ଜିଲ୍ଲା ନାଗରିକ ସମାଜର ଦାବୀ



ଭଦ୍ରକ,୧୪।୧୨ (ନି.ପ୍ର): ଭଦ୍ରକ ସହରର ଉଦ୍‌ବୃତ୍ତ ପାଣି ନିଷ୍କାସନ ପାଇଁ ବ୍ୟବହାର ହୋଇ ଆସୁଥିବା ମୁଖ୍ୟନାଳ ଉପରେ କଚେରୀ ବଜାର ପରିବା ମାର୍କେଟ ନିକଟରେ ପୁରୁଣା ସୁଲଭ ଶୌଚାଳୟର ଉତ୍ତରକୁ ନାଳ ଅବରୋଧ କରି ଏକ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଅଛି। ଉକ୍ତ ନାଳ ବାଗୁରାଇ ଠାରୁ ବାହାରି ବନ୍ତ ଛକଠାରେ ଜାତୀୟ ରାଜପଥକୁ ଅତିକ୍ରମ କରି ସାଳନ୍ଦୀ ନଦୀ ସହିତ ମହିଳା ମହାବିଦ୍ୟାଳୟ ନିକଟରେ ମିଶିଅଛି। ଉପର ବାଗୁରାଇ, ମଣିସାହି ଓ ଡି.ଆର୍.ଡି.ଏ. ଅଫିସ ଠାରୁ ବନ୍ତ ଛକ ମଧ୍ୟରେ ନିର୍ମିତ କଲୋନୀ, ନେହେରୁ ଷ୍ଟାଡିୟମ ଓ ବୁଦ୍ଧନଗରରୁ କଚେରୀ ବଜାର ଅଞ୍ଚଳର ସମସ୍ତ ଉଦ୍‌ବୃତ୍ତ ବର୍ଷାଜଳ ଉକ୍ତ ନାଳ ଦେଇ ପ୍ରବାହିତ ହୋଇଥାଏ। ଉକ୍ତ ନାଳ କେତେକ ସ୍ଥାନରେ ସଂକୁଚିତ ହୋଇଥିବାରୁ ତାହା ଦ୍ୱାରା ବିଭିନ୍ନ ଜନବସତିରେ ରାସ୍ତାଘାଟ ବୁଡିବା, ଘରେ ପାଣି ପଶିବା ଆଦି ବିଭିନ୍ନ ସମସ୍ୟା ବର୍ଷା ଦିନେ ସୃଷ୍ଟି ହୋଇଥାଏ। ଉକ୍ତ ନାଳକୁ ଅବରୋଧ କରି ଏକ ବେଆଇନ ଗୃହ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଯାହାକୁ ଭଦ୍ରକ ଜିଲ୍ଲା ନାଗରିକ ସମାଜ ବିରୋଧ କରିବା ସହ ଏହି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଏକ ଦାବୀପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛି। ପ୍ରାୟ ୨ ବର୍ଷ ତଳେ ନାଳକୁ ଅବରୋଧମୁକ୍ତ କରିବା ନିମନ୍ତେ ଜିଲ୍ଲାପାଳଙ୍କ ପୌରୋହିତ୍ୟରେ ସହରର ଲାଇନ ଡିପାର୍ଟମେଣ୍ଟ, ପୌରପାଳିକା ଅଧିକାରୀ, ତତ୍‌କାଳୀନ ବିଧାୟକ ଓ ଉକ୍ତ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ନାଳ ସମେତ ସହରର ବିଭିନ୍ନ ନାଳକୁ ପରିଷ୍କାର କରିବା ନିମନ୍ତେ ନିଷ୍ପତି ନିଆ ଯାଇଥିଲା। କିନ୍ତୁ ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ମଧ ଉକ୍ତ ନାଳର କୌଣସି ଉନ୍ନତି କରାଯାଇ ନାହିଁ। ଅପରପକ୍ଷରେ ସରକାରୀ ସ୍ତରରେ ଉକ୍ତ ନାଳକୁ ସଂକୁଚିତ କରିବା ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ନାଳକୁ ଅବରୋଧ କରି ଚାଲିଥିବା ଉକ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦୂରଦୃଷ୍ଟି ବିହୀନ ଓ ଏହା ଭବିଷ୍ୟତରେ ଭଦ୍ରକ ସହର ପ୍ରତି ବିପଦ ସୃଷ୍ଟି କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ତୁରନ୍ତ ଗୃହ ନିର୍ମାଣ ବନ୍ଦ କରି ଭଦ୍ରକ ସହରବାସୀଙ୍କୁ ରକ୍ଷା କରିବାକୁ ସଭାପତି ଶାନ୍ତନୁ ରାଉତ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତି ମହାନ୍ତି, ବୈଷୟିକ କମିଟି ଅଧ୍ୟକ୍ଷ ଇଂ ଅଖିଳ ମୋହନ ପାଢୀ, ସଦସ୍ୟ ଇଂ ହରିଶ ଦାସ, ଡାକ୍ତର ହରେକୃଷ୍ଣ ନାୟକ, ଏସ୍.ଏମ୍. ଫାରୁକ, ଲଲାଟେନ୍ଦୁ ମହାନ୍ତି, ଆଇନଜୀବୀ ଦିବ୍ୟସିଂହ ନାୟକ ପ୍ରମୁଖ ଦାବୀ ଜଣାଇ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

## ଦୁଇ ଦିବ୍ୟାଙ୍ଗ ପରିବାରକୁ ସହଯୋଗର ହାତ ବଢ଼ାଇଲା ସେବା ଟ୍ରଷ୍ଟ



ଉଦଳା-୧୪/୧୨(ନି.ପ୍ର)- ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଦୁଇ ଦିବ୍ୟାଙ୍ଗ ପରିବାରକୁ ସହଯୋଗର ହାତ ବଢ଼ାଇଛନ୍ତି ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଦସ୍ୟ ବୃନ୍ଦ । ଉଦଳା ବ୍ଲକ ଅନ୍ତର୍ଗତ ବାଉଁଶପାଳ ଗ୍ରାମର ବସନ୍ତ ମଲ୍ଲିକଙ୍କ ଏକମାତ୍ର ପୁତ୍ର ଦିବ୍ୟାଙ୍ଗ ସାଗର ମଲ୍ଲିକ, ପୁଅର ଜନ୍ମ ପରେ ବାପା ଓ ମାଆ ବାହାରକୁ କାମ କରିବାକୁ ଯାଇ ୯ ବର୍ଷ ଧରି ଘରକୁ ଫେରି ନାହାଁନ୍ତି। ସାଗର ମଲ୍ଲିକଙ୍କ ଜେଜେମାଆ ଦୈପଦୀ ମଲ୍ଲିକ ମଧ ଦିବ୍ୟାଙ୍ଗ । ଦିବ୍ୟାଙ୍ଗ ଜେଜେ ମା, ଦିବ୍ୟାଙ୍ଗ ନାତିର ସମସ୍ତ ଦାୟିତ୍ୱ ବୁଝୁଛନ୍ତି । ଏ ପର୍ଯ୍ୟନ୍ତ ସାଗରଙ୍କୁ ସରକାରୀ ସହାୟତା ମଧ ମିଳିପାରି ନାହିଁ । ସେହିପରି ଉଦଳା ଏନ୍.ଏ.ସି.ର ଭୂମିହୀନ ସୁରେନ୍ ଚୌଧୁରୀଙ୍କ ଏକମାତ୍ର ପୁତ୍ର ଦିବ୍ୟାଙ୍ଗ ଆସୁତୋଷ ସରକାରୀ ସହାୟତାରୁ ବଞ୍ଚିତ ଅଛନ୍ତି। ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା, ସଂପାଦକ ଆଇନଜିବି ବସନ୍ତ କୁମାର ପରିଡ଼ା, ଉପଦେଷ୍ଟା ସତ୍ୟବ୍ରତ ମିଶ୍ର କାର୍ଯ୍ୟକାରୀ ସଂପାଦକ ସୁବ୍ରତ କୁମାର ମହାନ୍ତି, ସଦସ୍ୟ ତାରାକାନ୍ତ ରାୟ ପ୍ରମୁଖ ଏହି ଦୁଇ ପରିବାର ନିକଟରେ ପହଞ୍ଚି ନୂତନ ବସ୍ତ୍ର, କମ୍ବଳ, ଫଳ ଏବଂ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo